

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୧୭ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 17 JUNE 2022
Vol.No. 35 ■ No. 156 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ଅଗ୍ନିପଥ ଯୋଜନାକୁ ବିରୋଧ : ଜାଳି ଦେଲେ ଟ୍ରେନ୍



ପାଟନା, ୧୬/୦୬ : ବିହାରରେ ଅଗ୍ନିପଥ ନିଆଁ। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ଜୋରଦାର ବିରୋଧ କରାଯାଉଛି। ଯୁବପିଢ଼ି ରାସ୍ତା ଉପରକୁ ଓହ୍ଲାଇ ଆସିଛନ୍ତି। ବ୍ୟାପକ ହିଂସାକାଣ୍ଡ ଘଟିଛି। କିଛି ରାଜନୈତିକ ଦଳ ଓ ଯୁବକ ସଙ୍ଗଠନ ଏହି ଯୋଜନା ବିରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ବିକ୍ଷୋଭକାରିମାନେ ଅନେକ ସ୍ଥାନରେ ଯାତ୍ରୀବାହୀ ଟ୍ରେନ୍‌ରେ ନିଆଁ ଲଗାଇଦେଇଛନ୍ତି। ଅନେକ ରେଲୱେ ଷ୍ଟେସନରେ ଭଙ୍ଗାରୁଜା ମଧ୍ୟ କରିଛନ୍ତି। ଛାତ୍ରମାନେ ରେଳ ଧାରଣା ଉପରେ ଧାରଣା ଦେଇଛନ୍ତି। ଏହାସହ ଆରା ଷ୍ଟେସନରେ ଭଙ୍ଗାରୁଜା କରିଛନ୍ତି । ବଭୁଆ- ପାଟନା ଇଣ୍ଟରସିଟି ଏକ୍ସପ୍ରେସରେ ନିଆଁ ଲଗାଇ ଦେଇଛନ୍ତି । ଟ୍ରେନ୍ ସେବା ପୂରାପୁରି ବାଧାପ୍ରାପ୍ତ ହୋଇଛି। ସେହିପରି ଗୁରୁଗ୍ରାମରେ ଦିଲ୍ଲୀ-ଜୟପୁର ହାଇୱେକୁ ଯୁବକମାନେ ଅବରୋଧ କରିଛନ୍ତି। ଏହା ପୂର୍ବରୁ ବକ୍ସର, ମୁଜାଫରପୁର, ଗୟାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। କେବଳ ବିହାର ନୁହେଁ ଗୁରୁଗ୍ରାମରେ ଏହାକୁ ତୀବ୍ର ବିରୋଧ କରାଯାଉଛି। ବିହାରର ବକ୍ସର, ଜାହାନାବାଦରେ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଛାତ୍ରମାନେ ଜାହାନାବାଦରେ ୮୩ ନମ୍ବର ଜାତୀୟ ରାଜପଥ ଏବଂ ୧୧୦ ନମ୍ବର ଜାତୀୟ ରାଜପଥରେ ଟାୟର ଜାଳି ଅବରୋଧ କରିଛନ୍ତି। ଫଳରେ ଯାତାୟତ ଠପ ହୋଇପଡିଛି। କେନ୍ଦ୍ର ସରକାରଙ୍କ ଏହି ଯୋଜନାରେ ସେନାରେ ୪ ବର୍ଷ ପାଇଁ କାମ କରିବା ପରେ ଅବସର ନେବୁ । ହେଲେ ଅବସର ନେବାପରେ ପୁଣି ଆମେମାନେ କ'ଣ କରିବୁ ବୋଲି ସେମାନେ ଅସନ୍ତୁଷ୍ଟ ଛାତ୍ରମାନେ ପ୍ରଶ୍ନ କରିଛନ୍ତି। ୪ ବର୍ଷ ପୂରଣ ହେବାପରେ ୨୫% ଅଗ୍ନିବୀରଙ୍କୁ ସ୍ଥାୟୀ କ୍ୟାଡରରେ ନିଯୁକ୍ତି ଦିଆଯିବ, କିନ୍ତୁ ବାକି ଦଶମ ଓ ଦ୍ୱାଦଶ ଶ୍ରେଣୀ ପାସ୍ କରି ଅଗ୍ନିବୀର ହୋଇଥିବା ୭୫% ଯୁବକଙ୍କ ପାଖରେ ୪ ବର୍ଷ ପରେ କ'ଣ ବିକଳ୍ପ ରହିବ? ସରକାର ଯଦିଓ ତାଙ୍କୁ ୧୨ ଲକ୍ଷ ଟଙ୍କା ସେବାନିଧି ଦେବେ, କିନ୍ତୁ ଆଉ ଏକ ଚାକିରି ଦେବା ପାଇଁ ସରକାରଙ୍କ ପାଖରେ କ'ଣ ଯୋଜନା ରହିଛି ବୋଲି ପ୍ରଶ୍ନ ଉଠୁଛି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଭାରତୀୟ ସେନା, ବାୟୁସେନା ଏବଂ ନୌସେନାରେ ନିଯୁକ୍ତି ପାଇଁ ଅଗ୍ନିପଥ ଯୋଜନା ଆରମ୍ଭ କରିବାକୁ ଘୋଷଣା କରାଯାଇଛି। ଏହି ଯୋଜନା ଅଧୀନରେ, ଇଚ୍ଛୁକ ଯୁବକମାନଙ୍କୁ ୪ ବର୍ଷ ପାଇଁ ସଶସ୍ତ୍ର ବାହିନୀରେ ନିଯୁକ୍ତି ଦିଆଯିବ।

# ଆଇଏଏସ୍ ସ୍ତରରେ ବଡ ଧରଣର ଅଦଳବଦଳ



ଭୁବନେଶ୍ୱର, ୧୬/୦୬ (ନି.ପ୍ର): ରାଜ୍ୟ ସରକାର ଆଜି ଜିଲ୍ଲାପାଳ ଓ ଆଇଏଏସସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ୧୧ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମର କମିଶନରଙ୍କୁ ମଧ୍ୟ ବଦଳି କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗୁରୁବାର ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ଜାରି ବିଜ୍ଞପ୍ତି ଅନୁସାରେ ୨୦୧୦ ବ୍ୟାଚ୍ ଆଇଏଏସ୍ ତଥା ଦେବଗଡ଼ ଜିଲ୍ଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ଜଳସମ୍ପଦ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଥିବାବେଳେ କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡିଙ୍କୁ ଓଡ଼ିଶା ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରୋଜେକ୍ଟ ନିର୍ଦ୍ଦେଶକ ଥିବା ଆଇଏଏସ୍ ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି । ସେହିପରି ବାଲେଶ୍ୱର ଜିଲ୍ଲାର ସୁଦର୍ଶନ ଚକ୍ରବର୍ତୀଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ ଭାବେ ଓ ବର୍ତ୍ତମାନର ଖୋର୍ଦ୍ଧା ଜିଲ୍ଲାପାଳ ଓଏଏସ୍ ସଂଗ୍ରାମ କୁମାର ମହାପାତ୍ରଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରୋଜେକ୍ଟ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି । ସେହିପରି ସୁନ୍ଦରଗଡ଼ ଜିଲ୍ଲାପାଳ ଆଇଏଏସ୍ ନିଖିଳ ପବନ କଲ୍ୟାଣଙ୍କୁ କଟକ ମ୍ୟୁନିସପାଲଟି କମିଶନର ଭାବେ ବଦଳି ହୋଇଛି । ସେ କଟକ ଉନ୍ନୟନ ପ୍ରାଧିକରଣର ଉପାଧ୍ୟକ୍ଷ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଗଞ୍ଜାମ ଜିଲ୍ଲାପାଳ ତଥା ୨୦୧୩ ବ୍ୟାଚ୍ ଆଇଏଏସ୍ କୁଲାଙ୍ଗେ ବିଜୟ ଅମୃତଙ୍କୁ ଭୁବନେଶ୍ୱର ମହାନଗର ନିଗମର କମିଶନର ▶▶ପୃଷ୍ଠା ୭

# ମନ ଇଚ୍ଛା ଭାଙ୍ଗିପାରିବନି ବୁଲଡୋଜର

## ଉତ୍ତରପ୍ରଦେଶ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଝଟ୍‌କା



ନୂଆଦିଲ୍ଲୀ, ୧୬/୦୬ : ଜବରଦଖଲ ଉଚ୍ଛେଦ ମନଇଚ୍ଛା ହୋଇପାରିବ ନାହିଁ। କାହା ଘରକୁ ହଠାତ୍ ଜବରଦସ୍ତ ଭଙ୍ଗା ଯାଇପାରିବ ନାହିଁ। ବେଆଇନ ଉଚ୍ଛେଦ ବି ଆଇନର ପ୍ରକ୍ରିୟା ଅନୁସାରେ ହେବ। ଏହା କହିଛନ୍ତି ସୁପ୍ରିମକୋର୍ଟ। ୟୁପିରେ ପ୍ରାୟାଗରାଜ ବୁଲଡୋଜର ବୁଲିବା ମାମଲାରେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଆସିଛି। ଏନେଇ ଉତ୍ତରପ୍ରଦେଶ ସରକାରଙ୍କଠାରୁ ୩ ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବୁଲଡୋଜର ଲଗାଇ ତରବରିଆ ଭାବେ ବେଆଇନ ଉଚ୍ଛେଦ କରୁଥିବା କାରଣ ସମ୍ପର୍କରେ ଜଣାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ କରି ବୁଲଡୋଜର ଚଳାଇ ସେମାନଙ୍କ ଘର ଦ୍ୱାର ଭାଙ୍ଗୁଥିବା କୋର୍ଟରେ ମାମଲା ରୁଜୁ ହୋଇଥିଲା । ଭାଙ୍ଗିବା ପୂର୍ବରୁ ସମ୍ପତ୍ତିର ଅଧିକୃତ ବ୍ୟକ୍ତିଙ୍କୁ କୌଣସି ନୋଟିସ ଦିଆଯାଉ ନାହିଁ। ଜମାଇତ୍-ଉଲମା-ଇ-ହିନ୍ଦ ପକ୍ଷରୁ ଏ ସମ୍ପର୍କରେ କୋର୍ଟରେ ମାମଲା ରୁଜୁ ହୋଇଥିଲା। ସରକାର ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବ୍ୟକ୍ତଙ୍କ ସମ୍ପତ୍ତିକୁ ଦେଖି ନିଶାନା କରୁଥିବା ଆବେଦନରେ ଦର୍ଶାଯାଇଥିଲା। ସେହିପରି ବିନା ଆଇନ ପ୍ରକ୍ରିୟାରେ ପରବର୍ତ୍ତୀ ଭଙ୍ଗାରୁଜା ଉପରେ ରୋକ ଲଗାବା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନରେ ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ନିତ୍ୟ ରାମ କ୍ରିଷ୍ଣ ପ୍ରତିନିଧିତ୍ୱ କରୁଥିବା ବେଳେ ସେ କହିଛନ୍ତି ଯେ, ଅପରାଧିକ ନ୍ୟାୟ ପାଇଁ ବୁଲଡୋଜର ଫର୍ମୁଲା ଗଣତନ୍ତ୍ରର ପରିପନ୍ଥୀ। ଉତ୍ତରପ୍ରଦେଶ ସରକାର ଓ ପ୍ରଶାସନ ମନଇଚ୍ଛା ଶାସନ କରୁଛନ୍ତି। ଧମକଚମକ ଦେଇ ଭଙ୍ଗାରୁଜା କରୁଛନ୍ତି। ନିତ୍ୟ ରାମ କ୍ରିଷ୍ଣ କହିଛନ୍ତି ଯେ, ବିନା ଆଇନ ପ୍ରକ୍ରିୟାରେ ଭଙ୍ଗାରୁଜାକୁ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ବାରଣ ରହିଛି। ଏକ୍ଷେତ୍ରରେ ରୋଲ ଅଫ ଲ'କୁ ଅନୁସରଣ ▶▶ପୃଷ୍ଠା ୭

# ଦେଶରେ କରୋନା ସଂକ୍ରମଣର ଦ୍ରୁତ ବୃଦ୍ଧି

ନୂଆଦିଲ୍ଲୀ, ୧୬/୦୬ : ଦେଶରେ କରୋନା ସଂକ୍ରମଣର ଦ୍ରୁତ ବୃଦ୍ଧି । ୧୨ ହଜାର ଟପିଲା ଦୈନିକ ସଂକ୍ରମଣ । ୨୪ ଘଂଟାରେ ୧୨ ହଜାର ୨୧୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଗତକାଲି ତୁଳନାରେ ପାଖାପାଖି ୪୦ ପ୍ରତିଶତ ସଂକ୍ରମଣ ବୃଦ୍ଧି ହୋଇଛି । ଗତକାଲି ୮ ହଜାର ୬୪୧ ପଜିଟିଭ୍ ଚିହ୍ନଟ ହୋଇଥିଲେ । ୧୦୧ ଦିନ ପରେ ଦେଶରେ ଦୈନିକ ସଂକ୍ରମଣ ୧୦ ହଜାର ପାର କରିଛି । ଦେଶରେ ଏବେ ସକ୍ରିୟ ମାମଲା ୫୮ ହଜାର ୨୧୫ରେ ପହଂଚିଛି । ଏବେ ଦୈନିକ ସଂକ୍ରମଣ ହାର ୨ ଦଶମିକ ୩୫ ପ୍ରତିଶତ ରହିଛି । ଗତ ୨୪ ଘଂଟାରେ ମହାରାଷ୍ଟ୍ରରୁ ସବୁଠୁ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମହାରାଷ୍ଟ୍ରରୁ ୪ ହଜାର ୨୪ ଜଣ ସଂକ୍ରମିତ ହୋଇଥିବା ବେଳେ କେରଳରୁ ୩ ହଜାର ୪୮୮ ନୂଆ ମାମଲା ଆସିଛି । ସେହିପରି ଦିଲ୍ଲୀରୁ ୧ ହଜାର ୩୭୫, କର୍ଣ୍ଣାଟକରୁ ୬୪୮ ଓ ହରିୟାଣାରୁ ୫୯୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମୋଟ୍ ମାମଲାରୁ ଏହି ୫ ରାଜ୍ୟରୁ ୮୨ ଦଶମିକ ୯୬ ପ୍ରତିଶତ ମାମଲା ଆସିଛି । ନୂଆ ମାମଲାରୁ କେବଳ ମହାରାଷ୍ଟ୍ରରୁ ୩୨ ଦଶମିକ ୯୫ ପ୍ରତିଶତ ମାମଲା ଆସିଛି ।

# ବାରବାଟୀ ଟି-୨୦ରେ ଚାଲିଥିଲା ନକଲି ପାସ୍ କାରବାର



ଭୁବନେଶ୍ୱର, ୧୬/୦୬ (ନି.ପ୍ର): ଭାରତ-ଦକ୍ଷିଣ ଆଫ୍ରିକା ବାରବାଟୀ ଟି-୨୦ରେ ନକଲି ପାସ୍ କାରବାରର ଗୁମର ଖୋଲୁଛି । ନକଲି ପାସ୍ ନେଇ ମାଳମାଳ ଲୋକ ଷ୍ଟାଡିୟମ୍ ଭିତରେ ପଶି ପଡିଆରେ ବୁଲୁଥିଲେ । ହାଇସିକ୍ୟୁରିଟି ଜୋନ୍କୁ ଯାଇ ଫଟୋ ଉଠାଉଥିଲେ ଆଉ ସୋସିଆଲ ମିଡିଆରେ ଅପ୍ଲୋଡ୍ ବି କରୁଥିଲେ । ନକଲି ପାସ୍ ଦେଖିବାକୁ ଅସଲି ପାସ୍ ଭଳି । ଏଥିରେ ସଂପୃକ୍ତ ବ୍ୟକ୍ତିଙ୍କ ଫଟୋ ରହିଛି । ପାସ୍ ଉପରେ ବ୍ୟକ୍ତିଙ୍କ ପରିଚୟ ରହିଛି ଆଉ ବେକରେ ଓସିଏ ଫିତା ବି ରହିଛି । ହେଲେ କାହାର ପରିଚୟ 'ଏମ୍ଏଲ୍ଏ କ୍ରିଉ' ତ ଆଉ କାହାର ପରିଚୟ 'ବିଜେଡି ଭଲ୍ୟୁଂଟିଅର' ଲେଖାଯାଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି 'ଏମ୍ଏଲ୍ଏ କ୍ରିଉ' ଲେଖାଥିବା ନକଲି ପାସ୍ରେ ଗଣମାଧ୍ୟମ ରିପୋର୍ଟର ଅବା କ୍ୟାମେରାମ୍ୟାନ୍ ଆଦି ଡ୍ୟୁଟି ଲେଖାଯାଇଛି । ଏପରି ହଜାରେରୁ ଅଧିକ ନକଲି ପାସ୍ ନେଇ ଅତି ସହଜରେ ବାରବାଟୀ ଷ୍ଟାଡିୟମ୍ରେ ପ୍ରବେଶ କରିଥିଲେ । ଚର୍ଚ୍ଚା ହେଉଛି ଓସିଏ ଏହି ନକଲି ପାସ କେଳେଙ୍କାରୀରେ ସମ୍ପୃକ୍ତ ଅଛି । ସେପଟେ ନକଲି ଟିକେଟରେ ଷ୍ଟାଡିୟମକୁ ପଶିବା ଘଟଣା ସାମନାକୁ ଆସିବା ପରେ ପ୍ରତିକ୍ରିୟା ରଖିଛନ୍ତି କଟକ ଡିସିପି । କହିଛନ୍ତି, ଅଭିଯୋଗ ହେଲେ ତଦନ୍ତ କରିବୁ । ପୋଲିସ ନୁହେଁ ଓସିଏ ଇସ୍ୟୁ କରିଥିଲା ପାସ୍ । ଓସିଏ କର୍ମକର୍ତା କହିଛନ୍ତି, ଆମେ ବଦନାମ ହେଉଛୁ, ▶▶ପୃଷ୍ଠା ୭

# ୨୪ ଘଂଟାରେ ସାରା ରାଜ୍ୟରେ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୧୬/୦୬ (ନି.ପ୍ର): ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ଗୁରୁବାର ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳରେ ପ୍ରବେଶ କରିଛି। ଏପରିସ୍ଥିତିରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଜନିତ ଝଡ଼ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଆଗାମୀ ୨୪ ଘଂଟା ମଧ୍ୟରେ ତମାମ ରାଜ୍ୟର ୩୦ଟି ଜିଲ୍ଲାରେ କାଳବୈଶାଖୀ ଜନିତ ଝଡ଼ବର୍ଷାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଏହି ସମୟ ମଧ୍ୟରେ ଆଭ୍ୟନ୍ତରୀଣ ଓଡିଶା, ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉପକୂଳ ଓଡିଶାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନାରେ କୁହାଯାଇଛି। ଆସନ୍ତା ୩ ଦିନ ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରାରେ ୩ରୁ ୪ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ହ୍ରାସ ଘଟିବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନାରେ କୁହାଯାଇଛି।

# ଆଜିଠୁ ପର୍ଯ୍ୟଟକଙ୍କୁ ଶିମିଳିପାଳ ମନା, ୪ ମାସ ବନ୍ଦ ରହିବ ଗେଟ୍

ବାରିପଦା, ୧୬/୦୬ (ନି.ପ୍ର): ଆଜିଠାରୁ ୪ ମାସ ଯାଏ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ଶିମିଳିପାଳ ଅଭୟାରଣ୍ୟ । ବର୍ଷା ଋତୁ ଆସୁଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଆଜିଠୁ ଅଭୟାରଣ୍ୟକୁ ବନ୍ଦ ରଖାଯିବ । ଏନେଇ ସୂଚନା ଦେଇଛନ୍ତି ଉତ୍ତର ଶିମିଳିପାଳର ଏସିଏଫ୍ ପ୍ରଦୀପ କୁମାର ଦେ । ବର୍ଷା ଆସିଲେ ଶିମିଳିପାଳ ଅଭୟାରଣ୍ୟ ଭିତର ମାଟିରାସ୍ତା ଓ ପୋଲ ବିପଦପୂର୍ଣ୍ଣ ହୋଇଯାଏ । ଏଣୁ ପ୍ରତିବର୍ଷ ମୌସୁମୀ ଆଗମନ ପୂର୍ବରୁ ଶିମିଳିପାଳକୁ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବନ୍ଦ ରଖାଯାଇଥାଏ । ବର୍ଷା କମିବା ପରେ ଆଭ୍ୟନ୍ତରୀଣ ରାସ୍ତା ଓ ପୋଲର ମରାମତି କରାଯାଇଥାଏ । ଏହାପରେ ଶୀତ ଆଗମନ ହେଲେ ନଭେମ୍ବର ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଥାଏ ଶିମିଳିପାଳ ଗେଟ୍। ୨, ୭୫୦ ବର୍ଗ କିଲୋମିଟରରେ ପରିବ୍ୟାପ୍ତ ଶିମିଳିପାଳ ଅଭୟାରଣ୍ୟରେ ଥିବା ବରେହିପାଣି, ଯୋରାଣ୍ଡା ଆଦି ଜଳପ୍ରପାତ ଦେଖିବାକୁ ଦୂରଦୂରାନ୍ତରୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ତା ସହିତ ନଅଣା, ଗୁଡୁଗୁଡିଆର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମଧ୍ୟ ବେଶ୍ ଉପଭୋଗ କରିଥାଆନ୍ତି ଲୋକେ ।

# ରାହୁଲଙ୍କୁ ଇଡିର ପଚରାଉଚରା, କଂଗ୍ରେସର ବିକ୍ଷୋଭ



ନୂଆଦିଲ୍ଲୀ, ୧୬/୦୬ : ନ୍ୟାସନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଇଡିର ସମନ ଓ ଦିଲ୍ଲୀ ପୁଲିସର ବର୍ବରତା ପ୍ରତିବାଦରେ ଆଜି ଆନ୍ଦୋଳନକୁ ଓହ୍ଲାଇଛନ୍ତି ନେତା ଓ କର୍ମୀ । ରାଜ୍ୟ କଂଗ୍ରେସ ପକ୍ଷରୁ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପସିସି ସଭାପତିଙ୍କ ନେତୃତ୍ୱରେ ରାଲି ବାହାରି ରାଜଭବନ ସମ୍ମୁଖକୁ ଯାଇଥିଲା । କେନ୍ଦ୍ରରେ ମୋଦି ସରକାରଙ୍କର ଏକଛତ୍ରବାଦୀ ନୀତି ଓ ପୁଲିସର ଦମନଲୀଳା ବିରୋଧରେ ବିକ୍ଷୋଭ କରିଛନ୍ତି । ଦେଶର ସବୁ ରାଜଭବନ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଏମିତି ପ୍ରତିବାଦ କରାଯାଇଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ରାହୁଲଙ୍କ ଚତୁର୍ଥ ଦିନରେ ହାଜର ପାଇଁ ପୁଣି ସମନ କରାଯାଇଛି । ଆସନ୍ତାକାଲି ଇଡିରେ ହାଜର ହେବା କୁହାଯାଉଛି । ଗତ ତିନି ଦିନରେ ରାହୁଲ ଗାନ୍ଧୀ ଇଡି କାର୍ଯ୍ୟାଳୟରେ ପ୍ରାୟ ୩୦ ଘଣ୍ଟା ବିତାଇଛନ୍ତି । ରାହୁଲଙ୍କୁ ଇଡିର ଜେରାକୁ ବିରୋଧ କରି କଂଗ୍ରେସ ନେତା ଓ କର୍ମୀମାନେ ଦିଲ୍ଲୀ ମୁଖ୍ୟାଳୟ ଏବଂ ଇଡି କାର୍ଯ୍ୟାଳୟ ସାମ୍ନାରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ଆର୍ଥିକ ସଙ୍କଟରେ ପାକିସ୍ତାନ

ନୂଆଦିଲ୍ଲୀ, ୧୬/୦୬ : ଆର୍ଥିକ ସଙ୍କଟରୁ ମୁକୁଳିବାକୁ ଚେଷ୍ଟା କରୁଥିବା ପାକିସ୍ତାନ ସରକାର ଦେଶର ନାଗରିକଙ୍କୁ ଚା ପିଇବା କମ କରିବାକୁ ଅପିଲ କରିଛି । ପାକିସ୍ତାନର ଯୋଜନା ଓ ବିକାଶ ମନ୍ତ୍ରୀ ଅହସାନ ଇକବାଲ ଦେଶବାସୀଙ୍କୁ ସମ୍ବୋଧିତ କରି ଦିନକୁ ଗୋଟିଏରୁ ଦୁଇ କପ ଚା ପିଇବା କମାଇବାକୁ ଅନୁରୋଧ କରିଛନ୍ତି । ଋଣ ଟଙ୍କାରେ ଚାହା ଆମଦାନୀ ହେଉଥିବାର କାରଣ ଦର୍ଶାଇ ଏଭଳି ଅନୁରୋଧ କରିଛନ୍ତି ପାକିସ୍ଥାନର ମନ୍ତ୍ରୀ । ଦେଶବାସୀ ସହଯୋଗ କଲେ ଚା ଆମଦାନୀ ବାବଦକୁ ହେଉଥିବା ଖର୍ଚ୍ଚ କମିବ ବୋଲି କହିଛନ୍ତି ଅହସାନ ଇକବାଲ । ତେଣୁ ଏଥିସହ ଦେଶ ଗୁରୁତର ଶକ୍ତି ସଙ୍କଟ ସାମ୍ନା କରୁଥିବାରୁ ରାତି ସାଢେ ୮ଟା ପରେ ଦୋକାନ ବଜାର ବନ୍ଦ କରିବାକୁ ଅନୁରୋଧ କରିଛନ୍ତି ମନ୍ତ୍ରୀ । ପାକିସ୍ତାନ ବିଶ୍ୱର ସବୁଠୁ ଅଧିକ ଚାହା ଆମଦାନୀ କରୁଥିବା ଦେଶ । ୨୦୨୧-୨୨ ଆର୍ଥିକ ବର୍ଷରେ ପାକିସ୍ଥାନ ୮ ହଜାର ୩୮୮ କୋଟି ଟଙ୍କାର ଚାହା ଆମଦାନୀ କରିଥିଲା । ଯେଉଁଥିପାଇଁ ପାକିସ୍ତାନକୁ ବୈଦେଶିକ ମୂଦ୍ରା ଦେବାକୁ ପଡୁଛି । ଯାହା ପାକିସ୍ତାନର ବୈଦେଶିକ ମୁଦ୍ରା ପାଣ୍ଠି ଉପରେ ପ୍ରଭାବ ପକାଉଛି । ଆମଦାନୀ ବଢୁଥିବାରୁ ପାକିସ୍ତାନ ବୈଦେଶିକ ମୁଦ୍ରା ପାଣ୍ଠି ଧିରେ ଧିରେ କମି କମି ଯାଉଛି । ଚଳିତ ଫେବ୍ରୁଆରୀ ମାସରୁ ଜୁନ ମାସ ମଧ୍ୟରେ ପାକିସ୍ତାନର ବୈଦେଶିକ ମୂଦ୍ରା ପାଣ୍ଠି ୧୬ ବିଲିୟନ ଡଲାରରୁ ୧୦ ବିଲିୟନ ଡଲାରକୁ ଖସି ଆସିଛି । ଦୁଇ ମାସରେ ପାୟ ୪୬ ହଜାର ୮୪୨ କୋଟି ଟଙ୍କାର ବୈଦେଶିକ ମୂଦ୍ରା ପାଣ୍ଠି ସରିବା ପାକିସ୍ତାନକୁ ଚିନ୍ତାରେ ପକାଇ ଦେଇଛି ।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ପ୍ରତିବାଦରେ ରାଜରାସ୍ତାରେ ନାଗରିକ

## ବାଲେଶ୍ୱରରେ ୧୨ଘଣ୍ଟିଆ ବନ୍ଦ ସମ୍ପୂର୍ଣ୍ଣ ସଫଳ




ବାଲେଶ୍ୱର,୧୬/୦୬ (ନି.ପ୍ର): ସହର ସମେତ ଜିଲ୍ଲାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବିଭିନ୍ନ ଗଣ ସଂଗଠନ ଓ ରାଜନୈତିକ ଦଳଙ୍କ ପୂର୍ବ ଘୋଷଣା କ୍ରମେ ଗୁରୁବାର ଶାନ୍ତି ଶୃଙ୍ଖଳାର ସହ ୧୨ ଘଣ୍ଟିଆ ବନ୍ଦ ପାଳିତ ହୋଇଯାଇଛି। ଜିଲା ଓକିଲ ସଂଘ, ବାଲେଶ୍ୱର ସିଭିଲ ସୋସାଇଟି, ବରିଷ୍ଠ ନାଗରିକ ମଞ୍ଚ, ବାଲେଶ୍ୱର ପଥ ବିକ୍ରେତା ସଂଘ, ଏଆଇଟିୟୁସି, ସିଆଇଟିୟୁ, ଆଇଏନଟିୟୁସି, ୟୁଟିୟୁସି ଲେନୀନ ସରଣୀ, ଟିୟୁସିସି ସମେତ ବିଭିନ୍ନ ଶ୍ରମିକ ସଂଗଠନ, ବାମପନ୍ଥୀ, କଂଗ୍ରେସ ଓ ବିଜେପି ପ୍ରଭୃତି ରାଜନୈତିକ ଦଳର ଜିଲାସ୍ତରୀୟ କର୍ମକର୍ତ୍ତା ଓ ସଦସ୍ୟମାନେ ଏହି ବନ୍ଦ ପାଳନକୁ ସଫଳ କରିବା ପାଇଁ ସକାଳ ୬ଟାରୁ ଉଦ୍ୟମ ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା। ତେବେ ଏହି ବନ୍ଦ ପାଳନରେ ବିଜେପି ଜିଲା କମିଟି ସାମିଲ ହୋଇ ନଥିବା ବେଳେ ବିଜେପି ସଦର ଶାଖାର କର୍ମକର୍ତ୍ତା ତଥା କର୍ମୀମାନେ ବାମପନ୍ଥୀ ଓ କଂଗ୍ରେସ ସହ ନ ମିଶି ପୃଥକ ଭାବେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଏବଂ ପିକେଟିଂ କରିଥିଲେ। ବନ୍ଦ ପାଳନରେ ସାମିଲ ହୋଇଥିବା ବିଭିନ୍ନ ରାଜନୈତିକ ଦଳ ତଥା ସଂଗଠନର ନେତା ଏବଂ କର୍ମୀମାନେ ଦଳ ଦଳ ହୋଇ ପିକେଟିଂ ସହ ଦୋକାନ ବଜାର, ସ୍କୁଲ କଲେଜ୍, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ସବୁ ବନ୍ଦ କରିଥିଲେ। ବସ, ଟ୍ରକ୍, ଟ୍ରେକର ଏମିତିକି ଅଟୋରିକ୍ସା ପ୍ରଭୃତି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବା ଯୋଗୁଁ ଯାତ୍ରୀମାନେ ନାହିଁ ନଥିବା ସମସ୍ୟା ଭୋଗିଥିଲେ। ତେବେ ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇ ବ୍ୟବସାୟୀମାନେ ଦୋକାନ ବଜାର ସ୍ୱତଃପ୍ରବୃତ୍ତ ବନ୍ଦ ରଖିଥିବା ଲକ୍ଷ୍ୟ କରାଯାଇଥିଲା। ଆନ୍ଦୋଳନକାରୀଙ୍କ ବିକ୍ଷୋଭ ଯୋଗୁଁ ଅଧିକାଂଶ ସରକାରୀ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ ଓ ବୀମା କାର୍ଯ୍ୟାଳୟ, ପେଟ୍ରୋଲ ପମ୍ପ, ହୋଟେଲ, ପରିବା ମର୍କେଟ, ମାଛ ମାର୍କେଟ ସମେତ ସହର ରାସ୍ତା ପାର୍ଶ୍ୱ ଦୋକାନଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ତେବେ ଗ୍ରୀଷ୍ମକାଳୀନ ଅବକାଶ ପରେ ଆଜି ଅଦାଲତ ଖୋଲିଥିବା ବେଳେ ଆନ୍ଦୋଳନକାରୀଙ୍କ ପିକେଟିଂ ଯୋଗୁଁ ବିଚାରପତି ଓ ବିଚାର ବିଭାଗୀୟ କର୍ମଚାରୀ କୋର୍ଟ ମଧ୍ୟକୁ ପ୍ରବେଶ କରିପାରି ନଥିଲେ। ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ସହ ପୁଲିସ ପ୍ରଶାସନର ବିଫଳତାକୁ ନେଇ ନରାବାଜି ▶▶ପୃଷ୍ଠା ୭

# ଉଦଳାରେ ବିଶ୍ୱ ରକ୍ତଦାତା ଦିବସ ପାଳିତ




ଉଦଳା,୧୬/୦୬ (ନି.ପ୍ର): ଉଦଳାସ୍ଥିତ ଉପଖଣ୍ଡସରକାରୀ ଚିକିତ୍ସାଳୟ ପରିସରରେ ଥିବା ଓଡ଼ିଶା ରକ୍ତ ଭଣ୍ଡାର ଆନୁକୁଲ୍ୟରେ ଚଳିତ ଜୁନ ୧୪ ତାରିଖ ଦିନ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା । ପ୍ରାରମ୍ଭରେ ସମସ୍ତ ଅତିଥି ଡ଼ା. କାର୍ଲଲେଣ୍ଡ ଷ୍ଟେନରଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ ଅର୍ପଣ କରିଥିଲେ । ଏହାପରେ ଆୟୋଜିତ ଆଲୋଚନା ଚକ୍ରକୁ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଜୀବନବିନ୍ଦୁ ସଂଯୋଜକ ଅମୀୟ କୁମାର ବଳ ଯେଉଁ ଅନୁଷ୍ଠାନ ବାରମ୍ବାର ରକ୍ତଦାନ ଶିବିର ଆୟୋଜନ କରୁଛନ୍ତି ସେମାନଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ରୋଟାରୀ କ୍ଲବର ସଭାପତି ଅଶୋକ କୁମାର ମହାନ୍ତି, ଶିଶୁ ରୋଗ ବିଶେଷଜ୍ଞ ଡ଼ା. ଲକ୍ଷ୍ମୀକାନ୍ତ ପତି, ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡ଼ା. ଶିବାନନ୍ଦ ମହାନ୍ତି , ଅଷ୍ଟ୍ରେଲିଆ ଦେଶର ଡ଼ା. କାର୍ଲଲେଣ୍ଡ ଷ୍ଟେନର କିପରି ରକ୍ତର ବର୍ଗୀକରଣ ଉଦ୍ଭାବନ କରିଥିଲେ, ଯାହାଫଳରେ ରକ୍ତର ଦେଣ ନେଣ ପ୍ରକ୍ରୀୟା ଆରମ୍ଭ ହୋଇଥିଲା ଏବଂ ଚିକିତ୍ସା ବିଜ୍ଞାନପ୍ରତି ଏହାର ଆବଶ୍ୟକତା କେତେ ଅଧିକ ତାହା ଭାଷାରେ ବର୍ଣ୍ଣନା କରାଯାଇପାରିବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଶେଷରେ ତାଙ୍କର ଜନ୍ମ ଦିନଟିକୁ ସାରା ପଅଥିବୀରେ ବିଶ୍ୱ ରକ୍ତଦାତା ଦିବସ ରୂପେ ପାଳନ କରାଯାଉଛି ବୋଲି ଅବଗତ କରାଇଥିଲେ । ଏହାପରେ ରକ୍ତଦାନ ଶିବିର ଆୟୋଜନ କରୁଥିବା ବିଭିନ୍ନ ଅନୁଷ୍ଠାନ ଓ ବାରମ୍ବାର ରକ୍ତଦାନ କରୁଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା କର୍ମଚାରୀ ଅଶୋକ କୁମାର ଆଚାର୍ଯ୍ୟ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁଶାନ୍ତ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# କେନ୍ଦୁଝରବାସୀଙ୍କ ବିରୋଧରେ ଷଡ଼ଯନ୍ତ୍ର !



କେନ୍ଦୁଝର ,୧୬/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲାରୁ ଖଣିଜ ଉତ୍ତୋଳନ ହେବ । କିନ୍ତୁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବନି । ଜଙ୍ଗଲ କାଟ ସାଙ୍ଗକୁ ନଦୀପାଣି ବ୍ୟବହାର ହେବ କିନ୍ତୁ ଲୋକେ କାମ ପାଇବେ ନାହିଁ । କେନ୍ଦୁଝରବାସୀଙ୍କ ବିରୋଧରେ ଏଭଳି ଏକ ଭୟଙ୍କର ଷଡ଼୍‌ଯନ୍ତ୍ର ରଚାଯାଇଛି । ତାହା ହେଉଛି ସ୍ଲରି ପାଇପ୍‌ଲାଇନ୍ । ଏବେ ସ୍ଲରି ପାଇପ୍‌ଲାଇନ୍‌ରେ ଲୁହାପଥର ପରିବହନ ପ୍ରକ୍ରିୟା ଜିଲ୍ଲାରେ ତ୍ୱରାନ୍ୱିତ ହେଉଛି । ଯାହାକି ଟ୍ରକ୍ ଯୋଗେ ଖଣିଜ ପରିବହନକୁ ଶକ୍ତ ଝଟ୍‌କା ସହ କେନ୍ଦୁଝରବାସୀଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେବ ବୋଲି ଆଶଙ୍କା କରାଯାଉଛି ।

କେନ୍ଦୁଝର ଜିଲ୍ଲାର ଆର୍ଥିକ ମେରୁଦଣ୍ଡ ଥିଲା ଟ୍ରକ୍ ବ୍ୟବସାୟ । ଜିଲ୍ଲାର ବହୁ ବେକାର ଯୁବକ ଋଣ କରି ଟ୍ରକ୍ ଆଣି ଖଣିଜ ପରିବହନରେ ଲଗାଇଥିଲେ । ଏଥିରେ ସେମାନେ ନିଜେ ରୋଜଗାର ପାଇବା ସହ ଟ୍ରକ୍ ଚାଳକ, ହେଲପର ମଧ୍ୟ ରୋଜଗାର ପାଉଥିଲେ । ଏଭଳି କି ଲୋଡିଂ ଶ୍ରମିକଙ୍କୁ ମଧ୍ୟ କାମ ମିଳୁଥିଲା । ଏବେ ଅଧିକରୁ ଅଧିକ ଯାନ୍ତ୍ରିକ ପଦ୍ଧତିରେ ଖଣିଜ ଉତ୍ତୋଳନ ସହ ବୋଝେଇ ହେଉଛି । ସେହିପରି କିଛିବର୍ଷ ତଳେ ବିଆରପିଏଲ୍ ଓ ଏସାର (ବର୍ତ୍ତମାନ ନିପ୍ପୋ ଷ୍ଟିଲ୍) ସ୍ଲରି ପାଇପ୍‌ଲାଇନ ଯୋଗେ ଲୁହାପଥର ଗୁଣ୍ଡ ପାରାଦୀପ ବନ୍ଦରକୁ ପରିବହନ କରିବା ଆରମ୍ଭ କରିଥିଲେ । ପାରାଦୀପଠାରେ ଲୁହାପଥର ଗୁଣ୍ଡକୁ ସଫା କରି ଚୁମ୍ବକୀୟ ଆକର୍ଷଣ ପଦ୍ଧତିରେ ଏକତ୍ରିତ କରି ବ୍ୟବସାୟିକ ସ୍ଥଳକୁ ପହଞ୍ଚାଯାଉଛି । ଏହାଦ୍ୱାରା ପରିବହନ ଖର୍ଚ୍ଚ କମିବା ସହ ଗାଡ଼ିମୋଟର ଚଳାଚଳ ପାଇଁ ରାସ୍ତାଘାଟ ବ୍ୟବହାର ହେଉନାହିଁ । ବହୁତ କମ୍ ସମୟ ମଧ୍ୟରେ ଠିକଣା ସ୍ଥାନରେ ଲୁହାପଥର ଗୁଣ୍ଡ ପହଞ୍ଚିଯାଉଛି । ଫଳରେ ଏହି ଦୁଇଟି କମ୍ପାନି ଖୁବ୍ ଲାଭବାନ ହେଉଛନ୍ତି । ସ୍ଲରି ପାଇପ୍‌ଲାଇନ୍ ଯୋଗେ କେବଳ ନିମ୍ନମାନର ଲୁହାପଥର ଗୁଣ୍ଡ ପରିବହନ କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାରଣ ନିମ୍ନମାନର ଲୁହାପଥର ଗୁଣ୍ଡକୁ ଟ୍ରକ୍ ଯୋଗେ ପରିବହନ କଲେ କମ୍ପାନି କ୍ଷତି ସହିବେ । ମାତ୍ର ଏବେ ନିମ୍ନମାନର ଲୁହାପଥର ପରିବର୍ତ୍ତେ ଉଚ୍ଚମାନର ଲୁହାପଥରକୁ ମଧ୍ୟ ପାଇପ୍‌ଲାଇନ୍‌ରେ ପରିବହନ କରାଯାଉଛି । ଏହି ପଦ୍ଧତିରେ ଖଣିଜ ପରିବହନ ହେଲେ ଜିଲ୍ଲାବାସୀଙ୍କର କୌଣସି କ୍ଷତି ହେବ ନାହିଁ କି ଲୋକେ ଅସୁବିଧାରେ ପଡ଼ିବେ ନାହିଁ ବୋଲି କମ୍ପାନିମାନେ ସରକାରଙ୍କ ନିକଟରେ ଯୁକ୍ତି ବାଢ଼ୁଛନ୍ତି । ବର୍ତ୍ତମାନ ପାଇପ୍‌ଲାଇନ୍ ଯୋଗେ ବିଆରପିଏଲ୍‌ରୁ ବାର୍ଷିକ ୪.୫ ମିଲିୟନ ଟନ୍ ଏବଂ ନିପ୍ପୋ ଷ୍ଟିଲ୍‌ରୁ ୧୨ ମିଲିୟନ ଟନ୍ ଲୁହାପଥର ଗୁଣ୍ଡ ପରିବହନ ହେଉଛି । ସେହିପରି ଜେଏସ୍‌ଡବ୍ଲ୍ୟୁ ମଧ୍ୟ ସ୍ଲରି ପାଇପ୍‌ଲାଇନ୍ କାମ ଜାରି ରଖିଛି ।

# ପାଣିପାଗ ପରିବର୍ତ୍ତନ ପ୍ରଭାବ : କନ୍ଧମାଳ ଜଙ୍ଗଲରୁ ଶାଳଫୁଲ ଉଭାନ୍



ଫୁଲବାଣୀ ,୧୬/୦୬ (ନି.ପ୍ର): ଚଳିତବର୍ଷ କନ୍ଧମାଳ ଜିଲ୍ଲାର ବିଭିନ୍ନ ଜଙ୍ଗଲରୁ ଶାଳଫୁଲ ଉଭାନ ହୋଇଯାଇଛି । ପାଣିପାଗର ପରିବର୍ତ୍ତନ କାରଣରୁ ଚଳିତ ବର୍ଷ ଜଙ୍ଗଲମାନଙ୍କରେ ଶାଳଫୁଲ ଆଦୌ ଆସିନାହିଁ ବୋଲି ଅନୁମାନ କରାଯାଉଛି । ଫଳରେ, ଶାଳଫୁଲ ଉପରେ ନିର୍ଭର କରି ବଞ୍ଚୁଥିବା କନ୍ଧମାଳ ଜିଲ୍ଲାର ଆଦିବାସୀଙ୍କ ଜୀବନଜୀବିକା ଓ ଅର୍ଥନୀତି ପ୍ରଭାବିତ ହୋଇଛି । କନ୍ଧମାଳ ଜିଲ୍ଲାରେ ପ୍ରତିବର୍ଷ ମେ-ଜୁନ୍ ମାସ ବେଳକୁ ଶାଳଫୁଲ ବିକ୍ରିବଟାକୁ ନେଇ କୋଟି କୋଟି ଟଙ୍କାର କାରବାର ହୋଇଥାଏ । କିନ୍ତୁ, ଚଳିତବର୍ଷ ଜଙ୍ଗଲରେ ଆଦୌ ଶାଳଫୁଲ ଫୁଟି ନଥିବାରୁ ଆଦିବାସୀମାନେ ହାତବାନ୍ଧି ବସିଛନ୍ତି । ଗତବର୍ଷର ଏକ ହିସାବରୁ ଜଣାପଡ଼ିଛି ଯେ ଜଣେ କନ୍ଧ ମହିଳା ଶାଳଫୁଲ ଋତୁରେ ୭୦ରୁ ୮୦ କିଲୋ ପର୍ଯ୍ୟନ୍ତ ଶାଳଫୁଲ ସଂଗ୍ରହ କରିଥାଏ । କନ୍ଧମାଳ ଜିଲ୍ଲାର ପାଖାପାଖି ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଶାଳଫୁଲ ଋତୁରେ ଶାଳଫୁଲ ସଂଗ୍ରହ କରିଥାନ୍ତି । ଶାଳ ମଞ୍ଜି କିଲୋ ପ୍ରତି ୨୦ ଟଙ୍କାରେ ବିକ୍ରି କରିଥା'ନ୍ତି । ବେଲଘରର ପିଟୁକୁ ମାଝିଙ୍କ କହିବା ଅନୁସାରେ, ଗତବର୍ଷ ସେ ଓ ତାଙ୍କ ପରିବାର ସଦସ୍ୟ ମିଶି ପାଖାପାଖି ୩ କ୍ୱିଣ୍ଟାଲ ଶାଳ ମଞ୍ଜି ସଂଗ୍ରହ କରିଥିଲେ । ମାତ୍ର ଚଳିତ ବର୍ଷ ଦୁଇ କିଲୋ ଶାଳ ମଞ୍ଜି ବି ସଂଗ୍ରହ କରିପାରିନାହାନ୍ତି । ଫିରିଙ୍ଗିଆ ବ୍ଲକର କ୍ଷେତାପାଙ୍କୁ ଗାଁର ଡମ୍ବରୁଧର କହଁର ମଧ୍ୟ ଗତବର୍ଷ ୨ କ୍ୱିଣ୍ଟାଲ ଶାଳ ମଞ୍ଜି ସଂଗ୍ରହ କରିଥିଲେ । ଫୁଲବାଣୀ ବ୍ଲକର କଟ୍ରିଙ୍ଗିଆ ପଞ୍ଚାୟତ ବାଡ଼ାଗାଣ୍ଡା ଗାଁର ସ୍ୱାମୀ-ସ୍ତ୍ରୀ ପ୍ରଦୀପ କହଁର ଓ ସୁଲୋଚନା କହଁର ମିଶି ପାଖାପାଖି ଦେଢ କ୍ୱିଣ୍ଟାଲ ଶାଳ ମଞ୍ଜି ସଂଗ୍ରହ କରିଥିଲେ । ମାତ୍ର ଚଳିତବର୍ଷ ଗଛରେ ଗୋଟିଏ ହେଲେ ବି ଶାଳଫୁଲ ଫୁଟିନାହିଁ ବୋଲି କହନ୍ତି ସୁଲୋଚନା କହଁର । ଦୁହେଁ ଗତବର୍ଷ ଦେଢ କ୍ୱିଣ୍ଟାଲ ଶାଳମଞ୍ଜି ବିକ୍ରି କରି ୩ ହଜାର ଟଙ୍କା ପାଇଥିଲେ । କନ୍ଧମାଳ ଜିଲ୍ଲାର ଲକ୍ଷ ଲକ୍ଷ ଆଦିବାସୀ ପୁରୁଷ ଓ ମହିଳା ମେ ରୁ ଜୁନ୍ ମାସ ମଧ୍ୟରେ ଜଙ୍ଗଲରୁ ଶାଳ ମଞ୍ଜି ସଂଗ୍ରହ କରନ୍ତି । ବେପାରୀମାନେ ସେମାନଙ୍କଠାରୁ ଅଳ୍ପ ମୂଲ୍ୟରେ ଶାଳମଞ୍ଜି କିଣି ନିଅନ୍ତି । ଯଦି ଆଦିବାସୀଙ୍କ ଠାରୁ ଟିଡିସିସି କିମ୍ବା ନିୟନ୍ତ୍ରିତ ବଜାର କମିଟି ଜରିଆରେ ଶାଳ ମଞ୍ଜି କିଣାଯାଇ ପାରନ୍ତା, ତେବେ ଆଦିବାସୀମାନେ ଲାଭବାନ ହୋଇପାରନ୍ତେ । ମାତ୍ର, ବାହାରର ଦଲାଲ୍‌ମାନେ ଆଦିବାସୀଙ୍କ ଠାରୁ ଶାଗମାଛ ଦରରେ ଶାଳମଞ୍ଜି କିଣି ନେଇ ରାଜ୍ୟ ବାହାରେ ଚଢ଼ା ଦରରେ ବିକ୍ରି କରୁଛନ୍ତି । ଶାଳ ମଞ୍ଜିରୁ ଅନେକ ପ୍ରକାର ଉତ୍ପାଦ ଯଥା ବନସ୍ପତି ଘିଅ, ତେଲ, ବିଭିନ୍ନ ପ୍ରକାର କସ୍‌ମେଟିକ୍ସ, ସାବୁନ, କ୍ରିମ୍, ଔଷଧ ପ୍ରସ୍ତୁତ ହୋଇଥାଏ । କିନ୍ତୁ ଶାଳ ମଞ୍ଜିରୁ ଉଚିତ୍ ଦର ଧାର୍ଯ୍ୟ କରାଯାଇ ନଥିବାରୁ ଆଦିବାସୀମାନେ ଶୋଷଣର ଶିକାର ହୋଇଥାନ୍ତି । ଚଳିତ ବର୍ଷ ଜଙ୍ଗଲରେ ଆଦୌ ଶାଳଫୁଲ ଫୁଟି ନଥିବାରୁ ଆଦିବାସୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ସେମାନେ ଧରଣୀପେନୁ, ସରୁପେନୁ ଓ ଜାକେରିପେନୁଙ୍କୁ ପୂଜା କରି ନଥିବାରୁ ଚଳିତବର୍ଷ ଦେବତା ରିସା ହେବା କାରଣରୁ ଶାଳ ଗଛ ଫୁଲ ଧରିନି ବୋଲି ବାଡାଗାଣ୍ଡା ଗ୍ରାମର ପରବାସୀ କହଁର କହିଛନ୍ତି । ପାଣିପାଗରେ ପରିବର୍ତ୍ତନ ଓ ଅନିୟମିତ ବୃଷ୍ଟିପାତ କାରଣରୁ ଚଳିତ ବର୍ଷ ଶାଳ ଗଛରେ ଫୁଲ ଆସିନି ବୋଲି ବିଶିଷ୍ଟ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି । ସେ ଯାହା ବି ହେଉ, ଚଳିତବର୍ଷ ଶାଳଫୁଲ ନଥିବାରୁ ଆଦିବାସୀମାନେ ଆର୍ଥିକସ୍ତରରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି । ଅନ୍ୟପକ୍ଷରେ ଚଳିତ ବର୍ଷ ଆମ୍ବ ମଧ୍ୟ ଫଳ ଧରିନି । ଆଦିବାସୀମାନେ ଆମ୍ବ ବିକ୍ରି କରି ଦି' ପଇସା ରୋଜଗାର କରୁଥିଲେ । ମାତ୍ର, ଆମ୍ବ ଫଳି ନଥିବା କାରଣରୁ ଆଦିବାସୀମାନଙ୍କ ଜୀବନଜୀବିକା ମଧ୍ୟ ପ୍ରଭାବିତ ହୋଇଥିବା ଜଣାପଡ଼ିଛି ।

# ଶିକ୍ଷକ ନେଉଛନ୍ତି ୧ଟଙ୍କିଆ ଚାଉଳ

ଯାଜପୁର,୧୬/୦୬ (ନି.ପ୍ର): ଖାଦ୍ୟ ସୁରକ୍ଷା ଯୋଜନାରେ ସରକାରୀ ଶିକ୍ଷକ ବି ପାଉଛନ୍ତି ୧ଟଙ୍କିଆ ଚାଉଳ । ସରକାରଙ୍କ ଦ୍ୱାରା ଗରିବ ଲୋକଙ୍କୁ ଦିଆଯାଉଥିବା ରାସନ ସାମଗ୍ରୀ ଶିକ୍ଷକ ନେଉଥିବା ଜଣାପଡ଼ିବା ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ୍ ଅନ୍ତର୍ଗତ ମଲିପୁର ଗ୍ରାମର ସତ୍ୟସାଇ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଜଣେ ଶିକ୍ଷକଙ୍କ ବିରୋଧରେ ସିଂହପୁର ଗ୍ରାମର ଲୋକେ ଏହି ଅଭିଯୋଗ କରିଛନ୍ତି । ରାସନ କାର୍ଡ ସହ ଏହି ଶିକ୍ଷକଙ୍କ ନିକଟରେ ହ୍ୟାଣ୍ଡିକାପ୍ଟ ସାର୍ଟିଫିକେଟ ବି ରହିଥିବା ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ । ଏହି ଶିକ୍ଷକ ସିଂହପୁର ଗ୍ରାମରେ ଥିବା ସରକାରୀ ଖୁଚୁରା ସାମଗ୍ରୀ ଡିଲରଙ୍କ ପାଖରେ ହିତାଧିକାରୀ ହୋଇଛନ୍ତି । ସେ ସତ୍ୟସାଇ ସ୍କୁଲରେ ବ୍ଲକଗ୍ରାଣ୍ଟ ଶିକ୍ଷକ ଭାବରେ କାମ କରୁଛନ୍ତି । ସରକାରଙ୍କ ଠାରୁ ଦରମା ପାଇ ମଧ୍ୟ ଯୋଗାଣ ବିଭାଗ ବର୍ଷ ବର୍ଷ ହେବ ତାଙ୍କୁ ରାସନ ସାମଗ୍ରୀ ଦେଉଛି । ଏହା ବେନିୟମ ହୋଇଥିବାରୁ ଗରିବ କଲ୍ୟାଣ ଯୋଜନାରୁ ତାଙ୍କୁ ବାଦ ଦେବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ତେଣେ ଅଭିଯୋଗକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଶିକ୍ଷକ ଚଳିତ ମାସରେ ବିଂଝାରପୁର ଯୋଗାଣ ବିଭାଗ ନିକଟରେ ରାଶନ କାର୍ଡ ସମର୍ପଣ କରିଥିବା କହିଛନ୍ତି । ଦୁର୍ଘଟଣା ଲାଗି ତାଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ମିଳିଥିବା ପ୍ରତିକ୍ରିୟା ଦେଇ ସେ କହିଛନ୍ତି । ଅନ୍ୟପଟେ ଜିଲ୍ଲା ଶିକ୍ଷାଧିକାରୀ ରଂଜନ ଗିରି କହିଛନ୍ତି, ସମ୍ପୃକ୍ତ ଶିକ୍ଷକଙ୍କ ନାମରେ ଆସିଥିବା ଅଭିଯୋଗର ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ପ୍ରଧାନମନ୍ତ୍ରୀ ଆବାସ ଘର ପାଇଁ ସରପଂଚଙ୍କ ଶ୍ୱଶୁର ଅର୍ଥ ଆଦାୟ କରୁଥିବା ଅଭିଯୋଗ

ଭବାନୀପାଟଣା,୧୬/୦୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କନ୍ତେଶିର ଗ୍ରାମପଂଚାୟତର ସରପଂଚ ମମତାରାଣୀ ନାଗ ତାଙ୍କର ଶ୍ୱଶୂର କିଶୋର ଚନ୍ଦ୍ର ନାଏକଙ୍କ ଜରିଆରେ ତହଁଶିଲ ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଘର ପାଇଁ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି । ଶ୍ୱଶୂର କିଶୋର ଗ୍ରାମର କେତେକ ଲୋକଙ୍କ ଘରକୁ ଯାଇ ଦଶହଜାର ଟଙ୍କା ଦିଅ, ଏବଂ ଆଧାର କାର୍ଡ, ପଟା ଦିଅ, ଆଉ ଚୁପଚାପ ସୁଇଁ ଥାଅ, ଘର ଅସବାନା କହୁଛନ୍ତି ସରପଂଚଙ୍କ ଖୋଦ ଶ୍ୱଶୁର । ଯଦି ପଇସା ଶୀଘ୍ର ନ ଦିଅ ତାହେଲେ ତମଘର କଟିଯିବ ବୋଲି କହୁଥିବା ଅଭିଯୋଗ ହେଉଛି ।

ଅନ୍ୟପକ୍ଷରେ ଏନେଇ ସରପଂଚଙ୍କ ସ୍ୱାମୀଙ୍କ ପ୍ରତିକ୍ରିୟା ନେବାରେ ସେ କହିଛନ୍ତି ଯେ, ମୁଁ ସରପଂଚଙ୍କ ସ୍ୱାମୀ, ଜଣେ ପୋଲିସ ଅଫିସର ଏବଂ ମୁଁ ଦିଲ୍ଲୀରୁ କହୁଛି ବୋଲି କହିଲେ, ମୋ ପଛରେ ବଡ ବଡ଼ ଲୋକଙ୍କ ହାତ ଅଛି, ମୋ ବିଷୟରେ କେସିଙ୍ଗା ଅଂଚଳରେ ବୁଝନ୍ତୁ, ଖାଲି ପ୍ରଧାନମନ୍ତ୍ରୀ ଆବାସ କି ? ଅନେକ ପଂଚାୟତର ଅନେକ କାମ ରହିଛି ।

ତେବେ ଦେଖାଯାଉ କନ୍ତେଶିର ଗ୍ରାମପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଆଗକୁ କି ରୂପ ନେଉଛି ଏବଂ ଏହି ଅର୍ଥ ଆଦାୟକୁ ନେଇ କେସିଙ୍ଗା ବି.ଡି.ଓ. ଏବଂ ବ୍ଲକ ଚ୍ୟାରମେନ କି ପଦକ୍ଷେପ ନେଉଛନ୍ତି । ତାହା ଦେଖିବାକୁ ବାକି ରହିଲା ।

# ବାପ-ପୁଅଙ୍କ ଖଣ୍ଡା ଯୁଦ୍ଧ : ୪ ଗୁରୁତର ଆହତ



ବାରିପଦା ,୧୬/୦୬ (ନି.ପ୍ର): ବାପ-ପୁଅଙ୍କ ଖଣ୍ଡା ଯୁଦ୍ଧ ! ପରିବାରିକ କଳହରୁ ହୋଇଥିଲା ଏହି ଖଣ୍ଡା ଯୁଦ୍ଧ । ଏଥିରେ ୱାର୍ଡ ମେମ୍ବରଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଆଜି ଏପରି ଘଟଣା ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅଞ୍ଚଳରେ ଘଟିଛି । ସିନ୍ଦୂରଗୌରା ଗାଁର ରାକେଶ ବାରିକ ବାରିପଦାରେ ବିବାହ କରିଥିଲେ । ଯାହାକୁ ତାଙ୍କ ବାପା ଶିବ ବାରିକ ବିରୋଧ କରି ଆସୁଥିଲେ । ବାହାଘର ପରେ ବାପ-ପୁଅ ଅଲଗା ରହୁଥିଲେ । ଆଜି କୌଣସି କଥାକୁ ନେଇ ଶ୍ୱଶୁର ଓ ବୋହୂଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ସ୍ଥିତି ବିଗୁଡୁଥିବା ଦେଖି ରାକେଶ ତାଙ୍କ ସ୍ତ୍ରୀଙ୍କୁ ନେଇ ବାରିପଦା ସ୍ଥିତ ଶ୍ୱଶୁର ଘରେ ଛାଡି ଦେଇଥିଲେ । ପରେ ନିଜ ଘରକୁ ଫେରି ଆସିଥିଲେ । ରାକେଶ ଘରେ ପହଞ୍ଚିବା ପରେ ବାପା ଶିବ ଗାଳି ଦେଇଥିଲେ । ଏହାକୁ ନେଇ ବାପ ଓ ପୁଅଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା । ଏନେଇ ରାକେଶ ଫୋନ୍ କରି ଶ୍ୱଶୁର ଘର ଲୋକଙ୍କୁ ଜଣାଇଥିଲେ । ଏହାପରେ ଶ୍ୱଶୁର ଘର ଲୋକେ ବୁଝାଶୁଝା କରିବା ପାଇଁ ସିନ୍ଦୂରଗୌରା ଗାଁକୁ ଆସିଥିଲେ । ସେମାନେ ବାପ-ପୁଅଙ୍କୁ ବୁଝାଇଥିଲେ । ହେଲେ କେହି ବୁଝିବା ମୁଡ୍‌ରେ ନଥିଲେ । ବାପ-ପୁଅଙ୍କ କଳି ଦେଖି ୱାର୍ଡମେମ୍ବର ଆସିଥିଲେ । ସେ ଉଭୟଙ୍କୁ ବୁଝାଇ ଥିଲେ । ହେଲେ ବାପ-ପୁଅଙ୍କ କଳି ସମାଧାନ ହେବା ପରିବର୍ତ୍ତେ ଆହୁରି ବଢ଼ିଥିଲା । ରଣକ୍ଷେତ୍ର ପାଲଟିଥିଲା ଗାଁ ଦାଣ୍ଡ । ବାପ ଓ ପୁଅ ଖଣ୍ଡାରେ ପରସ୍ପରକୁ ଆକ୍ରମଣ କରିଥିଲେ । ଏପରିକି ଉଭୟ ପକ୍ଷ ଲୋକଙ୍କ ମଧ୍ୟ ମାରପିଟ୍ ହୋଇଥିଲା । ବୁଝାଇବାକୁ ଆସିଥିବା ୱାର୍ଡମେମ୍ବର ମଧ୍ୟ ଆକ୍ରମଣରେ ଶିକାର ହୋଇଥିଲେ । ଏହା ପରେ ସାହିଭାଇ ବାପ-ପୁଅଙ୍କୁ ମାଡ଼ ମାରି ଅଟକ ରଖିଥିଲେ । ପରେ ପୁଲିସକୁ ଖବର ଦେଇଥିଲେ । ପୁଲିସ ଗାଁରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ । ଏହାକୁ ନେଇ ଗାଁରେ ଦୁଇ ପକ୍ଷରୁ ଛକାପଞ୍ଝା ଲାଗି ରହିଥିବା ଜଣାପଡ଼ିଛି । ଆକ୍ରମଣ ଓ ପ୍ରତିଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି । ସମସ୍ତଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି । ପୁଲିସ ପରିସ୍ଥିତି ଉପରେ ନଜର ରଖିଛି ।

## ସୁନୀଲ ବୋଷଙ୍କ 'ଗାନ୍ଧିଙ୍କ ଚଷମା ଓ ଅନ୍ୟାନ୍ୟ ଗଳ୍ପ' ପାଠକାର୍ପିତ

ଖୋର୍ଦ୍ଧା,୧୬/୦୬ (ନି.ପ୍ର): ଲେଖକଙ୍କୁ ତିଆରି କରିଛନ୍ତି ପାଠକ । ସେମାନେ ମୂଳ । ତେଣୁ ସେମାନଙ୍କୁ ଭୁଲିଯିବାର ଧୃଷ୍ଟତା ମୁଁ କରିପାରିବିନି । ଭିନ୍ନ ଶୈଳୀର ଗାଳ୍ପିକ ସୁନୀଲ ବୋଷ ନିଜ ଷଷ୍ଠ ଗଳ୍ପ ସଂକଳନ 'ଗାନ୍ଧିଙ୍କ ଚଷମା ଓ ଅନ୍ୟାନ୍ୟ ଗଳ୍ପ'ର ପାଠକାର୍ପଣ ଅବସରରେ ଏଭଳି ମତପୋଷଣ କରିଛନ୍ତି । ମୁକୁନ୍ଦପ୍ରସାଦସ୍ଥିତ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ପକ୍ଷରୁ ସମାଜସେବୀ ରାମଶଙ୍କରଙ୍କ ସଂଯୋଜନାରେ ଆୟୋଜିତ ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ଶ୍ରୀ ବୋଷଙ୍କର ଜଣେ ବିମୁଗ୍ଧ ପାଠକ ହ୍ୟାନିନ୍ଦିତ ମହାନ୍ତି ପୁସ୍ତକକୁ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର, ଗୀତିକାର ଗୋପାଳ ଦେ, ଓଡ଼ିଶା ଏକ୍ସପ୍ରେସର ସମ୍ପାଦକ ତଥା ସାହିତ୍ୟିକ ଉମାପଦ ବୋଷ, ଐତିହାସିକ ସତ୍ୟବାଦୀ ବଳିଆରସିଂହ ପ୍ରମୁଖ ଯୋଗଦେଇ ସୁନୀଲ ବୋଷଙ୍କ ଗଳ୍ପଲିଖନ ଶୈଳୀର ଭୂୟସୀ ପ୍ରଶଂସା କରିଥିଲେ । ତାଙ୍କ ଗପରେ ଏଭଳି ଚମତ୍କାରିତା ଥାଏ, ଯାହା ପାଠକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧିରଖିଥାଏ ବୋଲି ବକ୍ତାମାନେ ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରାଜକିଶୋର ପ୍ରାଣିଗ୍ରାହୀ, ପୂର୍ବତନ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶ, ଡ. ନଟବର ସାହୁ, ଡ. ଲକ୍ଷ୍ମଣ ସାହୁ, ଡ. କୈଳାସ ଚନ୍ଦ୍ର ମହାରଣା, ପ୍ରିୟଦର୍ଶିନୀ ମହାରଣା, ଗୀତିକାର ତ୍ରିଲୋଚନ ଦାସ, କବି ନିଶିକାନ୍ତ କହଲସିଂହ, ଅନୁବାଦକ ଆଶିଷ ରାୟ, କବି ସମରଜିତ୍ ପଟ୍ଟନାୟକ, ଅବସରପ୍ରାପ୍ତ ବୈଜ୍ଞାନିକ ସନ୍ତୋଷ କୁମାର ମିଶ୍ର, ପ୍ରକାଶକ ଶାକ୍ୟସିଂହ ମହାପାତ୍ର, ଶ୍ୱେତ କୁମାର ମିଶ୍ର, ସଂଭବ ବଳିଆରସିଂହ, ସୂର୍ଯ୍ୟନାରାୟଣ ବେହୁରା, ବିଶ୍ୱନାଥ ଆଚାର୍ଯ୍ୟ, ପ୍ରମୁଖ ଉପସ୍ଥିତ ଥିଲେ । ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସ ଶ୍ରୀ ବୋଷଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମହାନଦୀ ବିହାର ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଲକ୍ଷ୍ମଣ ସାହୁ ଶ୍ରୀ ବୋଷଙ୍କ ଗଳ୍ପକୁ ପ୍ରଥିତଯଶା ସାହିତ୍ୟିକ ମନୋଜ ଦାସଙ୍କ ଗଳ୍ପ ସହ ତୁଳନୀୟ ବୋଲି ମତ ଦେଇଥିଲେ ।

# ଉପକାଗଙ୍ଗା ମନ୍ଦିର କମିଟି ଅକ୍ଷରୁ ଓଡିଶା ଯୋଜନା ଓ ସମନ୍ୱୟ ମନ୍ତ୍ରୀଙ୍କୁ ସାକ୍ଷାତ

ନୂଆପଡ଼ା,୧୬/୦୬ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ତୀର୍ଥକ୍ଷେତ୍ର ଉପକାଗଙ୍ଗା ପର୍ଯ୍ୟଟନ ସ୍ଥଳୀର ବିକାଶ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୂର ଥିବା ଉପକାଗଙ୍ଗା ମନ୍ଦିର ପରିସର ମଧ୍ୟ ଉନ୍ନୟନ ପ୍ରକଳ୍ପ ହାତକୁ ନେବା ପାଇଁ ଅନୁରୋଧ କରିଛନ୍ତି । କମିଟି ର ସଦସ୍ୟ ମାନେ ଆଜି ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଧୋଲକିଆ ଙ୍କୁ ସୌଜନ୍ୟ ମୂଳକ ଭାବରେ ସାକ୍ଷାତ କରିଥିବା ବେଳେ, ଉପକାଗଙ୍ଗା କୁ ବିଜୁଳି ସଂଯୋଗ ଓ ତାହାର ପାରିପାର୍ଶ୍ୱିକ ଉନ୍ନତି କରଣ କରିବା ପାଇଁ ମନ୍ଦିର କମିଟି ସଭାପତି ଡିଙ୍ଗର ଗହୀର,ସମ୍ପାଦକ ଉପେନ୍ଦ୍ର କଟା, ବଳଭଦ୍ର କଟା, ନିଳାମ୍ବର ମାଝୀ, ପ୍ରତାପ ସିଂ ମାଝି ପ୍ରମୁଖ ମନ୍ତ୍ରୀ ଙ୍କୁ ସାକ୍ଷାତ କରିବା ସହିତ ଉପକାଗଙ୍ଗା କିଭଳି ଭାବରେ ଉନ୍ନତି ହେବ ସେ ବିଷୟରେ ପୁଙ୍ଖାନୁ ପୁଙ୍ଖ ଭାବେ ଆଲୋଚନା କରିଥିଲେ । ସେହିପରି ଉଭୟ ଆର୍ଥିକ କରିଡର ବିଜୁ ଏକ୍ସପ୍ରେସ ୱେଏ ଏବଂ ୩୫୩ ନଂମ୍ବର ଜାତୀୟ ରାଜପଥ ସହ ସଂଯୋଗୀକରଣ ସ୍ୱତନ୍ତ୍ର ସଡ଼କ ନିର୍ମାଣ ପାଇଁ ଆହ୍ୱାନ କରିଛନ୍ତି ।

# ହକି ଅନ୍ତୁଡ଼ିଶାଳରେ କ୍ରିକେଟ୍ ଅବହେଳିତ : ତୃଣମୂଳ କ୍ରିକେଟ୍‌ର ବିକାଶରେ ଅର୍ଥ ବାଧକ

ରାଉରକେଲା,୧୬/୦୬ (ନି.ପ୍ର): ଜାତୀୟ ସ୍ତରରେ କ୍ରିକେଟ ସମସ୍ତଙ୍କ ଦୃଷ୍ଟିର କେନ୍ଦ୍ରରେ ରହିଛି ଓ କ୍ରିକେଟ ଯେତିକି ଅର୍ଥ ପାଉଛି, ଅନ୍ୟ ଖେଳଗୁଡ଼ିକ ସେଥିରୁ ବଞ୍ଚିତ ହେଉଛନ୍ତି ବୋଲି ଆଲୋଚନା ହେଉଥିବାବେଳେ ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ଜିଲ୍ଲାରେ, ବିଶେଷକରି ରାଉରକେଲାରେ କ୍ରିକେଟ ଦିନକୁ ଦିନ ଅବହେଳିତ ହୋଇ ପଡୁଛି । ଆଉ ଏହାର ପ୍ରମୁଖ କାରଣ ହେଉଛି ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ଚିରାଚରିତ ଅବହେଳା । କେବଳ ରାଜ୍ୟ ନୁହେଁ, ବରଂ ଦେଶର କ୍ରୀଡ଼ା ଜଗତରେ ସୁନ୍ଦରଗଡ଼ ଜିଲ୍ଲାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହି ମାଟିରୁ ହକି, କ୍ରିକେଟ୍, ଫୁଟବଲ, ଭଲିବଲ, ସାଇକ୍ଲିଂ ଆଦି ଭିନ୍ନ ଭିନ୍ନ ବର୍ଗରେ ଏଠାକାର କ୍ରୀଡ଼ାବିତ୍ ଏକାଧିକ କୃତିତ୍ୱ ଅର୍ଜନ କରିଛନ୍ତି । ମାତ୍ର ହକି ଭଳି ଅନ୍ୟ କ୍ରୀଡ଼ାର ବିକାଶ ପାଇଁ ଏତେ ଗୁରୁତ୍ୱ ଦିଆଯାଉନି । ବିଶେଷକରି, କ୍ରିକେଟ୍‌ର ବିକାଶ ପାଇଁ ଯେଉଁଭଳି ଅଗ୍ରାଧିକାର ଦିଆଯିବା କଥା; ତାହା ମିଳିପାରୁନି । ଫଳରେ ପୂର୍ବରୁ ଏକାଧିକ ତାରକା କ୍ରିକେଟର ତିଆରିଥିବା ରାଉରକେଲା, ଏବେ ତା'ର ପୂର୍ବ ଚମକ ହରାଇବାରେ ଲାଗିଛି । ସୁନ୍ଦରଗଡ଼ ଜିଲ୍ଲାରେ ଓସିଏ ଅନୁବନ୍ଧିତ ଦୁଇଟି ସଂଘ ଅଛି । ସେଗୁଡ଼ିକ ହେଲା ସୁନ୍ଦରଗଡ଼ ଓ ଆରଏସ୍‌ପି । ଆରଏସ୍‌ପି ବା ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ସଂଘ ପ୍ରକୃତପକ୍ଷେ ରାଉରକେଲା ଇସ୍ପାତ କାରଖାନା ସମେତ ସମଗ୍ର ରାଉରକେଲା ସହର ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ପ୍ରତିନିଧିତ୍ୱ କରେ । ସୁନ୍ଦରଗଡ଼ ଜିଲ୍ଲାରୁ ଯେଉଁ ରାଜ୍ୟସ୍ତରୀୟ ତାରକାମାନେ ବାହାରିଛନ୍ତି, ତା' ଭିତରୁ ପ୍ରାୟତଃ ସମସ୍ତେ ଏହିଠାରୁ । ଗୋଟିଏ ସମୟରେ ତ ରାଜ୍ୟ କ୍ରିକେଟ ଦଳର ରାଜଭାଗ ତାରକା ଏହିଠାରୁ ଯାଉଥିଲେ । ସୁନ୍ଦରଗଡ଼ ସଂଘକୁ ପୂର୍ଣ୍ଣମାନ୍ୟତା ଦିଆଯାଇ ଅନ୍ୟ ସବୁ ଜିଲ୍ଲା ଭଳି ସମସ୍ତ ସୁବିଧା ଦିଆଯାଉଥିବାବେଳେ ଆଏସ୍‌ପିକୁ କିନ୍ତୁ ଏସବୁ ସେବା ମିଳିପାରୁନି ।

# ଓଡ଼ିଶାର ଗଣ ପର୍ବ ରଜ ପର୍ବ



ବିଶ୍ୱବିଜୟୀ ଦାଶ

ଓଡ଼ିଶା ଏକ ଐତିହ୍ୟ,କଳା,ସଂସ୍କୃତି ଓ ପରମ୍ପରା ର ରାଜ୍ୟ । ଓଡ଼ିଶାରେ ୧୨ ମାସ ୧୩ ପର୍ବ ପାଳିତ ହେଉଥିବା ବେଳେ ରଜ ପର୍ବ ଅନ୍ୟତମ ଗଣ ପର୍ବ ଭାବେ ପାଳିତ ହୋଇଥାଏ । ରଜ ଏକ ଐତିହାସିକ, କୃଷିଭିତ୍ତିକ, ଆଧ୍ୟାତ୍ମିକ ଭରା ପାରମ୍ପରିକ ପର୍ବ। ଏହା ତିନିଦିନ ଧରି ପାଳନ କରାଯାଇଥାଏ । ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁ ଆରମ୍ଭ ହୁଏ । ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ। ଏହା ସହିତ ପହିଲି ରଜ ର ପୂର୍ବ ଦିନ ହେଉଛି ସଜବାଜ। ଏହିପରି ମୋଟ ଉପରେ ରଜ ପାଞ୍ଚଦିନ ପାଳନ ହୋଇଥାଏ ଓଡ଼ିଶା ର ଗାଁ,ସହର ଓ ପୁରପଲ୍ଲୀରେ ।

ରଜ ଚାଷର ଆରମ୍ଭକୁ ସୂଚାଇଥାଏ । ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ । ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି । ରଜରେ ପୋଡ଼ ପିଠା ଓ ପାନ ଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ ସହ ପୁଅମାନଙ୍କ ଲୁଡୁ, ତାସ, ବାଗୁଡ଼ି ଆଦି ଖେଳି ଏହି ଦିବସଟି ପାଳନ କରାଯାଇଥାଏ।

ମାଟି ଓ ମୌସୁମୀର ମିଳନର ପର୍ବ ରଜ ।ପୃଥିବୀର ମାତୃତ୍ୱ କାମନା କରି କରି ସୃଷ୍ଟି ଜୟ ଗୀତଗାନ କରୁଛି କୃଷକ । ଆଦ୍ୟ ଆଷାଢର ପ୍ରଥମ ବାରିପାତରେ ପୃଥିବୀ ଋତୁମତୀ ହୋଇଥିବାରୁ ଖୁସିରେ ଉତ୍ସବ ମୁଖର ହୋଇଉଠୁଛି ସବୁଆଡେ । ଶରୀର ପାଇଁ ବିଶ୍ରାମ ଆଉ ମନ ପାଇଁ ଆନନ୍ଦର ଅବସର ଏହି ରଜ ପର୍ବ । ଦୋଳିରେ ଛୁଟୁଛି- କୁଆଁରୀଙ୍କ ରଜଗୀତର ଲହରୀ ସ୍ୱର ପ୍ରଥମ ବର୍ଷାର ପହିଲି ପସରା ମାଟି ଛୁଇଁଲେ, ଆଦ୍ର ହୋଇ ଉଠେ ପୃଥିବୀ । ଶୀତଳତା ଭରିଯାଏ ସବୁଆଡେ । ଯେମିତିକି ବହୁ ଦିନୁ ପ୍ରତିକ୍ଷୀତ ଏଇ ମାଟି- ମେଘ ସହ ରଚି ବସିଛି ଶୃଙ୍ଗାରର ପର୍ବ। ଆଉ ଏହି ଶୁଭ ଅବସରରେ ମିଳନର ଗୀତ ଗାଉଛନ୍ତି ସମସ୍ତେ। କ୍ଷରଜାଇ ମୌସୁମୀ ଆସିବାରେ ପୃଥିବୀ ତିନ୍ତିଛି ପ୍ରଥମ ବର୍ଷାର ସ୍ପର୍ଶରେ । ଆଦ୍ର ହୋଇଛି ମତୀ । ମାଟିର ଭୁରୁଭୁରୁ ଗନ୍ଧ ମହକେଇ ଦଉଛି – ଗାଁ ଭୁଇଁ । ହଳଦୀ ମୁଖା ନିରିମାଖୀ ଦେହରେ ସରଳା ପଲ୍ଲୀବାଳା ସଜେଇ ହୋଇଛି କୁଙ୍କୁମ ଚନ୍ଦନ । ଋତୁମତୀ ଧରାର ସଂକେତ ବହନ କରି ସେ ଆଜି ସମସ୍ତଙ୍କ ପାଇଁ ମହାନିୟା, ବନ୍ଦନୀୟା ହୋଇଛି । ତେଣେ ଅକ୍ଷୟ ତୃତୀୟାରେ ଧାନ ଅନୁକୂଳ କରି ବସିଥିବା ଚାଷୀ କ୍ଷେତକୁ ଯିବାକୁ ପ୍ରସ୍ତୁତ ହୋଇଥିଲେ ବି ଏଇ ପାଞ୍ଚଦିନ ତା ପାଇଁ ବିଶ୍ରାମର ବେଳ। ଏବେ ଭୁଇଁରେ ଖାଲି ପାଦରେ ଚାଲିବା ମନା, କର୍ଷଣ ବି ମନା। ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ କୃଷିପର୍ବର ଆରମ୍ଭରୁ ମାଟିକୁ ସଂପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ପରିକଳ୍ପନା। ଏ ପର୍ବରେ ପରିବାରର ଲୋକେ କି ଆତ୍ମୀୟସ୍ୱଜନ ଯିଏ ଯେଉଁଠି ଥିଲେ ବି , ଫେରି ଆସିଥାନ୍ତି ଘରକୁ। ବନ୍ଧୁ ବାନ୍ଧବଙ୍କ ଗହଳି ଆଉ ହର୍ଷୋଲ୍ଲାସର ଆସର ଭୁଲାଇ ଦିଏ କର୍ମମୟ ଜୀବନର ଅବସାଦ। ଖରାର ଦର୍ପ କମିଲା ପରେ ମୌସୁମୀର କଅଁଳଛୁଆଁ ଶିହିରିତ କରେ ମତୀକୁ ।ବାସୁମତି ବନ୍ଦନାର ଋତୁ ଇଏ ।କ୍ଳାନ୍ତ ଧୂସର ଆକାଶରେ ପଇଁତରା ମରୁଛି ବାଦଲ।

ଗଛର ସବୁଜିମା ଉପରେ ଆସ୍ତରଣ କମାଇଥିବା ବହଳ ଧୂଳି ଟୋପା ଟୋପା ମେଘରେ ଧୋଇ ହୋଇଯାଉଛି। ପ୍ରକୃତିର ସ୍ୱପ୍ନ ଓ ସୃଜନ ରଚିଛନ୍ତି ମାଳମାଳ କଙ୍କି ଓ ପ୍ରଜାପତି।

ଏହି ପର୍ବ ଆନନ୍ଦ ଓ ଉଲ୍ଲାସ ର ପର୍ବ। ଆବାଳ ବୃଦ୍ଧବନିତା ସମସ୍ତଙ୍କ ଉଲ୍ଲାସ ଭରିଦିଏ ଏହି ପର୍ବ। ଶାନ୍ତି,ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବୃଦ୍ଧି କରିବାରେ ଏହି ପର୍ବର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା।

ଏହି ପର୍ବ ପାଳନ ବେଳରେ ଘରର ଘରଣୀମାନେ ସାଧାରଣ କାମରୁ ଛୁଟି ନେଇ ନାନାଦି ଖେଳରେ ମାତନ୍ତି । ଅଭିଆଡ଼ି ଝିଅମାନେ ଶାଢ଼ୀ ଆଦି ପିନ୍ଧି ରଜ ଦୋଳି ଖେଳ, ପୁଚି ଖେଳ ଆଦିରେ ସମୟ ଅତିବାହିତ କରିଥାନ୍ତି। ଏହି ଦିନ ଧରିତ୍ରୀ ମାଆକୁ ସମ୍ମାନ ଦେଇ କେହି ଭୂଇଁ ଉପରେ ଖାଲି ପାଦରେ ଚାଲିନଥାନ୍ତି। ପତ୍ର/ ଖୋଳପାରେ ତିଆରି କଠଉରେ ଭୂଇଁ ଉପରେ ଚାଲିବାର ବିଧି ରହିଛି। ଏହି ଦିନ ପୋଡ଼ ପିଠା, ଚକୁଳି ପିଠା ଆଦି ଖିଆଯାଇ ଥାଏ।

ରଜରେ ପାନଖିଆ ଏକ ପୁରୁଣା ଓଡ଼ିଆ ପରମ୍ପରା । ପ୍ରୀତିର ବନ୍ଧନ ହେଉଛି ପାନ । ପ୍ରୀତି, ପ୍ରେମ, ବନ୍ଧୁତାର ଛ'ଲକ୍ଷଣ ଏ ଦେଶରେ ନିର୍ଦ୍ଧାରିତ କରାଯାଇଛି । ଦିଏ, ନିଏ, ଖାଏ, ଖୁଆଏ, ଗୋପନ କଥା କହେ ଓ ପଚାରେ, ଏ ଛ'ଟି ଆନ୍ତରିକତା ଓ ନିବିଡ଼ତାର କଥା । ଭୋଜନ ଶେଷରେ ତାମ୍ବୁଳ ସେବା ଏକ ପ୍ରାଣମୟ ବ୍ୟବସ୍ଥା। ବଡ଼ଠାକୁର ଶ୍ରୀ ଜଗନ୍ନାଥ ପ୍ରତିଦିନ ଭୋଜନାନ୍ତେ ତାମ୍ବୁଳ ସେବା କରି ନିଦ୍ରା ଯାଆନ୍ତି । ପାନ ହେଉଛି ମୁଖବାସ, ପରିତୋଷ। ରଜ ସହିତ ପାନ ଯୋଡ଼ିହେବା ପଛରେ କଥା ଅଛି, ଏହା ବନ୍ଧୁତାର ଡ଼ୋରିକୁ ସୁଦୃଢ କରିବ। ରଜପାନର ଚମକ ଓ ମହକ ସାରାବର୍ଷର ପାନକୁ ବଳିଯାଏ, ରଜ ଆଭୂଷଣକୁ ଆହୁରି ମୁଗ୍ଧକର କରିଦିଏ । ରଜପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧଣିଆ, ଚାଉଳ ଓ ନଡିଆ ଖଣ୍ଡ, ଚେରି, ଲବଙ୍ଗ, କବାବଚିନି, ଚୁଆ, ପାନ ମହୁରି, ସୁବାସିତ ଜାଫ୍ରାନ କେଶର, ଖଇର ପରି ୧୦ରୁ ୧୨ ପ୍ରକାର ମସଲା ବ୍ୟବହୃତ ହୁଏ । ଏହାକୁ ବିଭିନ୍ନ ଢଙ୍ଗରେ ତ୍ରିଭଙ୍ଗୀ, ଚଉଭଙ୍ଗୀ ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବେ ଥାଳିରେ ସଜାଇ ଦିଆଯାଏ। ସାଧାରଣ ଦିନର ପାନଠାରୁ ରଜପାନର ସ୍ୱାଦ ସ୍ୱତନ୍ତ୍ର।

ବସୁମତୀ ସ୍ନାନ ହେଉଛି ରଜ ପର୍ବର ଅନ୍ତିମ ଦିବସ । ଏହା ବସୁଧାମାତାଙ୍କ ଶୁଦ୍ଧ ସ୍ନାନ । ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ରୂପେ ପ୍ରଖ୍ୟାତ । ବଡ଼ି ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୂର, କଜଳ ଦେଇ ଧରଣୀ ମାତାଙ୍କ ସ୍ୱରୂକୁ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ ଆମ୍ବଡ଼ାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ । ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନିଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥା'ନ୍ତି । ମାର୍ଗଶୀର ଶେଷ ଗୁରୁବାରଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଢ଼ି ଏହି ଦିନ ଖୋଲାଯାଇଥାଏ । ରଜସ୍ୱଳାନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବାପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଏହି ଶୁଦ୍ଧ ସ୍ନାନ ପର୍ବ । ଏହି ଦିନ ରଜପର୍ବର ଆନନ୍ଦ ଉଲ୍ଲାସ ମଉଳି ଯାଇ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ଏହି ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ । ବସୁମାତା ରଜସ୍ୱଳା ହୋଇ ଶୁଦ୍ଧସ୍ନାନ ପରେ ସୃଜନ କ୍ଷମତାଶୀଳା ଅର୍ଥାତ ଶସ୍ୟ ବୀଜ ଧାରଣକାରିଣୀ ହୋଇପାରିଥାନ୍ତି ।

ରଜଗୀତ ଏହି ପର୍ବରେ ବୋଲାଯାଉଥିବା ଜଣାଶୁଣା ଗୀତ ଯାହା ଆଗେ ଗାଆଁ ଗହଳିରେ ଜନ୍ମ ନେଇଥିଲା ଯାହା ଲୋକ ମୁଖରେ ବୋଲାଯାଉଥିଲା ପୁରୁଷ ପୁରୁଷ ଧରି ଓ ଧିରେ ଧିରେ ତାହା ଓଡ଼ିଆ ସାହିତ୍ୟ ଭିତରକୁ ଆସିଲା।

ରଜ ଗୀତ ହେଲା-

ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ,
ଆସିଛି ରଜ ଲୋ
ଘେନି ନୂଆ ସଜବାଜ ?
ରଜ ଦୋଳି କଟ କଟ,
ମୋ ଭାଇ ମଥାରେ ସୁନା-ମୁକୁଟ,
ସୁନା ମୁକୁଟ ଲୋ
ଦିଶୁଥାଏ ଝଟମଟ ?

ଆହୁରି ଏମତି ଅନେକ ରଜ ଗୀତ ଅଛି, ଯାହା ଶୁଣିବାକୁ ଖୁବ୍ ମଧୁର ଲାଗେ । ଓଡ଼ିଶାର ଗାଁ,ସହର ଓ ପୁରପଲ୍ଲୀ ରେ ଏହି ପର୍ବକୁ ସମସ୍ତେ ଆନନ୍ଦ ଓ ହର୍ଷୋଲ୍ଲାସରେ ପାଳନ କରିଥାନ୍ତି । ସମସ୍ତ ଜନସାଧାରଣଙ୍କୁ ରଜ ପର୍ବର ଶୁଭେଚ୍ଛା ଓ ଅଭିନନ୍ଦନ ।

+ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ ନଂ- ୭୫୨୦୩୫
ଫୋନ ନଂ- ୬୩୭୦୨୦୮୪୨୮



# ଆବର୍ଜନାରେ ସୁନା, ରୁପା







ବର୍ତ୍ତମାନ ଇଲେକ୍ଟ୍ରୋନିକସର ଯୁଗ । ଘରେଘରେ ଇଲେକ୍ଟ୍ରାନିକସ ଦ୍ରବ୍ୟ । ମୋବାଇଲଫୋନ, ଲ୍ୟାପଟପ୍, ଟାବଲେଟ, ଟିଭି, କମ୍ପ୍ୟୁଟର ଇତ୍ୟାଦିଇତ୍ୟାଦି । ଏଗୁଡ଼ିକ ଆମ ଦୈନନ୍ଦିନ ଚଳଣିର ଅବିଚ୍ଛେଦ୍ୟ ଅଙ୍ଗ । ଏହା ବିନା ଆମେ ମୁହୂର୍ତ୍ତଟିଏ ବି ରହିପାରିବା ନାହିଁ । ଯୁଆଡ଼େ ଦେଖିବ କଲେକ୍ଟ୍ରୋନିକସ ସାମଗ୍ରୀର ପସରା । ଏଗୁଡ଼ିକର ବ୍ୟବହାର ଦିନ ପ୍ରତିଦିନ ବଢ଼ିବଢ଼ି ଚାଲିଛି । ସେସବୁର ଉତ୍ପାଦନ ମଧ୍ୟ ସେଇ ହାରରେ ବୃଦ୍ଧି ପାଉଛି । ଖରାପ ହେବା ପର୍ଯ୍ୟନ୍ତ ଆମେ ସେଗୁଡ଼ିକୁ ବ୍ୟବହାର ପର୍ଯ୍ୟନ୍ତ ଆମେ ସେଗୁଡ଼ିକୁ ବ୍ୟବହାର କରୁଛୁ । ଅକାମୀ ହେଲେ ମେକାନିକ ପାଖକୁ ନେଉଛୁ । ସଜଡ଼ାସଜଡ଼ି କରି ପୁଣି ବ୍ୟବହାର କରୁଛୁ । ପୂରା ଆକାମୀ ହୋଇଗଲେ ଘରର କେଉଁ କୋଣରେ ସେଗୁଡ଼ିକ ପଡ଼ି ରହୁଛି, ନହେଲେ ଆମେ ଏଣେତେଣେ ପିଙ୍ଗି ଦେଉଛୁ । ସେଗୁଡ଼ିକ ଆବର୍ଜନା ଆକାରରେ ଏଠିସେଠି ପଡ଼ି ରହୁଛି ଏବଂ ପ୍ରତିଦିନ ଏହି ଆବର୍ଜନାରେ ଆକାର ବୃଦ୍ଧି ପାଉଛି । ବର୍ତ୍ତମାନ ଏହି ପରିତ୍ୟକ୍ତ ଇଲେକ୍ଟ୍ରୋନିକସ ଆବର୍ଜନା ଜୀବଜଗତ ସାମ୍ନାରେ ସବୁଠାରୁ ବଡ଼ ବିପଦ ହୋଇଠିଆ ହୋଇଛି । ଜାପାନ ଜଟିଳ ସମସ୍ୟାର ସାମାଧାନ ପନ୍ଥା ବାହାର କରିବାରେ ଓସ୍ତାଦ ବୋଲି କୁହାଯାଏ । ଏହାକୁ ସେ ପୁଣିଥରେ ପ୍ରମାଣିତ କରିଛି । କେବଳ ସମାଧାନ ନୁହେଁ, ସେଥିରୁ ଲାଭବାନ ହେବାର ମଧ୍ୟ ଉପାୟ ମଧ୍ୟ ସେ ବାହାର କରିଛି । ଜାପାନୀ ବୈଜ୍ଞାନିକମାନେ



ଇଲେକ୍ଟ୍ରନିକସ ୱେଷ୍ଟ ବା ଇ-ଆବର୍ଜନାରୁ ସୁନା, ରୂପା ପରି ମୂଲ୍ୟବାନ ଧାତୁ ବାହାର କରିବାକୁ ସକ୍ଷମ ହୋଇଛନ୍ତି । ସେତିକି ନୁହେଁ, ୨୦୨୦ରେ ଟୋକିଓରେ ଅନୁଷ୍ଠିତ ହେବାକୁ ଥିବା ଅଲିମ୍ପିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କ ପାଇଁ ସେଥିରୁ ପଦକ ମଧ୍ୟ ତିଆରି କରାଯାଉଛି । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ୧ଟନ ଇଲେକ୍ଟ୍ରୋନିସ ଆବର୍ଜନାରୁ ଅନ୍ୟୂନ ୩୫ଗ୍ରାମ ସୁନା ସଂଗ୍ରହ କରାଯାଇ ପାରିବ । ଅଲିମ୍ପିକ -୨୦୨୦ର ଆୟୋଜକ ସମିତିର ପ୍ରବକ୍ତା ମାସ ଟକାୟାଙ୍କ କହିବା ଅନୁସାରେ ୨୦୧୭ ଏପ୍ରିଲରୁ ଇ-ଆବର୍ଜନାରୁ ପଦକ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ।






ବର୍ତ୍ତମାନ ସୁଦ୍ଧା ଏହି ପ୍ରକ୍ରିୟାରେ ୧୬୫ କିଲୋସୁନା ଓ ୧୮୦୦ କିଲୋ ରୂପା ସଂଗୃହୀତ ହୋଇସାରିଲାଣି । ତା' ସହିତ କାଂସ୍ୟ ପଦକ ପାଇଁ ଆବଶ୍ୟକ ହେଉଥିବା ୨୭୦୦ କିଲୋ କଂସା ଇତିମଧ୍ୟରେ ସଂଗୃହୀତ ହୋଇସାରିଛି । ବର୍ତ୍ତମାନ ସୁଦ୍ଧା ସଂଗୃହୀତ ହୋଇଥିବା ସୁନା ଆବଶ୍ୟକତାର ୫୪.୫ ପ୍ରତିତ ଓ ଆବଶ୍ୟକ ରୂପାର ୪୩,୯ପ୍ରତିଶତ ବୋଲି ସେ କହିଛନ୍ତି ।ମିଳିତ ଜାତିସଙ୍ଘର ଏକ ରିପୋର୍ଟରେ କୁହାଯାଇଛି ଯେ ୨୦୧୬ ସୁଦ୍ଧା ବିଶ୍ୱରଇ-ଆବର୍ଜନାର ପରିମାଣ ଥିଲା ସାଢ଼େ ୪କୋଟି ଟନ୍ । ପ୍ରତିବର୍ଷଏହା ୩ରୁ୪ପ୍ରତିଶତ ହାର ବୃଦ୍ଧି ପାଉଛି । ଯଦି ଏହି ଆବର୍ଜନାକୁ ସାମଗ୍ରିକ ଭାବରେ ୧୮ଚକ ବିଶିଷ୍ଟ ଟ୍ରକରେ ଲଦା ଯାଏ ତାହହେଲେ ସେଥିପାଇଁ ଆବଶ୍ୟକ ହେବ ୧୨.୩କୋଟି ଟ୍ରକ । ପୁଣି, ଯଦି ଉକ୍ତ ଟ୍ରକଗୁଡ଼ିକୁ ଏକ ୨ଲେନ୍ ବିଶିଷ୍ଟ ରାସ୍ତା ଉପରେ ଧାଡ଼ିକରି ରଖାଯାଏ, ତାହେଲେ ରାସ୍ତାଟି ପ୍ୟାରିସରୁ ହଙ୍ଗକଙ୍ଗ ଲମ୍ବିଯିବ ।ଉଲ୍ଲେଖଯୋଗ୍ୟ ଯେ ୨୦୧୬ ରିଓ ଅଲିମ୍ପିକରେ ବଣ୍ଟା ଯାଇଥିବା ଅଧିକାଂଶ ରୌପ୍ୟପଦକ ଇଆବର୍ଜନାରୁ ସଂଗୃହୀତ ରୂପାରେ ତିଆରି କରାଯାଇଥିଲା ।ସେହିପରି ଅଧିକାଂଶ କାଂସ୍ୟପଦକ ନିର୍ମିତ ହୋଇଥିଲା ମୁଦ୍ରାଶାଳାରୁ ନିର୍ଗତ ଆବର୍ଜନାରୁ ।୨୦୧୦ ଓ୍ୱିଣ୍ଟର ଅଲିମ୍ପିକ ରେ ମଧ୍ୟ କିଛି ପଦକ ଇ-ଆବର୍ଜନାରୁ ନିର୍ମିତ ହୋଇଥିଲା ।ଅଲିମ୍ପିକ ପଦକ ପାଇଁ ସଂଗୃହୀତ ଇ-ଆବର୍ଜନା ପ୍ରସଙ୍ଗରେ ଶ୍ରୀ ଟକାୟା ଯେଉଁ ସୂଚନା ଦେଇଛନ୍ତି ତାହା ବେଶ୍ ଉତ୍ସାହଜନକ ଏବଂ ଆଗାମୀ ଦିନ ପାଇଁ ଆଲୋକବର୍ତ୍ତିକା ସଦୃଶ ।ତାଙ୍କ କହିବା ଅନୁସାରେ ଉକ୍ତ ଅଭିନବ ପଦ୍ଧତିରେ ସୁନା ଓ ରୂପା ସଂଗ୍ରହ ପାଇଁ ୨୦୧୮ ଜୁନ ସୁଦ୍ଧା ଜାପାନବାସୀ ଦାନ କରିଥିବା ଅବ୍ୟବହୃତ ମୋବାଇଲ ଫୋନର ସଂଖ୍ୟା ଥିଲା ୪୩୨ ଲକ୍ଷ । ଜନସାଧାରଣଙ୍କ ସହିତ ଦେଶର ବହୁ ମୋବାଇଲ ଦୋକାନୀ ମଧ୍ୟ ସହଯୋଗ କରିଥିଲେ ।

# ଭୋଟର କାଳିର କାହାଣୀ

ହାଇଦ୍ରାବାର ଏବଂ ମହୀଶୂରରେ ଥିବା ମାତ୍ର ଦୁଇଟି କମ୍ପାନୀ ଭୋଟ୍ ପାଇଁ କାଳି ଯୋଗାଇଥାନ୍ତି । ବିଦେଶକୁ ମଧ୍ୟ ଏହି ଦୁଇଟି କମ୍ପାନୀ କାଳି ଯୋଗାନ୍ତି, ଯାହା ଭୋଟ ସହିତ ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକରେ ବ୍ୟବହାର କରାଯାଇଥାଏ । ଦେଶକୁ କାଳି ଯୋଗାଉଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ମିଶି ପଲସ ପୋଲିଓ କାର୍ଯ୍ୟକ୍ରମ ପାଇଁ ମଧ୍ୟ କାମ କରେ । ସେହିପରି ମହୀଶୂରର କମ୍ପାନୀ ବ୍ରିଟେନ, ମାଲେସିଆ, ତୁର୍କି ଡେନମାର୍କ ଏବଂ ପାକିସ୍ତାନ ସମେତ ୨୮ଟି ଦେଶକୁ କାଳି ଯୋଗାଇଥାଏ । ୨୦୧୪ ମସିହାରେ ହୋଇଥିବା



ନିର୍ବାଚନ ଗଣତାନ୍ତ୍ରିକ ଦେଶର ସବୁଠାରୁ ବଡ଼ ପର୍ବ । ନାଗରିକ ଭାବେ ମତାଧିକାର ସାବ୍ୟସ୍ତ କରିବା ସହ ଭୋଟ ଦେଇଥିବାର ସୂଚକ ଭାବେ ହାତରେ ଲାଗିଥିବା କାଳି ସମସ୍ତେ ବେଶ୍ ଖୁସିରେ ପ୍ରଦର୍ଶନ କରିଥାନ୍ତି । ଭୋଟରଙ୍କ ହାତରେ କାଳି ଲାଗିଲେ ମନ ଆପେ ଗର୍ବରେ ଉତଫୁଲ୍ଲିତ ହୋଇଥଯାଏ । ଏହି କାଳ ଯେପରି ଦେଶାତ୍ମବୋଧର ଭାବନା ଜାଗ୍ରତ କରେ । ଭୋଟ ଦାନ ପରି କାର୍ଯ୍ୟରେ ବ୍ୟବହାର ହେଉଥିବା କାଳି ଆଦୌ ସାଧାରଣ ନୁହେଁ । ଯେକୌଣସି କମ୍ପାନୀ ଏହାକୁ ପ୍ରସ୍ତୁତ କରିପାରନ୍ତି ନାହିଁ । ଭାରତରେ କେବଳ ଦୁଇଟି କମ୍ପାନୀ ଭୋଟର କାଳି ପ୍ରସ୍ତୁତ କରିବା ପାଇଁ ସରକାରୀ ସ୍ୱୀକୃତି ପାଇଛନ୍ତି ହାଇଦ୍ରାବାଦର ରାୟୁଡୁ ଲ୍ୟାବସ ଏବଂ ମହୀଶୂରର ମହୀଶୂର ପେଣ୍ଟସ ଆଣ୍ଡ ବାର୍ନିସ୍ ଲିମିଟେଡ ନାମକ ଦୁଇଟି କମ୍ପାନୀ ସମଗ୍ର ଦେଶରେ ନିର୍ବାଚନ ପାଇଁ କାଳି ଯୋଗାଇତାନ୍ତି । ଏହି ଦୁଇ କମ୍ପାନୀର କାଳି ମଧ୍ୟ ବିଦେଶକୁ ରପ୍ତାନି ହୋଇଥାଏ । ହାଇଦ୍ରାବାଦର କମ୍ପାନୀ ଆଫ୍ରିକାର ରୁଆଣ୍ଡା, ମୋଜାମ୍ବିକ, ଦକ୍ଷିଣ ଆଫ୍ରିକା, ଜାମ୍ବିଆ ପରି ନିର୍ବାଚନ ସମୟରେ ମୁଖ୍ୟ ନିର୍ବାଚନ କମିସନରେ ଏହି କାଳିରେ ସିଲଭର ନାଇଟ୍ରେଟର ପରିମାଣ ୨୦-୨୫ ପ୍ରତିଶତ ବଢ଼ାଇ ଦେଇଥିଲେ, ଯାହାଦ୍ୱାରା ଏହା ଶୀଘ୍ର ଲିଭିଯିବ ନାହିଁ । ସିଲଭର ନାଇଟ୍ରେଟ୍ ଭୋଟରେ ବ୍ୟବହୃତ ହେଉଥିବା କାଳିର ପ୍ରମୁଖ ଉପାଦାନ । ଏହା ପାଣିରେ ଦ୍ରବୀଭୂତ ହେଉଥିବା କାଳିର ପ୍ରମୁଖ ଉପାଦାନ । ଏହା ପାଣିରେ ଦ୍ରବୀଭୂତ ହୋଇପାରେ । ତେବେ ଚର୍ମରେ ଲାଗିବା ପରେ ଏଥିରେ ଥିବା ଲବଣାଂଶ ସହ ସିଲଭର ନାଇଟ୍ରେଟ୍ ପ୍ରତିକ୍ରିୟା କରି ସିଲଭର କ୍ଲୋରାଇଡ୍ ସୃଷ୍ଟି ହୁଏ । ଏହା ଜଳରେ ଦ୍ରବୀଭୂତ ହୁଏନାହିଁ । ତେଣୁ ଭୋଟର କାଳି ପାଣି, ସାବୁନ ଏପରିକି ଗରମ ପାଣି, ଆଲକୋହଲ, ନେଲପଲିସ୍ ରିମୁଭର କିମ୍ବା ବ୍ଲିଚ୍ ଦ୍ୱାରା ଛଡ଼େନାହିଁ । କେବଳ କିଛିଦିନ ପରେ ତ୍ୱଚାର ମୃତ କୋଷ ବଦଳି ନୂତନ କୋଷ ସୃଷ୍ଟି ହେବା ପରେ ଏହି କାଳିଦାଗ ଚାଲିଯାଏ । ୧୦ ମିଲିର ବୋତଲରେ ୫୦୦ ଜଣ ଭୋଟରଙ୍କୁ କାଳି ଲାଗାଯାଇପାରିବ । କାଳି ଚିହ୍ନ ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ରହିଥାଏ । ୯୦ଦିନ ପରେ ଏହି କାଳି ନଷ୍ଟ ହୋଇଯାଇଥାଏ ।




# ଅନାସକ୍ତ ପ୍ରେମ ହିଁ ପ୍ରକୃତ ପ୍ରେମ

ଅନାସକ୍ତି ବା ବୈରାଗ୍ୟ ଭାବ ଓ ଆଧ୍ୟାତ୍ମିକ ସାଧନା ଏ ଦୁଇଟ ଉଚ୍ଚକୁ ଉଠୁଥିବା ପକ୍ଷୀଟିଏର ଦୁଇଟି ଡେଣା ଭଳି, ଯାହା ମରଣଶୀଳତାର ସ୍ତରକୁ ବ୍ୟକ୍ତିକୁ ଅମରତ୍ୱର ଶିଖରକୁ ଉଠାଇ ନେଇ ଯାଇ ପାରେ । ଭ୍ରମରେ ପଡି ଅନେକ ଆସକ୍ତିକୁ ହିଁ ପ୍ରେମ ବୋଲି ଧରି ନିଅନ୍ତି । କିନ୍ତୁ କହିବାକୁ ଗଲେ ଆସକ୍ତି ତୁମକୁ ସ୍ୱାର୍ଥପର ଭାବେ ନିଜର ଭୋଗ ପ୍ରବୃତ୍ତିକୁ ବଢ଼ାବାରେ ହିଁ ସାହାଯ୍ୟ କରିଥାଏ । ଇଚ୍ଛିତ ବସ୍ତୁ ପଛରେ ଦଉଡି ତାହାକୁ ନିଜର କରି ନେବାର ଏହା ଏକ ମାନସିକତା। ତେଣୁ ଏହାକୁ ପ୍ରେମ କହିବା ଠିକ୍ ନୁହେଁ। ଆସକ୍ତି ବନ୍ଧନର ଅନ୍ୟ ଏକ ନାମ, ଯାହା ପ୍ରକୃତ ପ୍ରେମ ବନ୍ଧନର ପାଶରୁ ମୁକ୍ତି ଆଣିଦିଏ। ଯୋଗ ସାଧନାରେ ଯେଉଁ ଅନାସକ୍ତ ଭାବର କଥା କୁହାଯାଏ ତାହା ନିସ୍ପୃହତା ନୁହେଁ। ତାହା ନିଃସ୍ୱାର୍ଥ ଭାବେ ସମସ୍ତଙ୍କୁ ଆପଣେଇ ନେବାର ଏକ ମାନସିକତା ଅଟେ। ପ୍ରକୃତ ପକ୍ଷେ ଅନାସକ୍ତ ପ୍ରେମ ହିଁ ପ୍ରକୃତ ପ୍ରେମ। ଆସକ୍ତିରୁ ଯେଉଁ ପ୍ରେମ ଜାତ ହୁଏ, ସେଥିରେ ସ୍ୱାର୍ଥର ବୀଜ ରୋପିତ ହୋଇତାଏ। ତେଣୁ ଗୃହତ୍ୟାଗୀ ସନ୍ନ୍ୟାସୀ ହୁଅନ୍ତୁ ଅଥବା ଗୃହୀ ଉଭୟ ସ୍ତରର ବ୍ୟକ୍ତି ଅନାସକ୍ତ ଭାବେ ପ୍ରେମର ଅଭ୍ୟାସ କରିବା ଉଚିତ, ଯଦିଓ ଲକ୍ଷ୍ୟ ପ୍ରାପ୍ତିରେ ସଫଳତା ପାଇବା ନିଜର ନିଷ୍ଠା ଉପରେ ନିର୍ଭର କରେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସମସ୍ତେ ସଜାଗ ହେବା ଜରୁରି...

ଛତିଶଗଡ଼ର ଚାମ୍ପା-ଜାଞ୍ଜଗିରି ଜିଲ୍ଲାର ପିହରିଆ ଗ୍ରାମର ୧୧ବର୍ଷ ବୟସର ରାହୁଲ ସାହୁଙ୍କୁ ଯେଉଁଭଳି ଭାବେ ଏକ ୮୦ଫୁଟ ଗଭୀର ବୋରୱେଲ ତଳୁ ପାଞ୍ଚଦିନର ଅକ୍ଳାନ୍ତ ଶ୍ରମ ସ୍ୱୀକାର ପରେ ଉଦ୍ଧାର କରାଗଲା, ତାହା ଦେଶର କୋଟି କୋଟି ଲୋକଙ୍କୁ ଆଶ୍ୱସ୍ତ କରିଛି । ଏହି ସଫଳତା ପାଇଁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ୫୦୦ରୁ ଅଧିକ ଏନଡିଆରଏଫ, ଏସଡିଆରଏଫ, ସେନା ଯବାନ ଏବଂ ରାଜ୍ୟ ପୁଲିସବଳ ଅବଶ୍ୟ ଧନ୍ୟବାଦର ପାତ୍ର । ଏଥିସହିତ ଜିଲ୍ଲାପାଳ ଏବଂ ଏସପି ଘଟଣାସ୍ଥଳରେ ଉପସ୍ଥିତ ରହି ସମଗ୍ର ଘଟଣାଟିକୁ ପରିଚାଳନା କରିଛନ୍ତି, ତାହା ମଧ୍ୟ ପ୍ରଶାସନିକ କଳ ଉପରେ ଲୋକମାନଙ୍କ ଆସ୍ଥାକୁ ପୁନରୁଜ୍ଜୀବିତ କରିଛି । ରାହୁଲଙ୍କୁ ଉଦ୍ଧାର ପରେ ଚିକିତ୍ସା ପାଇଁ ବିଳାସପୁର ସ୍ଥିତ ହସପିଟାଲକୁ ନିଆଯାଇ ତାଙ୍କର ଉପଯୁକ୍ତ ଚିକିତ୍ସା କରାଯିବା ସହ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଯେହେତୁ ରାହୁଲ ମାନସିକ ସ୍ତରରେ ଅନଗ୍ରସର, ତା'ର ଉଦ୍ଧାର ଏବଂ ସ୍ୱାସ୍ଥ୍ୟ ପାଇଁ ସଭିଏଁ ତତ୍ପର ହୋଇପଡ଼ିଥିଲେ । ଏହା ଖୁସିର କଥା । ସମଗ୍ର ପ୍ରକ୍ରିୟାଟିକୁ ତର୍ଜମା କଲେ, ଦୀର୍ଘ ପାଞ୍ଚଦିନ ପରେ ୮୦ ଫୁଟ ଭୂଗର୍ଭରେ ପଡ଼ି ରହିଥିବା ଏକ ଶିଶୁର ଉଦ୍ଧାର ସମସ୍ତଙ୍କୁ ବିସ୍ମିତ କରେ । ଶୁକ୍ରବାର ଦିନ ଅପରାହ୍ନରେ ବୁଲୁଥିବା ଅବସ୍ଥାରେ ବୋରୱେଲ ଭିତରେ ଖସିପଡ଼ିବା ଯେତିକି ଦୁର୍ଭାଗ୍ୟଜନକ ସେତିକି ବିସ୍ମୟକର । ଭୂତଳ ଜଳ ଉତ୍ତୋଳନ ପାଇଁ ବଡ଼ ବଡ଼ ବୋରୱେଲ ଖୋଳାଯିବା ଏବଂ ପରେ ସେସବୁ ଅବ୍ୟବହୃତ ଅବସ୍ଥାକୁ ଆସିଲେ ଖୋଲାମେଲା ଛାଡ଼ିଦିଆଯିବା ବାସ୍ତବିକ ଉଦ୍‌ବେଗଜନକ ଘଟଣା । ଛତିଶଗଡ଼ର ପିହରିଆ ଗ୍ରାମରେ ଏବେ ଯେଉଁ ଘଟଣା ଘଟିଛି, ତାହା ଦେଶର ଅନ୍ୟ ପ୍ରଦେଶରେ ଏବଂ ଅକାଧିକ ସ୍ଥାନରେ ଘଟିଛି । ସେଥିପାଇଁ ପିତାମାତାଙ୍କୁ ଯେତିକି ଦୁଶ୍ଚିନ୍ତାରେ ସମୟ ବିତାଇବାକୁ ପଡ଼ିଛି, ସ୍ଥାନୀୟ ପ୍ରଶାସନର ମଧ୍ୟ ନିଦ ହଜାଇ ଦେଇଛି । ଏଭଳି ବିପଦକୁ କ'ଣ ଏଡ଼ାଇ ଦିଆଯାଇ ପାରିବ ନାହିଁ । ଅବ୍ୟବହୃତ ଗଭୀର ବୋରୱେଲ ଗାତ ମୁହଁକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବା କିମ୍ବା ତାର ଜାଲିରେ ଆଚ୍ଛାଦନ କରାଯିବା ଉଚିତ୍ ନୁହେଁ କି ? ଯଦି ବୋରୱେଲର ମାଲିକମାନେ ନିଜର ସାମାଜିକ ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ପାଳନପୂର୍ବକ ଏହି ଦାୟିତ୍ୱ ନିର୍ବାହ ନକରନ୍ତି, ତେବେ ସରକାର ଏହାକୁ ଆଇନତଃ ବାଧ୍ୟତାମୂଳକ କରିବାରେ ବାଧା କେଉଁଠି ? ଧୀରେ ଧୀରେ ଏହା ଏକ ବିପଦ ହୋଇ ସମାଜ ଆଗରେ ଠିଆ ହେଉନାହିଁ କି ? ଛତିଶଗଡ଼ରେ ସଦ୍ୟ ଘଟିଥିବା ଏହି ଘଟଣାରେ ୮୦ଫୁଟ ମାଟିତଳୁ ବଡ଼ ବଡ଼ ପଥର ଫଟାଇ ୫୦୦ରୁ ଅଧିକ ସୁରକ୍ଷା କର୍ମୀ ଓ ବୁଲଡୋଜର ସମେତ ଏକ୍ସକାଭେଟର ବ୍ୟବହାର କରାଯିବା, ବୋରୱେଲ ତଳୁ ନିରବଚ୍ଛିନ୍ନ ଭାବେ ଜଳ ଉତ୍ତୋଳନ ସହ ଶିଶୁଟିକୁ ବଞ୍ଚାଇ ରଖିବା ନିମନ୍ତେ ତା' ନିକଟକୁ ପର୍ଯ୍ୟାପ୍ତ ଅକ୍ସିଜେନ ଓ ଖାଦ୍ୟ ଯୋଗାଣ କରାଯିବ, ଏକ ବିରାଟ ଅଞ୍ଚଳରୁ ମାଟି ଓ ପଥର ଖୋଳାରେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରାଯିବା ଦ୍ୱାରା ହିଁ ଏଭଳି ଅସମ୍ଭବ ସମ୍ଭବ ହୋଇପାରିଛି । ସୌଭାଗ୍ୟର କଥା, ସ୍ଥାନୀୟ ଜନତାଙ୍କ ଠାରୁ ପ୍ରଶାସନ ପର୍ଯ୍ୟନ୍ତ ରାହୁଲଙ୍କୁ ଉଦ୍ଧାର କରିବା ନିମନ୍ତେ ଏକ ମନରେ ସହଯୋଗର ହାତ ବଢ଼ାଇଥିଲେ । ଏହାକୁ ହିଁ ଐକ୍ୟ, ସଂହତି ଓ ପ୍ରତିବଦ୍ଧତା ବୋଲି କୁହାଯିବ । ତେବେ ଏଥିସହ ଜନସଚେତନତା ମଧ୍ୟ ଜରୁରି । ଗାଁର ଅପନ୍ତରା ସ୍ଥାନରେ ଖୋଲା ବୋରୱେଲ ମୁହଁଟିଏ ହେଉ କିମ୍ବା ରାଜରାସ୍ତା ଉପରେ ଫୁଙ୍ଗୁଳା ମ୍ୟାନହୋଲଟିଏ ହୋଇଥାଉ, ଏହା ଯେ ମରଣଯନ୍ତା ସେକଥା ସଭିଏଁ ସ୍ୱୀକାର କରିବେ । ଏପରି ଯନ୍ତା ଠାରୁ ଦୂରରେ ରହିବା ଓ ସେସବୁକୁ ମରାମତି କରିବା ନିମନ୍ତେ ଜନସଚେତନତା ଜରୁରି । ଏଭଳି ବିପଦପୂର୍ଣ୍ଣ ସ୍ଥାନ ଚତୁଃପାର୍ଶ୍ୱରେ ବାଡ଼ ନିର୍ମାଣ କରାଯିବା ଆବଶ୍ୟକ । ଏହାଦ୍ୱାରା ଏଭଳି ବିପଦର ପୁନରାବୃତ୍ତି ଘଟିବ ନାହିଁ । ବାରମ୍ବାର ଏକପ୍ରକାର ଭୁଲ୍ କରିବସିବା ଆମ ଅବହେଳାପଣ ଅବା ହେୟଜ୍ଞାନର ନମୁନା ମାତ୍ର । ପ୍ରାକୃତି ବିପଦ ଉପରେ କାହାର ହାତ ନାହିଁ । କିନ୍ତୁ ମାନବକୃତ ବିପଦକୁ ଏଡ଼ାଯିବା ମନୁଷ୍ୟସାଧ୍ୟ । ତେଣୁ ଏଥିପାଇଁ ସଭିଏଁ ସତର୍କ ରହିବା ବାଞ୍ଛନୀୟ ।

# ସାମ୍ବାଦିକତାରେ ଜିହାଦି



ସୌମେନ୍ଦ୍ର ଜେନା

ଜିହାଦି ବା ସନ୍ତ୍ରାସବାଦୀ ମାନସିକତା କେବଳ ସମାଜରେ ଅଶିକ୍ଷିତ ବା ଦରିଦ୍ର ଲୋକଙ୍କ ପାଖରେ ରହିଥାଏ ତା ନୁହେଁ ଶିକ୍ଷିତ, ପ୍ରତିଷ୍ଠିତ ବର୍ଗ ମଧ୍ୟରେ ଏହା ରହିଥାଏ । ବିଗତ ଦିନମାନଙ୍କରେ ଓସାମାଠାରୁ ଜବାହିରି ଯାଏଁ କେହି ଅଶିକ୍ଷିତ କିମ୍ବା ଅଳ୍ପ ଶିକ୍ଷିତ ନଥିଲେ, ଏମାନେ ଶିକ୍ଷିତ ହୋଇ ମଧ୍ୟ ସନ୍ତ୍ରାସବାଦର ନେତୃତ୍ୱ ନେଇଥିଲେ । ଆମେରିକାର ଜେଲ ମଧ୍ୟରେ ଥିବା ଲେଡି ଓସାମା ମଧ୍ୟ ଜଣେ ଉଚ୍ଚଶିକ୍ଷିତା ମହିଳା ଯାହାପାଇଁ ପୃଥିବୀର ଭିନ୍ନ ଭିନ୍ନ ଦେଶରେ ସଂଖ୍ୟାଧିକ ଲୋକଙ୍କୁ ହତ୍ୟା କରାଯାଇଛି । ସେମିତି ଜିହାଦି ବିଚ୍ଚରର ପ୍ରସାର ପାଇଁ ସନ୍ତ୍ରାସବାଦକୁ, ମୌଳବାଦକୁ ସମାଜରେ ପ୍ରତିଷ୍ଠା ଦେବାଲାଗି କେବଳ ମୁଲ୍ଲା, ମୌଲବୀ କିମ୍ବା ଧର୍ମାନ୍ଧତାର ପ୍ରଚ୍ଚରକମାନେ ଯେ କେବଳ ଦାୟୀ ତା ନୁହେଁ , ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧରି ରଖିବା ପାଇଁ ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଉଥିବା ଗଣମାଧ୍ୟମର ଏଥିପାଇଁ କିଛି କମ୍ ସହଯୋଗ ନାହିଁ । ଖବର ପ୍ରଚ୍ଚର ନାମରେ ସନ୍ତ୍ରାସବାଦୀଙ୍କ ମହିମା ମଣ୍ଡନ କରିବା ପରି ବ୍ୟକ୍ତିମାନେ ଗଣମାଧ୍ୟମରେ ଥିଲାବେଳେ ସମାଜକୁ ଘୃଣା କରୁଥିବା ଅସଭ୍ୟ ଲୋକେ ଗଣମାଧ୍ୟମରେ ମଧ୍ୟ ରହିଛନ୍ତି । ଯେମିତି ଆନ୍ତର୍ଜାତିକ ସ୍ତରରେ କାତାର ସରକାରଙ୍କ ପ୍ରୋତ୍ସାହନ କ୍ରମେ କାର୍ଯ୍ୟରତ ଅଲ୍ ଜଜିରା ଗଣମାଧ୍ୟମରେ ଜିହାଦି ବିଚ୍ଚରର ଅଧିକ ପ୍ରସାର ହେଉଥିଲା ବେଳେ ସେହି ସଂସ୍ଥାରେ ସଂଖ୍ୟାଧିକ ଜିହାଦି ସାମ୍ବାଦିକର ପରିଚୟ ନେଇ ଭିନ୍ନ ଭିନ୍ନ ଦେଶରେ କାର୍ଯ୍ୟରତ । ଭାରତର ଗଣମାଧ୍ୟମରେ ସେହି ବିଚ୍ଚରର କିଛି କମ୍ ଲୋକ ନାହାନ୍ତି । ଏଠାରେ କେବଳ ଅଳ୍ପ କେତେକଙ୍କ ସଂପର୍କରେ ଆଲୋଚନା କରାଯାଉଛି ।

ପ୍ରଚ୍ଚରବାଦୀ ୱେବସାଇଟ୍ ଅଲ୍‌ଟ ନିଉଜ୍ ସଂପର୍କରେ ବିଗତ ଦିନମାନଙ୍କରେ ଅନେକ ଅଭିଯୋଗ ଆସିଛି । ଏହି ସଂସ୍ଥା ସିଏଏ ଆନ୍ଦୋଳନ,ଶାହିନବାଗ ଝାମେଲା,କୃଷୀ ଆନ୍ଦୋଳନ, ଦିଲ୍ଲୀ ଦଙ୍ଗା ସମୟରେ ଅନେକ ବିଭ୍ରାନ୍ତିକର ଖବର ପ୍ରକାଶ କରୁଥିବାର ଆଲୋଚନା ହୋଇଥିଲା । କିନ୍ତୁ ଏହି ସଂସ୍ଥାର ପ୍ରତିଷ୍ଠାତା ମହମ୍ମଦ ଜୁବୈର ଯେ ଜଣେ ଜିହାଦି ମାନସିକତା ସଂପନ୍ନ ବ୍ୟକ୍ତି ତାହା ତାଙ୍କ ଲେଖାରୁ ଜାଣିହେବ । ଚଳିତମାସ ୧୩ ଜୁନ୍ ୨୦୨୨ଦିନ ଜୁବୈରଙ୍କ ସୋସିଆଲ ମିଡିଆର ଆକାଉଣ୍ଟ ବନ୍ଦ ହେଲା ବେଳେ ଫେସବୁକ୍ ପ୍ରୋଫାଇଲ ଆଦି (ଅଲ୍‌ଟନିଉଜ୍ ଜୁବୈର) ଡିଲିଟ୍ ହୋଇଯାଇଛି । ଅଲ୍ଟ ନିଉଜର ପ୍ରତିଷ୍ଠାତା ଜୁବୈରଙ୍କ ସୋସିଆଲ ମିଡିଆ ପୃଷ୍ଠାରେ ହିନ୍ଦୁ ଦେବାଦେବୀଙ୍କୁ ଘୃଣାକରି ଲେଖୁଥିବା ପୋଷ୍ଟଗୁଡିକ ଭାଇରାଲ ହୋଇଯିବା ପରେ ବାଧ୍ୟ ହୋଇ ଜୁବୈରଙ୍କୁ ନିଜ ଆକାଉଣ୍ଟକୁ ଡିଆକ୍ଟିଭେଟ କରିବାକୁ ପଡିଛି ।

ଗତ କିଛିଦିନ ଧରି ଜୁବୈର ନୂପୁର ଶର୍ମାଙ୍କ ବିରୋଧରେ ଇସଲାମପନ୍ଥୀଙ୍କୁ ଉତ୍ତେଜିତ କରିବାକୁ କାର୍ଯ୍ୟକରି ଆସୁଛନ୍ତି । ନୂପୁର ଶର୍ମାଙ୍କ ବିରୋଧରେ କହୁଥିବା ମୌଳବାଦୀଙ୍କ ମୁଣ୍ଡ ଗଣ୍ଡି କାଟି ଅଲଗା କରିବା ଧମକକୁ ଅଧିକରୁ ଅଧିକ ପ୍ରସାର କରାଯାଇଆସୁଛି । ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକତାର ଆଢୁଆଳରେ ଜିହାଦି ମନ୍ତବ୍ୟ ଦେଉଥିବା ଜୁବୈରଙ୍କ କାରନାମାକୁ ଟ୍ୱିଟର ୟୁଜର ଦି ହକ୍ ଆଇ ଧରିନେବା ପରେ ତାଙ୍କ ମାନସିକତା ସଂପର୍କରେ ଉଲ୍ଲେଖ କରିବାକୁ ଯାଇ ଜୁବୈରଙ୍କ ୩୦ ଅକ୍ଟୋବର ୨୦୨୧ରେ ଗୋଟିଏ ପୋଷ୍ଟକୁ ଉଲ୍ଲେଖ କରିଥିଲା, ଯେଉଁଥିରେ ଜୁବୈର ଭାଟିକାନ ସିଟିର ଫଟୋସହ ଶିବଲିଙ୍ଗର ଫଟୋକୁ ଯୋଡି ଲେଖିଥିଲେ ରୋମର ଚର୍ଚ୍ଚ ପରିସର ଶିବଲିଙ୍ଗ ଆକୃତିର ତାହା ପୁଣି ଏନ୍‌ଡିଟିଭିର କୌଣସି ଏକ ଫଟୋକୁ ନେଇ କୁହାଯାଇଥିଲା । ଠିକ୍ ସେହିପରି ତାଙ୍କ ଫେସବୁକ୍ ପୃଷ୍ଠା ଅନ୍‌ଅଫିସିଆଲ ମହମ୍ମଦ ଜୁବୈରରେ ରାମାୟଣ ସିରିଏଲରେ ରାମ ଚରିତ୍ରରେ ଅଭିନୟ କରିଥିବା ଅରୁଣ ଗୋଭିଲଙ୍କୁ କଟାକ୍ଷ କରି ଲେଖାଯାଇଥିଲା ଯେ ଇସ୍ରୋ ଅରୁଣ ଗୋଭିଲଙ୍କଠାରୁ ପରାମର୍ଶ ଗ୍ରହଣ କରିବା ଉଚିତ୍ । କାରଣ ରକେଟରୀ / ବିମାନ ସଂପର୍କରେ ତାଙ୍କୁ ଅଧିକ ଜଣାଅଛି । ଏହି ପୋଷ୍ଟ ମାଧ୍ୟମରେ ସେ କେବଳ ଅରୁଣ ଗୋଭିଲ ନୁହଁନ୍ତି ଦେଶର ପ୍ରାଚୀନ ସଂସ୍କୃତ ଗ୍ରନ୍ଥ, ପ୍ରାଚୀନ ଜ୍ଞାନଧାରାକୁ କଟାକ୍ଷ କରିବାକୁ ଚ୍ଚହୁଁଥିଲେ, ଯେମିତି ସଂସ୍କୃତରେ ଥିବା ପ୍ରାଚୀନ ସଂହିତାଗୁଡିକର କୌଣସି ମୂଲ୍ୟନାହିଁ । ଦୁଃଖର କଥା ହେଲା ଯେ ଇଂରାଜୀ ଶିକ୍ଷିତ ଏବଂ ସଂସ୍କୃତରେ ନିରକ୍ଷର ବହୁଲୋକ ନିଜର ନୋବେଲ ଜ୍ଞାନର ଅହଂକାରକୁ ନେଇ ବହୁ ଯୁକ୍ତି ଦର୍ଶାଇଥାନ୍ତି । କିନ୍ତୁ ହଜାର ହଜାର ବର୍ଷ ପୂର୍ବେ ପ୍ରାଚୀନ ଭାରତୀୟ ଗ୍ରନ୍ଥଗୁଡିକରେ ବିମାନ, କ୍ଷେପଣାସ୍ତ୍ର ସଂପର୍କୀତ ଯେପରି ବର୍ଣ୍ଣନା ରହିଛି ସେମିତି ଦକ୍ଷିଣ ଭାରତର ପ୍ରାଚୀନ ମନ୍ଦିରଗୁଡିକର ପ୍ରସ୍ତର ଖୋଦିତ ମୂର୍ତ୍ତିରେ ଏପରି କ୍ଷେପଣାସ୍ତ୍ର ଛଡାଯାଉଥିବାର ଚିତ୍ରମାନ ରହିଛି, ଯାହା ସଂପର୍କରେ ଜୁବୈରଙ୍କ ପରି ଲୋକଙ୍କର କୌଣସି ଧାରଣା ନାହିଁ । ବିଶ୍ୱବିଦ୍ୟାଳୟ ସାର୍ଟିଫିକେଟ ଭାରତୀୟ ମନୀଷାର ତୁଳନା କରିପାରିବ ନାହିଁ । ସେଥିପାଇଁ ଗଭୀର ଅଧ୍ୟୟନ ସହ ସଂସ୍କୃତି ଜ୍ଞାନ ଥିବା ଆବଶ୍ୟକ । ଅଥଚ ଏସବୁ ନଥାଇ ମଧ୍ୟ ଜୁବୈର ନିଜକୁ ମହାଜ୍ଞାନୀ ମନେକରିବା ତାଙ୍କ ମୂର୍ଖତାର ପରିଚୟ ଦେଇଥାଏ । ଠିକ୍ ସେମିତି ଅନ୍‌ଅଫିସିଆଲ ମହମ୍ମଦ ଜୁବୈର ନାମକ ଅନ୍ୟ ଏକ ପୋଷ୍ଟରେ ପାଣି ଭିତରେ ପଡିଥିବା ଏକ ଜାହାଜର ଫଟୋ ସହ କ୍ୟାପସନ ବା ଶୀର୍ଷକ ଲେଖା ଯାଇଛି , "ବ୍ରେକିଂ: ରାବଣ ଦ୍ୱାରା ୫୦୦୦ବର୍ଷ ପୂର୍ବେ ବ୍ୟବହୃତ ହେଉଥିବା ଅଣ୍ଡରୱାଟର ପୁଷ୍ପକ ବିମାନ ଭାରତ ମହାସାଗରରେ ମିଳିଛି ।" ସେ ଆହୁରି ମଧ୍ୟ ଲେଖିଛନ୍ତି "ବାବା ରାମଦେବ ଗୋମୂତ୍ର ଇନ୍ଧନ ପ୍ରସ୍ତୁତିରେ ଲାଗିଛନ୍ତି ।" ସେଥିରେ ସେ ଆଇଆଇଟିଗୁଡିକୁ ସେ ସଂପର୍କରେ ଅଧିକ ଗବେଷଣା କରିବାକୁ କହିଛନ୍ତି । ୧୮ ଏପ୍ରିଲ ୨୦୧୮ରେ ଜୁବୈରଙ୍କ ଏକ ପୋଷ୍ଟରେ ସେ ଲେଖିଥିଲେ "ପ୍ରାଚୀନ ଲାପ୍‌ଟପରେ କୌଣସି ପ୍ରୋସେସର କିମ୍ବା ରାମ ନଥିଲେ, ଏହାକୁ ପରେ ମିଶନାରୀ ଗଣିତଜ୍ଞ ଚ୍ଚର୍ଲସ ବାବେଜ ନକଲ କରିଥିଲେ । ସେ ସମୟରେ କମ୍ପ୍ୟୁଟର ଶିକ୍ଷା ପାଇଁ ସଂସ୍କୃତ ଜାଣିବା ନିହାତି ଆବଶ୍ୟକ ଥିଲା । କେବଳ ବିରାଟ ହିନ୍ଦୁମାନେ ହିଁ କମ୍ପ୍ୟୁଟର ଚଳାଇ ପାରୁଥିଲେ, ନିମ୍ନଜାତିର ଲୋକମାନଙ୍କୁ ସଂସ୍କୃତ ପଢିବାରେ ବାରଣ ରହିଥିଲା ।" ଜୁବୈରଙ୍କ ଦ୍ୱାରା ୧୭ ଏପ୍ରିଲ ୨୦୧୮ରେ ପୋଷ୍ଟ ହୋଇଥିବା ଅନ୍ୟ ଏକ ଲେଖାରେ ଧୃତରାଷ୍ଟ୍ରଙ୍କ ନିକଟରେ ସଞ୍ଜୟ ବସିଥିବାର ଏକ ଛବିରେ ସଞ୍ଜୟଙ୍କ ହାତରେ ଲାପ୍‌ଟପ୍ ଧରିଥିବା ଦର୍ଶାଯାଇ ଲେଖାଯାଇଛି "କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧର ଲାଇଭ ଭିଡିଓକୁ ଧୃତରାଷ୍ଟ୍ରଙ୍କୁ ଦେଖାଉଛନ୍ତି ସଞ୍ଜୟ ।" ଏଠାରେ ମହାଭାରତର ସଞ୍ଜୟଙ୍କ ଜ୍ଞାନଚକ୍ଷୁକୁ କଟାକ୍ଷ କରାଯାଇଛି ।

ଗଣମାଧ୍ୟମରେ କାର୍ଯ୍ୟରତ ଅନ୍ୟ ଜଣେ ଜିହାଦି ସାମ୍ବାଦିକା ହେଲେ ସାବା ନକ୍‌ଵି । ୧୮ ମଇ ୨୦୨୨ରେ ସେ ତାଙ୍କର ଟ୍ୱିଟର ପୃଷ୍ଠାରେ ଗୋଟିଏ ପଟେ ଏକ ଶିବଲିଙ୍ଗ ଫଟୋ ସହ ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରର ଫଟୋକୁ ପେଷ୍ଟ କରି ଲେଖିଥିଲେ "ବ୍ରେକିଂ : ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରଠାରେ ବିଶାଳକାୟ ଶିବଲିଙ୍ଗ ଆବିଷ୍କୃତ ହୋଇଛି ।" ଏହାପରେ ୮ଜୁନ୍ ୨୦୨୨ରେ ଦିଲ୍ଲୀ ପୋଲିସ ସାବାଙ୍କ ବିରୋଧରେ ଏଫ୍‌ଆଇଆର୍ ଦାଖଲ କରିଥିଲା । ହେଲେ ସାବା ସାମ୍ବାଦିକା ହୋଇଥିବାରୁ ତାଙ୍କୁ ସାତଗୁଣ ମାଫ୍ କରିବା ଦରକାର ବୋଲି ଯୁକ୍ତି ଦର୍ଶାଇ ଭାରତୀୟ ମହିଳା ସାମ୍ବାଦିକ ସଂଘ ଏବଂ ପ୍ରେସ କ୍ଲବ ଅଫ ଇଣ୍ଡିଆ ପକ୍ଷରୁ ତାଙ୍କ ବିରୋଧରେ କୌଣସି ଅନୁସନ୍ଧାନ କରାନଯିବା ଲାଗି ଦାବି କରାଯାଇ ସମସ୍ତ ଅଭିଯୋଗପତ୍ର ହଟାଇ ନିଆଯିବା ପାଇଁ କୁହାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଗତ ଦିନରେ ଗଣମାଧ୍ୟମର ବିତର୍କ କିମ୍ବା ସାମାଜିକ ଗଣମାଧ୍ୟମର ପୋଷ୍ଟରେ ଅନ୍ୟ ଧର୍ମ ପ୍ରତି କଟାକ୍ଷ ମାଧ୍ୟମରେ ଘୃଣା ସୃଷ୍ଟିକାରୀ ମନ୍ତବ୍ୟ କିମ୍ବା ସାଧାରଣରେ ହିଂସାକୁ ପ୍ରୋତ୍ସାହନ ଦେଲାପରି ମନ୍ତବ୍ୟ ଦେଉଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ପୋଲିସ୍ ଏଫ୍‌ଆଇଆର୍ କରାଯାଇଥିଲା । ଯେଉଁ ତାଲିକାରେ ଭାରତୀୟ ଜନତା ପାର୍ଟିର ପୂର୍ବତନ ପ୍ରବକ୍ତା ନୂପୁର ଶର୍ମା, ଦିଲ୍ଲୀ ପ୍ରଦେଶର ବିଜେପି ନେତା ନବୀନ କୁମାର ଜିନ୍ଦଲ, ସଦାବ ଚ୍ଚୈହାନ, ମୌଲାନା ମୁଫତି, ନଦୀମ, ଅବଦୁର ରେହମାନ, ଗୁଲଜାର ଅନ୍‌ସାରୀ, ଅନିଲ କୁମାର ମିନା, ପୂଜା ସାକୁନ, ରାଜସ୍ଥାନର ମୌଲାନା ମୁଫତି ନଦୀମ୍, ଅସଦୁଦ୍ଦୀନ ଓୱାଇସୀ, ନରସିଂହାନନ୍ଦ ସରସ୍ୱତୀ ଆଦିଙ୍କ ନାମ ରହିଥିଲା । କିନ୍ତୁ ଇଣ୍ଡିଆନ ଓମେନ୍ସ ପ୍ରେସ୍ କର୍ପସ ତାଙ୍କର ଜଣେ ସଦସ୍ୟଙ୍କ ବିରୋଧରେ ହୋଇଥିବା ଅଭିଯୋଗପତ୍ର ଦୁର୍ଭାଗ୍ୟଜନକ କହି ପୋଲିସ ତାହାକୁ ପ୍ରତ୍ୟାହାର କରିବାପାଇଁ ଦାବି କଲାବେଳେ ସେହି ସଂଗଠନର ଅନ୍ୟ ଜଣେ ସାମ୍ବାଦିକା ଆଶା ଖୋସା ସାବାଙ୍କ ମନ୍ତବ୍ୟକୁ ଗ୍ରହଣ କରନ୍ତି ନାହିଁ ବୋଲି ତାଙ୍କ ଟ୍ୱିଟର ପୃଷ୍ଠାରେ ଲେଖିଛନ୍ତି ,"ସାବା ମୋର ଜଣେ ଭଲ ବାନ୍ଧବୀ ହୋଇଥିଲେ ମଧ୍ୟ ଭଗବାନ ଶିବଙ୍କ ସଂପର୍କରେ ତାଙ୍କର ଘୃଣାଭରା ମନ୍ତବ୍ୟ ପାଇଁ ମୁଁ ନିନ୍ଦିତ ହେଲାପରି ଅନୁଭବ କରୁଛି ।" ସେମିତି ଅନ୍ୟଜଣେ ସାମ୍ବାଦିକା ଚିତ୍ରା ନାରାୟଣନ୍ କହିଛନ୍ତି ଯେ ସାବାଙ୍କ ବିରୋଧରେ ଅଭିଯୋଗ ପତ୍ର ୱାରେଣ୍ଟ ନଥିବା ହେତୁ ସଂଗଠନର କର୍ମକର୍ତ୍ତାଗଣ ସଦସ୍ୟାମାନଙ୍କ ସହ କୌଣସି ପ୍ରକାର ଆଲୋଚନା ନକରି ବିଜ୍ଞପ୍ତି ଦେବା ଠିକ୍ ନୁହେଁ । ସଂଗଠନ ପକ୍ଷରୁ ସଦସ୍ୟାମାନଙ୍କୁ ଏପରି ଅରୁଚିକର ମନ୍ତବ୍ୟ ଦେବାରୁ ନିବୃତ୍ତ ରହିବାକୁ କୁହାଯିବା ଉଚିତ୍ ବୋଲି ସେ କହିଛନ୍ତି । ସେହିପରି ଟାଇମ୍ସ ଅଫ୍ ଇଣ୍ଡିଆର ସାମ୍ବାଦିକା ଭାରତୀ ଜୈନ ତାଙ୍କ ଟ୍ୱିଟରରେ ସଂଗଠନର ବିଜ୍ଞପ୍ତିକୁ ଗ୍ରହଣ କରୁନାହାନ୍ତି ବୋଲି ଉଲ୍ଲେଖକରି ଆଇନକୁ ତାର କାର୍ଯ୍ୟ କରିବାକୁ ଦିଆଯାଉ ବୋଲି ଲେଖିଛନ୍ତି । ତେଣୁ ଦେଖିବାକୁ ଗଲେ ଗଣମାଧ୍ୟମର ଜିହାଦିଙ୍କୁ ସବୁକିଛି ଛାଡ କରାଯିବା କଥାକୁ ସମସ୍ତେ ଆଖିବୁଜି ଗ୍ରହଣ କରିନେବେ ତାହା ନୁହେଁ । ସମ୍ମାନର ସହ କାର୍ଯ୍ୟରତ ନିଷ୍ପାପର ସାମ୍ବାଦିକମାନେ ଏପ୍ରକାର କଳଙ୍କଯୁକ୍ତ ସହକର୍ମୀଙ୍କ ପାଇଁ କିପରି ଅନୁତପ୍ତ ହୋଇଛନ୍ତି ତାହା ମଧ୍ୟ ଦେଖିବାକୁ ମିଳିଛି ।

♥ ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଯୋଗ୍ୟ ନେତାରହିତ ଜନଗଣ



ମାୟାଧର ନାୟକ

ଲୋକ ଅନେକ । ଏଇ ପୃଥିବୀରେ ପାଖାପାଖି ଆଠଶହ କୋଟି ଲୋକ । ସରକାରୀ ହିସାବ ସବୁବେଳେ ଭୁଲ । ଆତ୍ମସ୍ୱାର୍ଥସର୍ବସ୍ୱ କର୍ମଚାରୀମାନେ ନିଜ ପ୍ରେମରେ ବୁଡିରହି ପ୍ରକୃତ ଜନଗଣନା କରନ୍ତି ନାହିଁ । ଏପର୍ଯ୍ୟନ୍ତ ଆଫଗାନିସ୍ଥାନର ଲୋକସଂଖ୍ୟା କଳନା ହୋଇନି । ଆଉ କେତେ କେତେ ଯାଯାବରଙ୍କ ସଂଖ୍ୟା ରଖୁଛି କିଏ ? ସେଥିପାଇଁ ଆମେ ଅନୁମାନ କରି ଆଠଶହ କୋଟି କହୁଛୁ - ଆହୁରି ବେଶି ହୋଇପାରେ, ଟିକେ କମ୍ ବି ହୋଇପାରେ, କିନ୍ତୁ ସାତଶହ ଚାଳିଶ କୋଟି ଜନସଂଖ୍ୟା ଗଣନାରେ ମୁଣ୍ଡି ମାରିଦେବା ଠିକ୍ ନୁହେଁ ।

ସାରାବିଶ୍ୱରେ ଜୀବିତ ଲୋକଙ୍କ ଭିତରୁ ଜଣେ ଭଲ ଲୋକ ନାଁ ଖୋଜି ଖୋଜି ନୟାନ୍ତ ହୋଇଗଲିଣି – ଏପର୍ଯ୍ୟନ୍ତ ମିଳୁନାହାନ୍ତି । ଭଲ ଲୋକ ସଂଜ୍ଞା ବଡ ବିଚିତ୍ର । ବିଭିନ୍ନ କିସମର ଲୋକ ମିଳିବେ – କିନ୍ତୁ ମୁଁ ଯେଉଁ ଭଲଲୋକ ଖୋଜୁଛି – ହୁଏତ ଏ ଜନ୍ମରେ ମିଳିବ କି ନାହିଁ ସନ୍ଦେହ । ଖୋଜୁ ଖୋଜୁ ମିଳିଗଲେ ଜୀବନ ମୋର ଧନ୍ୟ ହେବ । ହୁଏତ ସେଇ ଭଲଲୋକ ସହିତ କଥାବାର୍ତ୍ତା କରି କିମ୍ବା ଦର୍ଶନ କରି ଅପାର ଆନନ୍ଦ ପାଇବି ।

ଭଲ ମଣିଷ ଖୋଜିଖୋଜି ପୃଥିବୀସାରା ବୁଲିଲିଣି । ଯେଉଁ ଦେଶର ଯେଉଁ ନେତାଙ୍କୁ ଦେଖିଲି – ସେମାନେ କେବଳ କ୍ଷମତା ଓ ଅର୍ଥ ପାଇଁ ପାଗଳ । ଏପର୍ଯ୍ୟନ୍ତ କୌଣସି ଦେଶରେ ଜଣେ ହେଲେ ଯୋଗ୍ୟ ନେତା ମିଳିବା ମୁସ୍କିଲ୍ । ଏକବିଂଶ ଶତାବ୍ଦୀର ଯେତେ ନେତା ଚଳପ୍ରଚଳ କରୁଛନ୍ତି – ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ କିଛିନା କିଛି ବାଦବିସମ୍ବାଦରେ ବ୍ୟାପୃତ ଓ ବିତର୍କିତ । ଅଧିକାଂଶ ରାଜକୋଷଲୁଟେରା, ବହୁନେତା ଜନବିରୋଧୀ ପୁଣି ଅଧିକାଂଶ ଅତ୍ୟନ୍ତ ଆତ୍ମକେନ୍ଦ୍ରିକ ।

ଉନ୍ନବିଂଶ ଓ ବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱ କେବଳ ରକ୍ତରେ ଜୁଡୁବୁଡୁ ହୋଇଛି । ବିଂଶ ଶତାବ୍ଦୀରେ ଦୁଇଟି ବିଶ୍ୱଯୁଦ୍ଧ ହିରୋସୀମା ଓ ନାଗାସାକି ଧ୍ୱଂସ, ଭାରତ-ପାକିସ୍ତାନ, ଇରାକ-ଇରାନ, ଆରବ-ଇସ୍ରାଏଲ, କୋରିଆ, ଭିଏତନାମ, ଆଫଗାନ-ଯୁଦ୍ଧ, ସ୍ପେନ୍, ଚୀନ୍, ଗ୍ରୀକ୍ ଓ ସୁଡାନ ଗୃହଯୁଦ୍ଧ, ଆର୍ମେନିଆ ଗଣହତ୍ୟା, ହିଟଲରଙ୍କ ଗ୍ୟାସଚେମ୍ବର, କାମ୍ବୋଡିଆର ମୃତ୍ୟୁକୂପ, ତିବ୍ବତ, ଆଲଜେରିଆ, ଆଙ୍ଗୋଲା, ମୋଜାମ୍ବିକ୍ ଓ ବାଂଲାଦେଶର ମୁକ୍ତିସଂଗ୍ରାମ, ଦକ୍ଷିଣଆଫ୍ରିକା ଓ ଗୁଆଟିମାଲାରେ ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ, ବଲ୍‌କାନରେ ଗୋଷ୍ଠୀସଂଘର୍ଷ, ଆଫ୍ରିକା ସମେତ ପୃଥିବୀର ବିଭିନ୍ନ ଅଂଚଳରେ ଅସଂଖ୍ୟ ଆଦିବାସୀ ଓ ବିଚ୍ଛିନ୍ନତାବାଦୀ ସଂଘର୍ଷରେ ଶହେ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରାଯାଇଛି । ଏକବିଂଶ ଶତାବ୍ଦୀର ପ୍ରାରମ୍ଭ ଏଇ ୨୧ବର୍ଷରେ ଅତ୍ୟନ୍ତ ଜଘନ୍ୟ ଭାବେ ହଜାର ହଜାର ସାଧାରଣ ଲୋକଙ୍କୁ ହତ୍ୟା କରାଯାଇଛି ଏବଂ ପ୍ରତି ମୁହୂର୍ତ୍ତରେ ହତ୍ୟାର ତାଣ୍ଡବଲୀଳା ଲାଗିରହିଛି ।

୧୮୦୦ରୁ ୧୯୯୯ ଦୁଇ ଦଶାବ୍ଦୀରେ ଏଇ ଧରାପୃଷ୍ଠରେ କେତେକ ଯୋଗ୍ୟନେତା ଥିଲେ । କାର୍ଲ ମାର୍କ୍ସ, ଲେନିନ୍, ଷ୍ଟାଲିନ୍ ମାଓ ସେତୁଙ୍ଗ, ହୋଚିମିନଠାରୁ ଆରମ୍ଭକରି ନେପୋଲିୟନ ବୋନାପାର୍ଟ, ଆବ୍ରାହମ ଲିଙ୍କନ୍, ଆଲବର୍ଟ ଆଇନ୍‌ଷ୍ଟାଇନ୍ ଏପରିକି ହିଟଲର, ଚର୍ଚ୍ଚିଲ, ନେତାଜୀ, ଜବାହାରଲାଲ ନେହେରୁ, ଜନ୍ କେନେଡି ଭଳି ବହୁଚର୍ଚ୍ଚିତ ନେତା ଥିଲେ, କିନ୍ତୁ ସମସ୍ତଙ୍କ ଉପରେ ଥିଲେ ମୋହନଦାସ କରମଚାନ୍ଦ ଗାନ୍ଧୀ ।

ମହାତ୍ମାଗାନ୍ଧୀ ଭାରତୀୟମାନଙ୍କ ମାନସିକତାକୁ ଲକ୍ଷ୍ୟକରି ବନ୍ଧୁକ ବୋମା ବଦଳରେ ଅହିଂସା ଆନ୍ଦୋଳନ ଆରମ୍ଭ କରିଥିଲେ, କିନ୍ତୁ ନେତାଜୀ ସଶସ୍ତ୍ର ବିପ୍ଳବର ଆହ୍ୱାନ ଦେଇଥିଲେ । ଆଜି ଭାରତରେ ଉଭୟ ନେତା ଜନମାନସରେ ସଦାଜାଗ୍ରତ । କିନ୍ତୁ ଗାନ୍ଧୀ ସମଗ୍ର ବିଶ୍ୱରେ ଏବେ ବି ଚର୍ଚ୍ଚାରେ – ତାଙ୍କ କଥା ଜୀବନ ସହିତ ଦର୍ଶନକୁ ଯୋଡିବାର କଥା, ମଣିଷ ସହିତ ମୂଲ୍ୟବୋଧକୁ ମିଶାଇବାର କଥା – ସରିନାହିଁ ସେ କଥା, ସରିବ ନାହିଁ ବି ।

ସଂପ୍ରତି ସମଗ୍ର ବିଶ୍ୱର ସମସ୍ତ ଦେଶରେ ଭୟଙ୍କର ଭାବେ ଜନଗଣଙ୍କ ମଧ୍ୟରେ ଅଶାନ୍ତି ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହେବାରେ ଲାଗିଛି । ସବୁରି ମୂଳରେ ରୋଟି-କପଡା-ମକାନ । ଭାଗେ ଲୋକଙ୍କ ହାତରେ ଅମାପ ଧନ କ୍ଷମତା ଠୁଳ ହୋଇଥିଲା ବେଳେ ୯୯ ଭାଗ ଲୋକଙ୍କ ମଧ୍ୟରେ ପ୍ରଚଣ୍ଡ କ୍ରୋପ ଜାତ ହେବା ସ୍ୱାଭାବିକ । ଉନ୍ନବିଂଶ ଓ ବିଂଶ ଶତାବ୍ଦୀରେ ଶ୍ରମ ଓ ପୁଂଜି ମଧ୍ୟରେ ନାହିଁ ନଥିବା ଦ୍ୱନ୍ଦ୍ୱ ଓ ସଂଘର୍ଷ– ଘଟି ବିଶ୍ୱ ୩ ଫାଳ ହୋଇଗଲା । ପ୍ରଥମ ବିଶ୍ୱରେ ପୁଂଜିବାଦୀ, ସାମ୍ରାଜ୍ୟବାଦୀ ଦେଶ ସମୂହ ମେଳି କରି ତାଙ୍କ ଧନ୍ଦା ଚଳାଇଲେ, ୨ୟ– ଫାଳରେ ସମାଜବାଦୀ ଦେଶ ସମୂହ, କାଠି ହୋଇଗଲେ । ୩ୟ ଫାଳରେ ବିକାଶମୁଖୀ ଅନୁନ୍ନତ ଦେଶସମୂହ ପ୍ରଥମ ଦୁଇ ବିଶ୍ୱର ଫାଇଦାହାସଲ କରିବାରେ ମଜ୍ଜିଗଲେ । ଶେଷବେଳକୁ ସମାଜବାଦୀ ଦେଶ ସମୂହରେ ସଂଶୋଧନବାଦ ପ୍ରବେଶ କରି ପୁଣି ପୁଂଜିବାଦୀ ଢାଂଚାକୁ ଫେରିଆସିଲେ ।

ସଂପ୍ରତି ଦୁଇବିଶ୍ୱରେ ପୁଂଜିବାଦୀ ଶାସନଶୋଷଣ ତୀବ୍ର ଗତିରେ ଚାଲୁରହିଲା । ୩ୟ ବିଶ୍ୱ ମଧ୍ୟରେ ପୁଂଜିବାଦ ତା'ର କାୟା ବିସ୍ତାର କରି ମାଡିଚାଲିଲା । ଫଳରେ ସମଗ୍ର ବିଶ୍ୱରେ ପୁଂଜିବାଦ ପ୍ରବେଶ କରିଗଲା । ପୁଂଜିବାଦର ମୂଳଲକ୍ଷ୍ୟ ପୁଂଜିରୁ ପୁଂଜି ହିମାଳୟ ପର୍ବତ ଭଳି ସୃଷ୍ଟି କରିବା । ତେଣୁ ଏଇ ବିଶ୍ୱରେ ପୁଂଜିବାଦୀ, ଶୋଷଣକାରୀ, ରକ୍ତପିପାସୁ ମଣିଷମାନେ ୯୯% ଲୋକଙ୍କୁ ବିଭିନ୍ନ ଉପାୟରେ ଦମନ କରି କବଜାରେ ରଖିଥିବାରୁ ଏବେ ସମଗ୍ର ବିଶ୍ୱରେ ସବୁ ଦେଶରେ ଅର୍ଥନୈତିକ ଆତଙ୍କବାଦ, ଶାସନତନ୍ତ୍ରୀ ଆତଙ୍କବାଦ, ପ୍ରଶାସନିକ ଆତଙ୍କବାଦ ଆକାଶଛୁଆଁ ହେଲାଣି । (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

କବିତା କୋଣାର୍କ

## ଦର୍ଶନ କରିବା ଶ୍ରୀ ଅଲାରନାଥ

ସୁଧାକର ରାଉତ



ଗ୍ରୀଷମ ତାପେ ହୋଇ ହନ୍ତସନ୍ତ
ଭଗ୍ନୀ ଭାଇ ସଙ୍ଗେ କଳା ସାଆନ୍ତ
ଛାଡି ରତନ ବେଦୀକୁ
ମନ୍ତ୍ର ସିନାନ ଲାଗିଲାନି ଭଲ
ଗଲ ସିନାନ ବେଦୀକୁ ।

ଆହେ ଚତୁର୍ଦ୍ଧା ମୂର୍ତ୍ତି ମନଭରି
ଭିଜିଲ ଜଳରେ ସବୁ ପାଶୋରି
ଜ୍ୱରରେ ହୋଇ ଆକ୍ରାନ୍ତ
ଅଣସର ଘରେ ଉପଚାର ଲାଗି
ରହିବ ହେ ଲକ୍ଷ୍ମୀକାନ୍ତ ।

ପ୍ରଭୁ ଅଲାର ନାଥ ଏ ସମୟେ
ଦର୍ଶନ ଦେବେ ଭକ୍ତ ସମୁଦାୟେ
ସେ ଜଗନ୍ନାଥଙ୍କ ରୂପ
ଅନବସରେ ତାଙ୍କୁ ଦର୍ଶନ କଲେ
ମିଳେ ଫଳ ଅନୁରୂପ ।

ବୈଷ୍ଣବ ପୀଠ ନାମରେ ବିଦିତ
ପ୍ରତୀକ ଦିଅଁ ଭାବରେ ପୂଜିତ
ଚତୁର୍ଦ୍ଦଶ ଦିନ ଧରି
ସେ ଦର୍ଶନ ଦେବେ
ଭିନ୍ନ ଭିନ୍ନ ରୂପେ
ଭକ୍ତ ମନ ତୋଷକରି ।

କ୍ଷୀରି ଭୋଗ ଭକ୍ତ ଆନନ୍ଦ ମନେ
ନିର୍ମାଲ୍ୟ ତୁଲ୍ୟ ତା ଆତ୍ମ ଶୋଧନ
ପାଇ ଦିବ୍ୟ ଅନୁଭୂତି
ପ୍ରାର୍ଥନା କରଇ ଶ୍ରୀ ଅଲାରନାଥେ
ଦେବାକୁ ଭାବ ଭକତି ।

ଧନ୍ୟ ପ୍ରଭୁ ଧନ୍ୟ ତୁମ ମହିମା
ତୁମ ଲୀଳାର ନାହିଁ କାହିଁ ସୀମା
ନିତି ତୁମ ଆରାଧନା
କରିଲେ ଅକ୍ଷୟ ଫଳ ପ୍ରାପ୍ତ ହୁଏ
ନାଶି ବିଷୟ ବାସନା ।

♥ ପ୍ରତାପ ନଗରୀ,କଟକ
ମୋ ୮୨୪୯୯୩୨୭୯୨

## ଭିଜା ମାଟିର ବାସ୍ନା

ଅମର ନାଥ ବାରିକ୍



ଜ୍ୟୋଷ୍ଠ ମାସେ ଶ୍ରେଷ୍ଠ ଧରଣୀ ରାଣୀଟି
ରଜବତୀ ହୋଇ ଥାଏ ।
ବର୍ଷା ଟୋପା ପଡ଼ି ଭିଜା ମାଟି ଦେହେ
ସୁବାସ ତା ଚହଟାଏ ।

ନିମିତ୍ତ ଆଘ୍ରାଣ କରି ପାଇକର
ମନ ଆନନ୍ଦିତେ ଭରେ ।
ଉଷ୍ଣତା ବାଷ୍ପର ପୃଥିବୀ ଆକାଶ
ସଙ୍ଗମତା ନୃତ୍ୟ କରେ ।

ବସୁଧା ପଣତ ସ୍ପର୍ଶ କରିବାକୁ
ବାଦଲଟା ଚାହୁଁଥାଏ ।
ବର୍ଷା ଛିଟା ମାରି ନିଦାଘ ତାତିରୁ
ଶୁଷ୍କ ମଉଳାଇ ଦିଏ ।

ଗାଁ ଭିଜା ମାଟି ବାସ୍ନା ଉଡ଼ି ଯାଇ
ବାଦଲକୁ ଦିଏ କହି ।
ତୁ କଲୁ ବରଷା ମୋ ଦେହ ତିନ୍ତାଇ
ଟିକେ ହୋଇ ଟିକେ ରହି ।

ମୁଁ ଦେଉଛି ତତେ ମୋ ଦେହର ବାସ୍ନା
ତୋ ପରଶ ଛୁଆଁ ପାଇ ।
ଦୁହେଁ ଦୁହିଁଙ୍କର ତୃପ୍ତି ପଖାଳିବା
ଆଦାନ ପ୍ରଦାନ ହୋଇ ।

ଆମ ମିଳନର ଖୁସିରେ ସଭିଏଁ
ନାଚି ଯାଉଛନ୍ତି ପ୍ରାଣୀ ।

ଜଗତ କୁହନ୍ତି କି ସୁନ୍ଦର ଲାଗେ
ମାଟି ଭିଜା ବାସ୍ନା ପୁଣି ।

ଅଙ୍କୁରିତ ହୋଇ ବୀଜ ମହୀତଳେ
ଫୁଟିଥାଏ ବଳେ ବଳେ ।
ଜୁଆର ଭଟ୍ଟାକୁ ସମୀର ଆଣଇ
ଛୁଇଁବାକୁ ନଦୀ କୂଳେ ।

ଲୋହିତ ଆକାଶ ନିର୍ମଳ ପବନ
ଭିଜା ମାଟିର ସେ ବାସ୍ନା ।
ମନ କିଣି ନିଏ ସଚରା ଚରଙ୍କ
ଜହ୍ନ ରାତି ଆଉ ଜୋସ୍ନା ।।

ନରମ ମାଟିର କଅଁଳ ପାଦରେ
ନବ ବଧୂ ଯାଏ ଥିରି ।
କାଖରେ କଳସୀ ଧରି ନୀର ଆଣେ
ସରମି ଲତାଟେ ପରି ।

ଭିଜା ମାଟି ବାସ୍ନା ପାଗଳ କରୁଛି
ନବ ବଧୂର ମନକୁ ।
ପରଦେଶୀ ସ୍ୱାମୀ ପୀରତି ଖୋଜୁଛି
ଚାହିଁ ଫେରିବା ବାଟକୁ ।।

♥ କୟାଁ,ମଙ୍ଗଳପୁର, ଯାଜପୁରଞ୍ଚ
ମୋ: ୯୫୪୦୩୦୮୦୯୫

## ଅଣସର ଘରେ କଳାଠାକୁର

ଜଗଦୀଶ ସାହୁ



ଅଣସର ଘରେ କଳାଠାକୁର
ଶିରୀହୀନ ଲାଗେ ଶୀରିକ୍ଷେତର
ଥିଲା ଦିନେ ଯିଏ ଚଳଚଂଚଳ
ଗୁମୁରି କାନ୍ଦୁଛି ବଡ଼ଦେଉଳ
ରତ୍ନସିଂହାସନ ମନ ମାରିଛି
ମୁହଁକୁ ଲୁଚାଇ ଲୁହ ଢାଳୁଛି
ମନ୍ଦିର ଭିତରେ ଭକତ ଭିଡ଼
ଦିଶୁନାହିଁ କହୁଛନ୍ତି ଗରୁଡ଼

ମନରେ କରନ୍ତି କେତେ ଭାଳେଣି
କାହିଁ ଚାଲିଗଲେ ଶ୍ରୀକ୍ଷେତ୍ରମଣି
ପତିତପାବନ ନିଳଚକର
ଚିନ୍ତାରେ ଶୁଖିଛି ଦେହ ତାଙ୍କର
ରୋଷଘରେ ଆଉ ଜଳୁନି ଚୁଲି
ବାଇଶିପାହାଚ ପଡିଛି ଖାଲି
ଆନନ୍ଦ ବଜାରେ ଆନଂଦ ନାହିଁ
ଭକତ ଆସୁନି ଅବଢ଼ା ପାଇଁ

ସିଂହଦ୍ୱାର ଝୁରି କାନ୍ଦେ ବାହୁନି
ମଣିମା ମଣିମା ଡାକ ଶୁଭୁନି
ବଡ଼ଦାଣ୍ଡ ସତେ ପଡିଛି ଶୋଇ
ବଡ଼ ବିଚିତ୍ର ଏ କଳାଗୋସାଇଁ
ଭକତ ମନର ଦୁଃଖ ବୁଝିଲେ
ନବ ଯଉବନ ବେଶ ହୋଇଲେ
ତା' ପରଦିନ ଗୁଣ୍ଡିଚାଯାତ
ଜଗାକୁ ଦେଖିଲେ ସାରାଜଗତ
ବାମନ ମୂରତି କରି ଦର୍ଶନ
ଭକତ ଜୀବନ ହୋଇଲା ଧନ୍ୟ ।

♥ ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :୯୦୭୮୧୮୫୬୧୬

## ମୌସୁମୀ ତମେ ଆସ

ଦିନେଶ ମେହେର



ପୁର୍ବକାଶେ ତପନକୁ ଭେଦି
ତୁମେ ଆସ,
ପ୍ରଚଣ୍ଡ ଝାଞ୍ଜି କେମିତି ସାହିଛି ଧରା
ଥରେ ବୁଝିବା ପାଇଁ ତ ଆସ ।
ଏତେ ଡେରି କଣ ପାଇଁ ?
କାଳିଆ ସାଆନ୍ତଙ୍କୁ ତ ଭିଯେଇବା ପାଇଁ
ତମେ ଆସିଲନି,
ବାଧ ହେଇ ସେ

୧୦୮ ଗରା ଉଦକରେ
ଭିଜିଗଲେ ନିଜେ ନିଜେ ।
ଏବେ ଜଗତ ଠାକୁର ତ
ଅଣସର ଘରେ ଜ୍ୱର ରେ କମ୍ପୁଛନ୍ତି,
ତେବେ ତମେ ଆସିବନି କି,
ନା ଆସିବାକୁ ଚାହିଁବନି ?

ଏତେ ନିର୍ଦ୍ଦୟ କଣ ପାଇଁ
ଥରେ ହେଲେ ଆସ
ଏ ନିକିତା ଭୂଇଁ ର ଚାଷୀକୁ ଦେଖି ଯାଅ
କ୍ଷେତରେ ଆଁ କରି ବସିଲାଣି ଧରଣୀ,
ତୁମ ସ୍ପର୍ଶ ଟିକେ ପାଇବା ପାଇଁ
ଚାତକ ପରି ଅନେଇ ବସିଛି ।
ତମେ କାହିଁକି ଆସୁନ
ଆସ ଥରେ ଜଳଦକୁ ସାଥିରେ ଘେନି
ବର୍ଷେଇ ଦିଅ ସମଗ୍ର ମହୀ ମଣ୍ଡଳକୁ,
ଭେଦି ଦିଅ ଦିନେଶର ଉତ୍ତାପକୁ,
ଶୀତଳତାରେ ଭରି ଦିଅ ଏହି ଭୂଖଣ୍ଡକୁ ।

♥ ପଳାସ, କଳାହାଣ୍ଡି



# ରାଜାମୌଲିଙ୍କ ଫିଲ୍ମରେ ନଜର ଆସିପାରନ୍ତି ଐଶ୍ୱର୍ଯ୍ୟା !

ବଲିଉଡର ସୁନ୍ଦର ଅଭିନେତ୍ରୀ ତଥା ବିଗ ବି ଙ୍କ ବୋହୂ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବେ ଚର୍ଚ୍ଚାରେ ଅଛନ୍ତି । ବେଳେବେଳେ ଐଶ୍ୱର୍ଯ୍ୟାଙ୍କ ସୋସିଆଲ ମିଡିଆ ପୋଷ୍ଟ ଭାଇରାଲ ହୁଏ ଏବଂ ବେଳେବେଳେ ତାଙ୍କ ବିବୃତ୍ତି ଚର୍ଚ୍ଚାରେ ଥାଏ । କେବଳ ଦେଶରେ ନୁହେଁ ବରଂ ନିଜ ସୌନ୍ଦର୍ଯ୍ୟ ଏବଂ ପ୍ରତିଭା ସହିତ ସମସ୍ତଙ୍କ ହୃଦୟ ଜିତିଥିବା ଐଶ୍ୱର୍ଯ୍ୟାଙ୍କୁ ପୁଣିଥରେ ବଡ଼ ପରଦାରେ ଦେଖିବାକୁ ପ୍ରଶଂସକମାନେ ବହୁତ ଉତ୍ସାହିତ ଅଛନ୍ତି । ତେବେ ଆରଆରଆର ଏବଂ ବାହୁବଳୀ ଭଳି ଫିଲ୍ମର ଖ୍ୟାତନାମା ନିର୍ଦ୍ଦେଶକ ଏସ୍ ରାଜାମୌଲିଙ୍କ ଫିଲ୍ମରେ ଐଶ୍ୱର୍ଯ୍ୟା ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି । ଏସ୍ ରାଜାମୋ ?ଲି ଆରଆରଆର ଏବଂ ବାହୁବଳୀ ପରି ବ୍ଲକବଷ୍ଟର ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି । ଏହା ଆଲୋଚନା ହୋଇଛି ଯେ ସେ ଖୁବ୍ ଶୀଘ୍ର ଐଶ୍ୱର୍ଯ୍ୟା ରାୟଙ୍କ ସହ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି । ଏହି ଖବର ସାମ୍ନାକୁ ଆସିବା ପରେ ଉଭୟଙ୍କ ପ୍ରଶଂସକମାନେ ବହୁତ ଖୁସି ହୋଇଯାଇଛନ୍ତି । ଖୁବ୍ ଶୀଘ୍ର ଐଶ୍ୱର୍ଯ୍ୟା ରାୟ ଫିଲ୍ମ ପୋନିୟିନ୍ ସେଲଭାନ୍ ରେ ମୁଖ୍ୟ ଭୂମିକାରେ ନଜର ଆସିବେ । ଏହି ଚଳଚ୍ଚିତ୍ରଟି ଦୁଇଟି ଭାଗରେ ମୁକ୍ତିଲାଭ କରିବ । ପୋନିୟିନ୍ ସେଲଭାନରେ ଐଶ୍ୱର୍ଯ୍ୟାଙ୍କୁ ଏକ ଡବଲ୍ ରୋଲରେ ଦେଖିବାକୁ ମିଳିବ । ଐଶର୍ଯ୍ୟା ଏହି ଚଳଚ୍ଚିତ୍ରରେ ମନ୍ଦାକିନୀ ଏବଂ ନନ୍ଦିନୀଙ୍କ ଡବଲ୍ ଭୂମିକାରେ ଅଭିନୟ କରିବେ। ଏହି ଫିଲ୍ମ ବିଷୟରେ ଅଭିନେତ୍ରୀ କହିଥିଲେ, 'ମଣିରତ୍ନମ ସାରଙ୍କ ଫିଲ୍ମରେ କାମ କରିବାକୁ ମୁଁ ବହୁତ ଖୁସି । ଏହା ପରେ, ଐଶ୍ୱର୍ଯ୍ୟା ସୁପରଷ୍ଟାର ରଜନୀକାନ୍ତଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର ଥାଲାଇଭର୍ ୧୬୯ ରେ ନଜର ଆସିବେ ।

# ପହିଲି ପୁଲକର ପରିଭାଷା: ଦକ୍ଷିଣ ଭାରତୀୟ ଅଭିନେତ୍ରୀ ନିକ୍କି

ଜୀବନର କୌଣସି କ୍ଷେତ୍ରରେ ଆଗକୁ ମାଡ଼ିବାର ପ୍ରଥମ ପାହୁଣ୍ଡ ହିଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ନୂଆ ଦୁନିଆରେ ପାଦ ଥାପିବାର ପ୍ରଥମ ପୁଲକ ହିଁ କାହାକୁ ଶ୍ରେଷ୍ଠ କରିବାରେ ପ୍ରୋତ୍ସାହନ ଯୋଗାଇଥାଏ । ତେବେ ସେଭଳି ଅନୁଭବର ସକାରାତ୍ମକ ପ୍ରତିକ୍ରିୟା ଦକ୍ଷିଣ ଭାରତୀୟ ଭାଷାର ଉଦୀୟମତୀ ଅଭିନେତ୍ରୀ ନିକ୍କି ତମ୍ବୋଲିଙ୍କ ଜୀବନର ମୋଡ଼ ବଦଳାଇ ଦେଇଛି । ଫିଲ୍ମ ଦୁନିଆରେ ତାଙ୍କର ପ୍ରଥମ ପଦାର୍ପଣ ତାଙ୍କୁ ଏପରି ବିମୋହିତ କରିଦେଇଛି ଯେ ସେ ଆଉ କୌଣସି ଦ୍ୱିତୀୟ ପେସା କଥା କଳ୍ପନା ହିଁ କରୁନାହାନ୍ତି । ତିନି ବର୍ଷର ଅଭିନୟ ଜୀବନରେ ସେ ମାତ୍ର ଚାରିଟି ଫିଲ୍ମରେ ଦେଖାଦେଇଥିଲେ ହେଁ ତାଙ୍କ ପ୍ରଦର୍ଶନରେ ଦର୍ଶକ ଭରପୂର ମନୋରଂଜନ ପାଇଥିବା ଜଣାଯାଇଛି । ମହାରାଷ୍ଟ୍ରର ଔରଙ୍ଗାବାଦରେ ଏକ ଖ୍ରୀଷ୍ଟୀୟ ପରିବାରରେ ୧୯୯୬ ଅଗଷ୍ଟ ୨୧ରେ ଜନ୍ମିତ ନିକ୍କି ସ୍ନାତକ ଶିକ୍ଷା ପରେ କୌତୂହଳବଶତଃ ମଡେଲିଂ ଜଗତରେ ପାଦ ରଖିଥିଲେ । ୨୦୧୯ରେ ତାଙ୍କୁ ରୋମାଞ୍ଚ ରହସ୍ୟଭରା ତେଲୁଗୁ ଫିଲ୍ମ 'ଚିକଟି ଗାଡ଼ିଲୋ ଚିଠାକୋଟୁଡୁ'ରେ ଏକ ପ୍ରମୁଖ ଭୂମିକାରେ ଅଭିନୟର ସୁଯୋଗ ମିଳିଥିଲା । ଏଥିରେ ତାଙ୍କୁ କଳ୍ପନାତୀତ ଲୋକପ୍ରିୟତା ମିଳିବା ସହ ପ୍ରଯୋଜକ ମଧ୍ୟ ନବାଗତାଙ୍କ ପ୍ରତି ସନ୍ତୁଷ୍ଟି ଜାହିର କରିଥିଲେ । ଏହାପରେ ସେହି ବର୍ଷ ସେ ତାମିଲ ସିନେମା 'କାଞ୍ଚନ-୩'ରେ ପଦାର୍ପଣ କରି ଅନୁରୂପ ସଫଳତା ସାଉଁଟିଥିଲେ । ତାଙ୍କର ତୃତୀୟ ସିନେମା 'ଥିପାରା ମୀସମ୍' ମଧ୍ୟ ନିକ୍କିଙ୍କ ଦର୍ଶକୀୟ ସ୍ୱୀକୃତିକୁ ଆଉ ପାଦେ ଆଗେଇ ନେଇଥିଲା । ତାଙ୍କର ଚତୁର୍ଥ ତଥା ସଦ୍ୟତମ ତେଲୁଗୁ ଫିଲ୍ମ 'ଆଣ୍ଟେ ସୁନ୍ଦରନିକି' ଗତ ସପ୍ତାହରେ ମୁକ୍ତିଲାଭ କରି ବେଶ ବ୍ୟାବସାୟିକ ସଫଳତା ହାସଲ କରୁଥିବା ଜଣାଯାଇଛି । ନିକ୍କି ୨୦୨୦ରେ ବାସ୍ତବଧର୍ମୀ ଟିଭି ଧାରାବାହିକ 'ବିଗ୍ ବସ୍-୧୪'ରେ ପ୍ରତିଯୋଗୀ ସାଜି ଉପବିଜେତା ହେବାର ଗୌରବ ଅର୍ଜିଥିଲେ । ତାଙ୍କର ଭୂମିକାକୁ ଦର୍ଶକ ଏବଂ ଅନ୍ୟମାନେ ଖୁବ୍ ପ୍ରଶଂସା କରିଥିଲେ । ସେହିପରି ଗତବର୍ଷ ଅନୁରୂପ ଟିଭି ଧାରାବାହିକ 'ଫିଅର ଫାକ୍ଟର: ଖତରୋଁ କେ ଖିଲାଡ଼ି-୧୧'ରେ ମଧ୍ୟ ସେ ପ୍ରତିଯୋଗୀ ସାଜି ଦର୍ଶକମାନଙ୍କୁ ମନଭରି ଆପ୍ୟାୟିତ କରିଥିଲେ । ଅବଶ୍ୟ ସେ ଏଥିରେ ଦଶମ ସ୍ଥାନରେ ରହିଥିଲେ, ତେବେ ତାଙ୍କର ପ୍ରଦର୍ଶନ ପ୍ରଶଂସାଯୋଗ୍ୟ ଥିଲା । ଏଥି ସହିତ 'ବାର୍ଥଡେ ପରୀ', 'ନମ୍ବର ଲିଖ', ଓ 'ଏକ ହସିନା ନେ' ପରି ସଂଗୀତ ଭିଡିଓରେ ନିକ୍କି ନିଜର ଯାଦୁ ପରଷିବାରେ ସଫଳ ହୋଇଛନ୍ତି ।



# ବ୍ରହ୍ମାସ୍ତ୍ର ଟ୍ରେଲର ଦେଖି ଦର୍ଶକ ଉତ୍ସାହିତ



ଅୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ବ୍ରହ୍ମାସ୍ତ୍ର' ଏକ ମଲ୍‌ଟିଷ୍ଟାରର ଫିଲ୍ମ, ଯେଉଁଥିରେ ଆଲିଆ ଭଟ୍ଟ, ରଣବୀର କପୁର ସମେତ ଅମିତାଭ ବଚ୍ଚନ, ନାଗାର୍ଜୁନ ଓ ମୌନୀ ରାୟ ବି ପ୍ରମୁଖ ଭୂମିକାରେ ଅଛନ୍ତି । ଫିଲ୍ମରେ ଗୋଟିଏ ପଟେ ରଣବୀର ଶିବ ଭୂମିକାରେ ଅଭିନୟ କରୁଥିବା ବେଳେ ଆଲିଆ ଈଶା ଭୂମିକାରେ ନଜର ଆସିବେ । ବଲିଉଡ୍ ଫ୍ୟାନ୍‌ମାନେ ଏହି ଫିଲ୍ମକୁ କେତେ ବର୍ଷ ହେଲା ଅପେକ୍ଷା କରୁଥିଲେ । 'ବ୍ରହ୍ମାସ୍ତ୍ର'ରେ ରଣବୀର ଶିବ ହୋଇ ଜଗତକୁ ରକ୍ଷା କରିବା ଦେଖିବାକୁ ମିଳିବ । ଶିବ ରୂପରେ ସେ କିଛି ଅଲଗା କରିବେ । ଅୟାନ ମୁଖାର୍ଜୀଙ୍କ ଫିଲ୍ମରେ ଭିଜୁଆଲ ଇଫେକ୍ଟର ବି ଭରପୂର ଉପଯୋଗ କରାଯାଇଛି । ୨ ମିନିଟ୍ ୫୧ ସେକେଣ୍ଡର ଟ୍ରେଲର ଦେଖି ଆପଣ ଫିଲ୍ମର କାହାଣୀ ଭଲ ଭାବରେ ବୁଝିପାରିବେ । ଟ୍ରେଲରରେ ଆଲିଆ ଓ ରଣବୀରଙ୍କ ରୋମାନ୍ସର ଝଲକ ଦେଖିବାକୁ ମିଳୁଛି ।

# ବିକ୍କି-କ୍ୟାଟ୍ରିନାଙ୍କ ଲାଇଫ୍‌ରେ ଏଣ୍ଟ୍ରି କଲେ ସଉତୁଣୀ !

ବଲିଉଡର ମୋଷ୍ଟ ପପୁଲାର ଯୋଡି ବିକ୍କି କୌଶଲ ଓ କ୍ୟାଟ୍ରିନା କୈଫ । ଗତ ବର୍ଷ ଦୁହେଁ ବିବାହ କରିଛନ୍ତି । ଦୀର୍ଘ ଦିନ ପରସ୍ପରକୁ ଡେଟ୍ କରିବା ପରେ ଉଭୟ ସାତଫେରା ନେଇଥିଲେ । ତେବେ ବିବାହକୁ ବର୍ଷେ ନ ବିତୁଣୁ ଏବେ ବିକ୍କିଙ୍କୁ ମିଳିଯାଇଛନ୍ତି ଆଉ ଜଣେ ପାର୍ଟନର । କ୍ୟାଟ୍ରିନାଙ୍କ ବୈବାହିକ ଜୀବନରେ ଏଣ୍ଟ୍ରି କରିଛନ୍ତି ସଉତୁଣୀ । ବିକ୍କି ଏବେ କ୍ୟାଟ୍ରିନାଙ୍କୁ ଛାଡି ତାଙ୍କ ସହ ସମୟ ବିତାଉଛନ୍ତି ।

ବାସ୍ତବରେ କ୍ୟାଟ୍ରିନାଙ୍କ ଏହି ସଉତୁଣୀ ଜଣଙ୍କ ଆଉ କେହି ନୁହନ୍ତି, ସେ ହେଉଛନ୍ତି ବଲିଉଡର ଫେମସ୍ କୋରିଓଗ୍ରାଫର ଫରାହ୍ ଖାନ୍ । ନିକଟରେ ଫରାହ୍ ଖାନ୍ ଓ ବିକ୍କି କୌଶଲ କ୍ରୋଏସିଆରେ ଏକ ଶୁଟିଂ ବେଳେ ଏକାଠି ହୋଇଛନ୍ତି । ସେହି ଶୁଟିଂ ବେଳର ଫଟୋକୁ ଫରାହ୍ ନିଜ ଇନ୍‌ଷ୍ଟାଗ୍ରାମରେ ଶେଆର କରିଛନ୍ତି ।

ଫଟୋରେ ବିକ୍କି ବେଶ୍ ହ୍ୟାଣ୍ଡସମ ଦେଖାଯାଉଥିବା ବେଳେ ଫରାହ୍ ବ୍ଲାକ ଚଷମା ପିନ୍ଧି ତାଙ୍କ ସହ ପୋଜ୍ ଦେଇଛନ୍ତି । ଏହି ଫଟୋକୁ ଶେଆର କରି ଫରାହ୍ କ୍ୟାପସନରେ ମଜାଳିଆ ଢଙ୍ଗରେ ଲେଖିଛନ୍ତି, 'ସରି କ୍ୟାଟ୍ରିନା, ବିକ୍କିଙ୍କୁ ଆଉ ଜଣେ ପାର୍ଟନର ମିଳି ଯାଇଛନ୍ତି ।'



ଏଥିସହ ଫଟୋର ବ୍ୟାକ୍‌ଗ୍ରାଉଣ୍ଡରେ 'କଲ୍ ହୋ ନା ହୋ' ଫିଲ୍ମର ଗୀତ ମଧ୍ୟ ଲଗାଇଛନ୍ତି ।

ରାହ୍ ଖାନଙ୍କ ଏଭଳି ଥଟ୍ଟାମଜା ଭରା ପୋଷ୍ଟ ଉପରେ ମିସେସ କୌଶଳ ପ୍ରତିକ୍ରିୟା ଦେଇଛନ୍ତି । ସେ ଫରାହ୍ ଓ ବିକ୍କିଙ୍କ ଫଟୋକୁ ରି-ଶେଆର କରି କହିଛନ୍ତି, 'ଆପଣଙ୍କୁ ଅନୁମତି ଅଛି ।' ଏଥିସହ କ୍ୟାଟ୍ରିନା ଏକ ଲାଲ ରଙ୍ଗର ହାର୍ଟ ଇମୋଜି ମଧ୍ୟ ଶେଆର କରିଛନ୍ତି ।

ଚଳଚ୍ଚିତ୍ର ନିର୍ମାତା ତଥା କୋରିଓଗ୍ରାଫର ଫରାହ୍ ଖାନ ସୋଶାଲ୍ ମିଡିଆରେ ବେଶ୍ ସକ୍ରିୟ । ସେ ପ୍ରାୟତଃ ଇଣ୍ଡଷ୍ଟ୍ରିର ହ୍ୟାଣ୍ଡସମ ହଙ୍କ୍‌ମାନଙ୍କ ସହ ସୋଶାଲ ମିଡିଆରେ ଫଟୋ ଶେଆର କରନ୍ତି । ବେଳେବେଳେ ସେ ଥ୍ରୋବ୍ୟାକ୍ ଫଟୋକୁ ମଧ୍ୟ ଶେଆର କରି ପ୍ରଶଂସକଙ୍କ ହୃଦୟ ଜିତନ୍ତି । ଏଥର ଫରାହ ଖାନ ଅଭିନେତା ବିକ୍କି କୌଶଲଙ୍କୁ ଧରିଛନ୍ତି ।

# ଦୀପିକାଙ୍କ ପାଇଁ ଚିନ୍ତିତ ପ୍ରଭାସ

ବଲିଉଡର ଡିମ୍ପଲ ଗାର୍ଲ ଦୀପିକା ପାଦୁକୋନଙ୍କୁ ନେଇ ଚିନ୍ତାରେ ବାହୁବଳୀ ସୁପରଷ୍ଟାର ପ୍ରଭାସ । ତାଙ୍କୁ ଘାରିଛି ଏବେ ଦୀପିକାଙ୍କ ସ୍ୱାସ୍ଥ୍ୟ ଚିନ୍ତା । ସେ କିଭଳି ସୁସ୍ଥ ରହିବେ ସେଥିପାଇଁ ପ୍ରଭାସ ତତ୍ପର ହୋଉ ଉଠିଛନ୍ତି । ଏଥିପାଇଁ ପ୍ରଭାସ ଏକ ବଡ ନିଷ୍ପତ୍ତି ନେଇଛନ୍ତି । ନିକଟରେ ସୁଟିଂ ସେଟ୍‌ରେ ଦୀପିକା ପାଦୁକୋନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା । ତାଙ୍କୁ ତୁରନ୍ତ ସେଠାରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହୃଦ୍ ସ୍ପନ୍ଦନ ବଢ଼ି ଯାଇଥିବା ନେଇ ସମସ୍ୟା ରହିଛି । କିନ୍ତୁ ପରେ ଦୀପିକାଙ୍କୁ ହସ୍ପିଟାଲରେ ଡିସଚାର୍ଜ କରିଦିଆ ଯାଇଥିଲା । ଏବେ କିନ୍ତୁ ଦୀପିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି । ତଥାପି ଦୀପିକାଙ୍କ ସ୍ୱାସ୍ଥ୍ୟକୁ ନେଇ ଆଗୁଆ ପଦକ୍ଷେପ ନେଇଛନ୍ତି ସାଉଥ ଅଭିନେତା ପ୍ରଭାସ । ଅପକମିଂ ଫିଲ୍ମ 'ପ୍ରୋଜେକ୍ଟ-କେ'ର ଶୁଟିଂକୁ ଘୁଞ୍ଚାଇବା ଲାଗି ସେ ଫିଲ୍ମ ମେକର୍ସଙ୍କୁ ଅନୁରୋଧ କରିଛନ୍ତି । ବଲିଉଡ ଲାଇଫର ରିପୋର୍ଟ ମୁତାବକ, ପ୍ରଭାସ ଫିଲ୍ମ ମେକର୍ସଙ୍କୁ ଶୁଟିଂକୁ ଏକ ସପ୍ତାହ ପାଇଁ ସ୍ଥଗତି ରଖିବା ପାଇଁ ଅନୁରୋଧ କରିଛନ୍ତି ।

# 'ପାଣ୍ଡ୍ୟା ଷ୍ଟୋର' ଫେମ୍ ଅଭିନେତ୍ରୀଙ୍କୁ ଦୁଷ୍କର୍ମ ଧମକ



ଜଣାଶୁଣା ଟେଲିଭିଜନ ଅଭିନେତ୍ରୀ ତଥା ଲୋକପ୍ରିୟ ଟେଲି ଶୋ' 'ପାଣ୍ଡ୍ୟା ଷ୍ଟୋର' ଫେମ୍ ଅଭିନେତ୍ରୀଙ୍କୁ ଦୁଷ୍କର୍ମ ଧମକ । ରିଷିତା ଚରିତ୍ରରେ ଅଭିନୟ କରୁଥିବା ସିମରନ ବୁଧରୂପଙ୍କୁ କିଛି ସୋଶାଲ ମିଡିଆ ୟୁଜର୍ସ ଦୁଷ୍କର୍ମ କରିବା ନେଇ ଧମକ ଦେଇଛନ୍ତି । ଏନେଇ ସେ ନିଜେ ଖୁଲାସା କରିଛନ୍ତି । ଏଥିସହ ଥାନାରେ ଅଭିଯୋଗ ମଧ୍ୟ କରିଛନ୍ତି ।

ଅଭିନେତ୍ରୀ ସିମରନଙ୍କ କହିବା ମୁତାବକ, କିଛି ଯୁବପିଢ଼ି ତଥା ପୁଅ-ଝିଅଙ୍କ ଏକ ଗ୍ରୁପ ତାଙ୍କୁ ଟାର୍ଗେଟ କରୁଛନ୍ତି । ସୋଶାଲ ମିଡିଆରେ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଦୁଷ୍କର୍ମ କରିବାକୁ ମଧ୍ୟ ଧମକ ଦେଇଛନ୍ତି । ଏଥିରେ ସେ ବିରକ୍ତି ହୋଇ ମୁମ୍ବାଇର ଏକ ପୁଲିସ ଷ୍ଟେସନରେ ମାମଲା ରୁଜୁ କରିଛନ୍ତି ।

ଟାଇମ୍ସ ଅଫ୍ ଇଣ୍ଡିଆ ସହ କଥାବାର୍ତ୍ତା ବେଳେ ସେ ଏସବୁ ନେଇ ଖୁଲାସା କରିଛନ୍ତି । ପ୍ରଥମେ ସେ ସୋଶାଲ ମିଡିଆରେ ଟ୍ରୋଲ ହେବା ଘଟଣାକୁ ହାଲୁକାରେ ନେଇଥିଲେ । ଶୋ'ରେ ତାଙ୍କ ଚରିତ୍ର ନେଗେଟିଭ ଥିବା ଯୋଗୁ ଏଭଳି ପ୍ରତିକ୍ରିୟା ଆସୁଥାଇପାରେ ବୋଲି ସେ ଭାବିଥିଲେ । କିନ୍ତୁ ପରେ ଏହି ମାମଲା ଆହୁରି ବଢ଼ିବାକୁ ଲାଗିଥିଲା । ଦୁଷ୍କର୍ମ ସହ ହତ୍ୟା ଧମକ ବି ମିଳୁଥିବା ସେ ଅଭିଯୋଗ ଆଣିଛନ୍ତି ।

ସୋଶାଲ ମିଡିଆରେ ୧୩ରୁ ୧୪ ବର୍ଷର ପିଲାମାନେ ତାଙ୍କୁ ଧମକ ଦେଉଛନ୍ତି । ଏହାପରେ ସେ ପୁଲିସରେ ମାମଲା ରୁଜୁକରିବାକୁ ବାଧ ହୋଇଥିବା ସିମରନ୍ କହିଛନ୍ତି । ପାଠ ପଢ଼ିବା ବଦଳରେ ସେମାନେ ଫୋନ୍‌ର ଦୁର୍ବ୍ୟବହାର କରୁଛନ୍ତି । ତେଣୁ ବାପା-ମା ନିଜ ପିଲାଙ୍କ ଉପରେ ନଜର ରଖିବା ଜରୁରୀ ବୋଲି ସେ ଟାଇମ୍ସ ଅଫ୍ ଇଣ୍ଡିଆକୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି ।

# ଏହି ଫିଲ୍ମ ଦେଖି ଭୋ ଭୋ ହୋଇ କାନ୍ଦି ପକାଇଲେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସଭରାଜ ବୋମ୍ମାଇଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ଅତ୍ୟନ୍ତ ଭାବପ୍ରବଣ ହୋଇ କାନ୍ଦୁଥିବାର ନଜର ଆସିଛନ୍ତି । ଫଟୋରେ ସେ ନିଜ ଆଖିରୁ ଲୁହ ପୋଛୁଥିବାର ଦେଖିବାକୁ ମିଳିଥିଲା । କୁହାଯାଉଛି ଯେ ଯେତେବେଳେ ସେ ଏକ ଫିଲ୍ମ ଦେଖିବା ପରେ ସିନେମା ହଲ ବାହାରକୁ ଆସିଥିଲେ, ସେ ଭୋ ଭୋ ହୋଇ କାନ୍ଦିପକାଇଥିଲେ । ଚର୍ଚ୍ଚା ହେଉଛି ଯେ ଫିଲ୍ମ ଦେଖିବା ପରେ ତାଙ୍କର ନିଜ ପ୍ରିୟ କୁକୁର କଥା ମନେ ପଡିଯାଇଥିଲା । ବାସ୍ତବରେ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସଭରାଜ ବୋମ୍ମାଇ ଫିଲ୍ମ '୭୭୭ ଚାର୍ଲି' ଦେଖିଥିଲେ । ରିପୋର୍ଟ ଅନୁଯାୟୀ, ଏହି ଚଳଚ୍ଚିତ୍ରଟି କୁକୁର ଏବଂ ଏହାର ମାଲିକଙ୍କ ସମ୍ପର୍କ ବିଷୟରେ କହିଥାଏ । ମୁଖ୍ୟମନ୍ତ୍ରୀ ବୋମ୍ମାଇ ଫିଲ୍ମକୁ ବହୁତ ପସନ୍ଦ କରିଥିଲେ । ଏହି ଚଳଚ୍ଚିତ୍ର ଦେଖିବା ପରେ ସେ ଭାବପ୍ରବଣ ହୋଇପଡିଥିଲେ । ରିପୋର୍ଟରେ କୁହାଯାଇଛି ଯେ ବୋମ୍ମାଇ ଜଣେ କୁକୁର ପ୍ରେମୀ । ଗତ ବର୍ଷ ତାଙ୍କ ପୋଷା କୁକୁରର ଦେହାନ୍ତ ହେବା ପରେ ତାଙ୍କର ହୃଦୟ ଭାଙ୍ଗି ପଡିଥିଲା ଓ ସେ କାନ୍ଦିବାକୁ ଲାଗିଥିଲେ । ଏହି ଚଳଚ୍ଚିତ୍ର ଦେଖିବା ପରେ ସେ ନିଜ କୁକୁରକୁ ମନେ ପକାଇ ଭାବପ୍ରବଣ ହୋଇଯାଇଥିଲେ । ଫିଲ୍ମ ଦେଖିବା ପରେ ବୋମ୍ମାଇ କହିଛନ୍ତି ଯେ କୁକୁରଙ୍କ ବିଷୟରେ ପୂର୍ବରୁ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି କିନ୍ତୁ ଏହି ଚଳଚ୍ଚିତ୍ରରେ ମଣିଷ ସହ ପୋଷା କୁକୁରର ଭାବନା ଓ ସମ୍ପର୍କକୁ ଅତି ନିଖୁଣ ଭାବରେ ଦର୍ଶାଯାଇଛି । ସେ କହିଛନ୍ତି ଯେ କୁକୁର ନିଜର ଭାବନାକୁ ଆଖିରେ ପ୍ରକାଶ କରେ । ସୂଚନା ଥାଉ କି ରକ୍ଷିତ ଶେଟ୍ଟୀଙ୍କ ଏହି ଚଳଚ୍ଚିତ୍ର କନ୍ନଡ, ତାମିଲ, ତେଲୁଗୁ, ମାଲାୟାଲମ୍ ଏବଂ ହିନ୍ଦୀରେ ମୁକ୍ତିଲାଭ କରିଛି । ଲୋକମାନେ ଏହି ଚଳଚ୍ଚିତ୍ରକୁ ବହୁତ ପ୍ରଶଂସା କରୁଛନ୍ତି ।



# କଶ୍ମୀରରେ ଆତଙ୍କବାଦୀଙ୍କ ଦ୍ୱାରା ହତ୍ୟା କରାଯାଇଥିବା ହିନ୍ଦୁଙ୍କ ପାଇଁ ଶ୍ରାଦ୍ଧ କରିବେ ଅନୁପମ ଖେର୍

କଶ୍ମୀରରେ ଆତଙ୍କବାଦୀଙ୍କ ଦ୍ୱାରା ହତ୍ୟା କରାଯାଇଥିବା ହିନ୍ଦୁମାନଙ୍କ ଆତ୍ମାର ଶାନ୍ତି ପାଇଁ ଶ୍ରାଦ୍ଧ କରିବେ ବଲିଉଡ ଅଭିନେତା ଅନୁପମ ଖେର । ଜୁନ୍ ୧୫ରେ କାଶିର ପିଶାଚ ମୋଚନ୍ ତିର୍ଥଠାରେ ଶ୍ରାଦ୍ଧ କରିବେ ଅନୁପମ । କଶ୍ମୀରରେ ହୋଇଥିବା ହତ୍ୟାକାଣ୍ଡରେ ଶହ ଶହ ହିନ୍ଦୁଙ୍କର ମୃତ୍ୟୁ ଘଟିଥିଲା । ସେମାନଙ୍କ ମଧ୍ୟରେ ଏପରି ଅନେକ ପରିବାର ଥିଲେ ଯେଉଁମାନଙ୍କର ଶ୍ରାଦ୍ଧ ହୋଇପାରିନଥିଲେ । ସନାତନ ଧର୍ମର ବିଶ୍ୱାସ ଅନୁଯାୟୀ, ଅକାଳ ମୃତ୍ୟୁ ପରେ ରୀତିନୀତି କରିବା ବାଧ୍ୟତାମୂଳକ ଅଟେ । ଏଥିପାଇଁ ତ୍ରିପିଣ୍ଡି ଶ୍ରାଦ୍ଧ ଏବଂ ନାରାୟଣ ବଳି ଦିଆଯିବା ନେଇ ଶାସ୍ତ୍ରରେ ନିୟମ ରହିଛି । ସମୁଦାୟ ୯ଜଣ ବୈଦିକ ବ୍ରାହ୍ମଣ ଏହି ରୀତିନୀତି କରିବେ । ରୀତିନୀତିରେ ଅଂଶଗ୍ରହଣ କରିବା ପାଇଁ ଅନୁପମ ଖେର ଜୁନ୍ ୧୪ ତାରିଖ ରାତିରେ ବନାରସରେ ପହଞ୍ଚିବେ । ଏହି ବିଶେଷ ରୀତିନୀତିରେ କାଶୀ ସମେତ ବିଭିନ୍ନ ରାଜ୍ୟରୁ ଧର୍ମଗୁରୁ ଏବଂ ପଣ୍ଡିତମାନେ ଅଂଶଗ୍ରହଣ କରିବେ । ୧୯୯୦ ମସିହାରେ କଶ୍ମୀରରେ ହିନ୍ଦୁମାନଙ୍କୁ କିଭଳି ଭାବେ ହତ୍ୟା କରାଯାଇଥିଲା, ତାହା ଆପଣ ଫିଲ୍ମ ଦ କଶ୍ମୀର ଫାଇଲ୍ସରେ ଦେଖିଥିବେ । ଏହି ଫିଲ୍ମ ରିଲିଜ୍ ପରେ କଶ୍ମୀରରେ ହିନ୍ଦୁମାନଙ୍କୁ ଜୀବନ ବିତାଇବା ସହଜ ହେବ ବୋଲି ଆଶା କରାଯାଉଥିବା ବେଳେ ଏବେ ଏହାର ଠିକ ଓଲଟା ଘଟୁଛି । ହିନ୍ଦୁମାନଙ୍କ ଉପରେ ଆକ୍ରମଣ ବଢୁଥିବା ସହ ଏବେ ପୁଣି ଥରେ ଘର ଛାଡ଼ିବାକୁ ବାଧ ହେଲେଣି କଶ୍ମୀର ପଣ୍ଡିତ ।



# ସପ୍ତାହ ପାଳନ ନାମକୁ ମାତ୍ର: ୧୦ ବର୍ଷ ହେଲା ହୋଇନି ଶିଶୁ ଶ୍ରମିକଙ୍କ ସର୍ଭେ



ଭୁବନେଶ୍ୱର ,୧୬/୦୬ (ନି.ପ୍ର): ମହାମାରୀ ପୂର୍ବରୁ ଦେଶର ସର୍ବାଧିକ ଶିଶୁ ଶ୍ରମିକ ଥିଲେ ଓଡ଼ିଶାରେ। ଅର୍ଥାତ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ୨୦୧୩ ମସିହାର ସର୍ଭେରେ ୨.୧୫ ଲକ୍ଷ ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରାଯାଇଥିଲା। ମହାମାରୀ ପରେ ୪୨ ହଜାର ଶିଶୁ ଶ୍ରମିକ ଅଭିଭାବକ ଛେଉଣ୍ଡ ହେଲେଣି। ୪୩ ହଜାର ମାଟ୍ରିକ ଓ ୧୩ ହଜାର ନବମ ଶ୍ରେଣୀ ପରୀକ୍ଷା ଦେଇ ନାହାନ୍ତି। ୧୧ରୁ ୧୪ ବର୍ଷୀୟା ୭୬୪୪ ଛାତ୍ରୀ ଅଧାରୁ ପାଠ ଛାଡ଼ିଛନ୍ତି। ଏଥିରୁ ଶିଶୁ ଶ୍ରମିକଙ୍କ ସଂଖ୍ୟା କେତେ ହୋଇଯାଇଥିବ ଅନୁମାନ କରାଯାଇପାରେ। ମାତ୍ର ରାଜ୍ୟ ସରକାର ଶିଶୁ ଶ୍ରମିକଙ୍କୁ ଭୁଲି ସାରିଛନ୍ତି। ମହାମାରୀ ପରେ ସେମାନଙ୍କ ସଂଖ୍ୟା ଆକଳନ ଭଳି ପ୍ରାଥମିକ କାର୍ଯ୍ୟ ନକରି କେବଳ ଶିଶୁ ଶ୍ରମିକ ନିରୋଧ ସପ୍ତାହ ପାଳନ କେଉଁ ଉଦ୍ଦେଶ୍ୟକୁ ଚରିତାର୍ଥ କରିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୧୩ ମସିହାର ସର୍ଭେ ଅନୁସାରେ, ଶିଶୁ ଶ୍ରମିକ ଭାବରେ ୯୩ ହଜାର ୬୯୬ ଝିଅ, ୧ ଲକ୍ଷ ୨୧ ହଜାର ୫୨୭ ପୁଅଙ୍କୁ ଚିହ୍ନଟ କରାଯାଇଥିଲା। ରାଜ୍ୟର ସମୁଦାୟ ଶିଶୁଙ୍କ ମଧ୍ୟରୁ ୪.୯ ପ୍ରତିଶତ ଶ୍ରମିକ ଏବଂ ୦.୫ ପ୍ରତିଶତଙ୍କ ବୟସ ୯ ବର୍ଷ ମଧ୍ୟରେ ରହିଛି। ୨୦୧୯ ମସିହାରେ ସଂସଦରେ ଦେଶରେ ୧୦ ହଜାର ୮୨୬ଟି ଶିଶୁ ଶ୍ରମ ଆଇନ ଉଲ୍ଲଂଘନ ମାମଲା ରୁଜୁ ହୋଇଥିବା କେନ୍ଦ୍ର ଶ୍ରମ ମନ୍ତ୍ରୀ ସୂଚନା ଦେଇଥିଲେ। ଏଥିରୁ କେବଳ ୪୫୧୭ଟି ଓଡ଼ିଶାର ଥିଲା। ମହାମାରୀ ପୂର୍ବରୁ ମଧ ଶିଶୁ ଶ୍ରମିକଙ୍କୁ ନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଉନଥିଲେ। ଏଠାକାର ବ୍ୟବସ୍ଥା ଏଭଳି ଯେ କୌଣସି ସ୍ଥାନରୁ ଶିଶୁ ଶ୍ରମିକଙ୍କୁ ଉଦ୍ଧାର ପରେ ସିଡବ୍ଲୁସିରେ ହାଜର କରାଯାଇ ପରିବାରଙ୍କୁ ଦିଆଯାଏ। ଏହାପରେ ପିଲା ପୁଣି କାର୍ଯ୍ୟକ୍ଷେତ୍ରକୁ ଗଲା ନା ସ୍କୁଲ ଗଲା ସେ ସମ୍ପର୍କରେ ଶିଶୁଙ୍କ ପାଇଁ କାର୍ଯ୍ୟ କରୁଥିବା ଶିଶୁ ସୁରକ୍ଷା ବିଭାଗ, ଶିଶୁ ସୁରକ୍ଷା କମିସନ କି ସାମାଜିକ ସଙ୍ଗଠନ ଗୁରୁତ୍ୱ ଦିଅନ୍ତି ନାହିଁ। ଶିଶୁ ଶ୍ରମିକ ରଖିଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ସହିତ ଜରିମାନାର ଆଇନଗତ ବ୍ୟବସ୍ଥା ରହିଛି। ସେହି ଟଙ୍କା ଉକ୍ତ ଶିଶୁଙ୍କ ନାମରେ ଜମା ହେବା ଉଚିତ। ଯାହା କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୁଏ।

୨୦୦୫ ମସିହାରେ ରାଜ୍ୟର ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମିକ ସ୍କୁଲ ଥିଲା। ଉଦ୍ଧାର ହେଉଥିବା ଶିଶୁ ଶ୍ରମିକ ଏହି ସ୍କୁଲରେ କିଛି ଦିନ ପାଠପଢ଼ି ସାଧାରଣ ସ୍କୁଲରେ ପଢ଼ିବା ପାଇଁ ଯୋଗ୍ୟ ହେଲେ ସେଠାକୁ ଚାଲି ଯାଉଥିଲେ। ଏହା ସତ୍ତ୍ୱେ ମଧ ସେତେବେଳେ ଉଦ୍ଧାର ଶିଶୁ ଶ୍ରମିକଙ୍କ ପାଇଁ ଆବାସିକ ସ୍କୁଲ ପାଇଁ ଦାବି କରାଯାଉଥିଲା। ଯେମିତି ପିଲା ଘରକୁ ନଯାଇ ହଷ୍ଟେଲରେ ପାଠପଢ଼ିବା ସହିତ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ କାର୍ଯ୍ୟ କରିପାରିବେ। ସେମାନଙ୍କ ପାଇଁ ଆବାସିକ ସ୍କୁଲ ତ ହେଲା ନାହିଁ ବରଂ ଯେଉଁ ସ୍ୱତନ୍ତ୍ର ଶିଶୁ ଶ୍ରମିକ ସ୍କୁଲ ଥିଲା ତାହା ମଧ ବନ୍ଦ କରି ଦିଆଗଲା। ଏଭଳି ସ୍ଥିତିରେ ବିଭିନ୍ନ ସ୍ଥାନରେ କାମ କରୁଥିବା ପିଲାଙ୍କୁ ଉଦ୍ଧାର ପରେ ପୁନର୍ବାର ସ୍କୁଲକୁ ପଠାଇବା ଅବାସ୍ତବ ହୋଇ ପଡ଼ିଛି। ଏବେ ମହାମାରୀ ପରେ ଆର୍ଥିକ ଅନଗ୍ରସରତା ବଢ଼ିଛି। ଦୀର୍ଘ ଦିନ ଧରି ସ୍କୁଲ ବନ୍ଦ ଯୋଗୁଁ ଅନେକ ପିଲା ଦୋକାନ, ଗ୍ୟାରେଜରେ କାମ କରୁଛନ୍ତି। ଚାଇଲ୍ଡ ଲାଇନ ନିର୍ଦ୍ଦେଶକଙ୍କ ଆକଳନ ଅନୁସାରେ କେବଳ ଭୁବନେଶ୍ୱରରେ ୧୦ ହଜାର ଶିଶୁ ଶ୍ରମିକ ରହିଥିବା ଅନୁମାନ କରାଯାଉଛି। ଏକ ବଡ଼ ଭାଗ ବାହାର ରାଜ୍ୟକୁ ମଧ ଚାଲି ଯାଇଛନ୍ତି। ଝିଅ ଶିଶୁ ଶ୍ରମିକ ଘରେ କାମ କରୁଥିବାରୁ ସେମାନଙ୍କ ସଂଖ୍ୟା ସ୍ପଷ୍ଟ ଜଣାପଡୁ ନାହିଁ। ଅବସ୍ଥା କେଉଁ ଆଡ଼କୁ ଗଲାଣି ତାକୁ ନେଇ ସରକାର ଗୁରୁତ୍ୱ ନଦେଇ କେବେଳ କାର୍ଯ୍ୟକ୍ରମରେ ସୀମିତ ରଖିଲେ ଶିଶୁ ଶ୍ରମିକ ନିରୋଧ ସପ୍ତାହ କେବଳ ପ୍ରହସନରେ ପରିଣତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

# ଡିସେମ୍ବର ସୁଦ୍ଧା ୫୫ ବ୍ଲକରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଟାର୍ଗେଟ୍

ଭୁବନେଶ୍ୱର ,୧୬/୦୬ (ନି.ପ୍ର): ଫେବ୍ରୁଆରି, ୨୦୧୮ରେ ରାଜ୍ୟ ସରକାର ଘୋଷଣା କରିଥିଲେ ୫୧ଟି ବ୍ଲକରେ ଅତ୍ୟାଧୁନି ବସଷ୍ଟାଣ୍ଡ ନିର୍ମାଣ ହେବ। ଏହାପରେ ଏଥିରେ ଆଉ ୪ଟି ବ୍ଲକ ସାମିଲ୍ ହୋଇଥିଲା। ହେଲେ ଘୋଷଣାର ୪ ବର୍ଷ ପରେ ବି ଏହି ଯୋଜନା କାର୍ଯ୍ୟକାରୀ ହୋଇପାରିଲାନି। ଅଧାରୁ ଅଧିକ ବ୍ଲକରେ ବସଷ୍ଟାଣ୍ଡ ପାଇଁ ଜମି ନମିଳିବାରୁ ପ୍ରକଳ୍ପ ଆଗେଇ ପାରୁନି। ବହୁ ସମୀକ୍ଷା ପରେ ଅଧିକାରୀମାନେ ବସଷ୍ଟାଣ୍ଡ ନିର୍ମାଣ ନେଇ ବାଟ ଫିଟାଇପାରୁନାହାନ୍ତି। ଏହି ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ଓଏସ୍‌ଆରଟିସିକୁ ଦିଆଯାଇଥିବାବେଳେ ଓଏସ୍‌ଆରଟିସିର ନିଜସ୍ୱ ଜମି ନଥିବାରୁ ଜମି ଅଧିଗ୍ରହଣ ହୋଇପାରୁନି। ଏପଟେ ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ଜମି ଯୋଗାଇ ଦେବାକୁ କୁହାଯାଇଥିଲେ ବି ଜିଲ୍ଲାପାଳମାନେ ସହଯୋଗ କରୁନାହାନ୍ତି। ଫଳରେ ଏହି ଯୋଜନା କେବଳ ଘୋଷଣାରେ ରହିଯାଇଛି। ୫୫ଟି ବ୍ଲକରେ ବସ୍‌ଷ୍ଟାଣ୍ଡ ନିର୍ମାଣ ବିଳମ୍ବ ହୋଇଚାଲିଥିବାରୁ ଏହାକୁ ତୁରନ୍ତ ନିର୍ମାଣ କରିବାକୁ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବସଷ୍ଟାଣ୍ଡ ପ୍ରକଳ୍ପ ଡିସେମ୍ବର, ୨୦୨୨ ସୁଦ୍ଧା ଶେଷ କରିବାକୁ ଟାର୍ଗେଟ୍ ଦିଆଯାଇଛି। ଯଦି ଜମି ଅଧିଗ୍ରହଣ ଏବଂ ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାରେ କିଛି ସମସ୍ୟା ହେଉଛି ତେବେ ତୁରନ୍ତ ପରିବହନ ବିଭାଗ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଏଣିକି କୌଣସି ପରିସ୍ଥିତିରେ ବି ଯେପରି ଜମି ପାଇଁ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ବାଧକ ସାଜିବନି ସେନେଇ ପଦକ୍ଷେପ ନେବାକୁ କୁହାଯାଇଛି। ସେହିପରି ଏହି ସବୁ ବସ୍‌ଷ୍ଟାଣ୍ଡର ଡିଜାଇନ୍ ଓ ଟେଣ୍ଡର ପ୍ରକିୟା ଓଡ଼ିଶା ରାଜ୍ୟ ପୁଲିସ ହାଉସିଂ ଏବଂ କଲ୍ୟାଣ ନିଗମ ଲିମିଟେଡ କରୁଥିବାରୁ ଜୁନ୍ ୨୫ ସୁଦ୍ଧା କାମ ଟେଣ୍ଡର ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଛି। ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ୫ଟି ଅଧୀନରେ ହେବାକୁ ଥିବାରୁ ଧାର୍ଯ୍ୟ ସମୟରେ କାମ ଶେଷ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟର ୫୫ଟି ବ୍ଲକରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ରାଜ୍ୟ ସରକାର ଯୋଜନା କରିଥିବାବେଳେ ପର୍ଯ୍ୟଟନ ଭିତ୍ତିଭୂମି ଦୃଷ୍ଟିରୁ ବ୍ଲକଗୁଡ଼ିକୁ ବଛାଯାଇଛି। ଏହି ବସଷ୍ଟାଣ୍ଡରେ ୨୪ ଘଣ୍ଟିଆ ବିଶୁଦ୍ଧ ପାଣି ଯୋଗାଣ ସହ ଟିକେଟ କାଉଣ୍ଟର, ଆଲୋକୀକରଣ, ଡ୍ରେନେଜ୍, ଶୌଚାଳୟ, ପାର୍କିଂ, ଗ୍ୟାରେଜ୍, ରେଷ୍ଟ ରୁମ୍ ବ୍ୟବସ୍ଥା ଉପଲବ୍ଧ ହେବ। ଯେଉଁଠି ବସ୍‌ଷ୍ଟାଣ୍ଡ ଅଛି ସେଗୁଡ଼ିକୁ ତୁରନ୍ତ ଆଧୁନିକୀକରଣ କରିବାକୁ ନିଷ୍ପତ୍ତି ହୋଇଛି।

# ଚର୍ଚ୍ଚାରେ ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବଙ୍କ ଚିଠି: ନିର୍ଭୁଲ ଲେଖିବା ଚିଠିରେ ଗୁରୁଚଣ୍ଡାଳ ତ୍ରୁଟି

ଭୁବନେଶ୍ୱର ,୧୬/୦୬ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗ ଅଧୀନ ଶିକ୍ଷାନୁଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲେଖାଯିବା ନେଇ ବିଭାଗୀୟ ଯୁଗ୍ମ ଶାସନ ସଚିବ ସ୍ନିଗ୍ଧା ଚମ୍ପତିରାୟଙ୍କ ଚିଠିକୁ ନେଇ ଏବେ ଚର୍ଚ୍ଚା। ନିର୍ଭୁଲ ଓଡ଼ିଆରେ ଲେଖିବାକୁ ଯୁଗ୍ମ ସଚିବ ସରକାରୀ ସ୍ନାତକ ମହାବିଦ୍ୟାଳୟ ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷଙ୍କୁ ଯେଉଁ ଚିଠି ଲେଖିଛନ୍ତି ସେଥିରେ ଅନେକ ଗୁରୁଚଣ୍ଡାଳ ତ୍ରୁଟି ପରିଲକ୍ଷିତ ହୋଇଛି। ନାମଫଳକ ଓଡ଼ିଆ ଭାଷାରେ 'ନିର୍ଭୁଲ ଭାବରେ' ଲେଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ଚିଠିଟି ଆଦୌ ନିର୍ଭୁଲ ଭାବରେ ଲେଖାଯାଇ ନାହିଁ। ଯାହାକୁ ନେଇ ସଚେତନ ନାଗରିକ ନାରାୟଣ ମହାନ୍ତି ପ୍ରଶ୍ନ ଉଠାଇଛନ୍ତି। ଏସମ୍ପର୍କରେ ଚିଠି ଲେଖି ସମ୍ପୃକ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ଶ୍ରୀ ମହାନ୍ତି ଦର୍ଶାଇଛନ୍ତି ଯେ ଯୁଗ୍ମ ସଚିବଙ୍କ ଚିଠିର ବିଷୟରେ 'ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ' ବୋଲି ଲେଖାଯାଇଛି। ଏହା ଏକ ଗୁରୁଚଣ୍ଡାଳ ଦୋଷ ଅଟେ। ଦ୍ୱିତୀୟରେ 'ଅକ୍ଷୁଣ୍ଣ' ଶବ୍ଦରେ ରେଫ୍ ରୁହେ ନାହିଁ। ଅର୍ଥାତ୍ 'ଅକ୍ଷୁର୍ଣ୍ଣ' ବଦଳରେ 'ଅକ୍ଷୁଣ୍ଣ' ଲେଖାଯିବାର ଥିଲା। ଅକ୍ଷୂର୍ଣ୍ଣତା ବୋଲି କୌଣସି ଶବ୍ଦ ନାହିଁ। ଏହାର ପ୍ରୟୋଗ ଭାଷାକୁ ବିକୃତ କରୁଛି। 'ଆବଶ୍ୟକୀୟ' ଶବ୍ଦ ଅଶୁଦ୍ଧ; 'ଆବଶ୍ୟକ' ଶୁଦ୍ଧ। ଅଶୁଦ୍ଧ ଶବ୍ଦର ବ୍ୟବହାର ବର୍ଜନୀୟ। ଚିଠିର ପ୍ରଥମ ବାକ୍ୟରେ ଦୁଇଥର 'ପାଇଁ' ଶବ୍ଦ ବ୍ୟବହୃତ ହୋଇଛି। ଏହା ଆଦୌ ସ୍ପୃହଣୀୟ ନୁହେଁ।

# ଉତ୍ତପ୍ତ ହେଉଛି ଓଡ଼ିଶା: ୨୨ବର୍ଷରେ ବଢ଼ିଲାଣି ୦.୫ ଡିଗ୍ରି ତାତି



ଭୁବନେଶ୍ୱର ,୧୬/୦୬ (ନି.ପ୍ର): ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଜଳବାୟୁ ପରିବର୍ତ୍ତନ କାର୍ଯ୍ୟ ଯୋଜନା ଆରମ୍ଭ କଲା। ଇତିମଧ୍ୟରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ରିପୋର୍ଟ (୨୦୧୮-୨୦୨୩) ରିଲିଜ୍ ହୋଇଛି। ଏଥିରେ ୧୧ଟି କ୍ଷେତ୍ରକୁ ଚିହ୍ନଟ କରାଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ଗୋଟିଏ ଜଳବାୟୁ ପରିବର୍ତ୍ତନ ସେଲ୍ ଗଠନ ହୋଇଛି। ରାଜ୍ୟ ସରକାର ଆଉ ପାଦେ ଆଗକୁ ଯାଇ ବଜେଟ୍‌ରେ ଏହି କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟ ଯୋଜନାର ଏକ ମନିଟରିଂ ଏବଂ ପରାମର୍ଶଦାତା କମିଟି ଦ୍ୱାରା ସମସ୍ତ କାର୍ଯ୍ୟକଳାପ ସମୀକ୍ଷା କରାଯାଉଥିବା ସରକାର ଦାବି କରିଛନ୍ତି। ଏହାବ୍ୟତୀତ ବିଧାନସଭାରେ ପରିବେଶ ସଂକ୍ରାନ୍ତରେ ଗୋଟିଏ ସ୍ୱତନ୍ତ୍ର ଗୃହ କମିଟି ରହିଛି। ସ୍ୱାଭାବିକ ଭାବେ ରାଜ୍ୟବାସୀ ଆଶ୍ୱସ୍ତ ହେବା କଥା, ଓଡ଼ିଶାରେ ଜଳବାୟୁ ପରିବର୍ତ୍ତନର ବିଶେଷ ପ୍ରଭାବ ଅନୁଭୂତ ହେବ ନାହିଁ। ହେଲେ ପାଣିପାଗ ବିଜ୍ଞାନୀମାନେ ଗୋଟିଏ ରିପୋର୍ଟ ସାମ୍ନାକୁ ଆଣିଛନ୍ତି, ଯାହା ହୃଦୟ ଥରାଇ ଦେବା ଭଳି। ତାହା ହେଲା, ରାଜ୍ୟ କିଛି ଅଞ୍ଚଳରେ ବିଶ୍ୱ ତାପନର ଜବରଦସ୍ତ ପ୍ରଭାବ ପଡ଼ିବା ଆରମ୍ଭ ହେଲାଣି। ଆହୁରି ଆଚମ୍ବିତ କରିବା ଭଳି କଥା ହେଲା, ରାଜ୍ୟର ହାରାହାରି ତାପମାତ୍ରା ପାଖାପାଖି ୨୩.୮ ଡିଗ୍ରି ସେଲ୍‌ସିୟସ୍। ହେଲେ ରିପୋର୍ଟ କହୁଛି ଯେ ୨୦୦୦ ମସିହାରୁ ୨୦୨୧ ମସିହା ପର୍ଯ୍ୟନ୍ତ ହାରାହାରି ତାପମାତ୍ରାରେ ପାଖାପାଖି ୦.୫ ଡିଗ୍ରି ସେଲ୍‌ସିୟସ୍ ବୃଦ୍ଧି ହୋଇଛି। କିଛି ବର୍ଷ ଏହା ପାଖାପାଖି ୧ ଡିଗ୍ରି ପାଖାପାଖି ଛୁଇଁଯାଇଛି।

ଚଳିତ ବର୍ଷର ରିପୋର୍ଟ ଏଯାଏ ପ୍ରକାଶ ପାଇନଥିଲେ ହେଁ ଫେବ୍ରୁଆରିରୁ ମେ' ମାସ ମଧ୍ୟରେ ବର୍ଷା ଗାଏବ ହେବା, ସର୍ବୋପରି ମୌସୁମୀର ଅନିଶ୍ଚିତତା ଏବଂ ମାର୍ଚ୍ଚ ପରଠାରୁ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବା କାରଣରୁ ଗତବର୍ଷ ଭଳି ଏଥର ବି ହାରାହାରି ତାପମାତ୍ରା ବୃଦ୍ଧି ପାଇଥିବ, ଏଥିରେ ସନ୍ଦେହ ନାହିଁ। କେବଳ ସେତିକି ନୁହେଁ, ରାଜ୍ୟର ହାରାହାରି ତାପମାତ୍ରା ୨୩.୮ ହୋଇଥିବା ବେଳେ ସୋନପୁର, ଟିଟଲାଗଡ, ବୌଦ୍ଧ ଏବଂ ବଲାଙ୍ଗୀରରେ କ୍ରମାଗତ ଭାବେ ତାପମାତ୍ରା ୪୫ ଡ଼ିଗ୍ରି ପାଖାପାଖଇ ରେକର୍ଡ ହେବା ଗ୍ରୀଷ୍ମତାପନର ସ୍ଥାନୀୟ ଅଞ୍ଚଳ ଉପରେ ପ୍ରଭାବ ସଂପର୍କରେ ସୂଚୀତ କରୁଛି। ରାଜ୍ୟରେ ଏଭଳି ଗୋଟିଏ ପରେ ଗୋଟିଏ ଇଲାକା 'ଉତ୍ତପ୍ତ ଅଞ୍ଚଳ' ଭାବେ ଚିହ୍ନଟ ହେବାରେ ଲାଗିଛନ୍ତି। ତଥାପି ରାଜ୍ୟ ସରକାର ଏସବୁ ଅଞ୍ଚଳ ପାଇଁ କୌଣସି ସ୍ୱତନ୍ତ୍ର କାର୍ଯ୍ୟଯୋଜନା ଏଯାଏ ହାତେଇନାହାନ୍ତି।

ପୂର୍ବତନ ପ୍ରଶାସକମାନେ ଏ କ୍ଷେତ୍ରରେ କିଛି ମୌଳିକ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ ମତରେ ଗତ ୧୨ ବର୍ଷ ଧରି ଓଡ଼ିଶା ସରକାର ଏ ଦିଗରେ ଯେଉଁ କାର୍ଯ୍ୟ ଜାରି ରଖିଛନ୍ତି, ତାହାର ପ୍ରଭାବ ପଡୁଛି ନା ପଡୁନି ? ତାପମାତ୍ରା ୦.୫ ଡିଗ୍ରି ବୃଦ୍ଧି ପାଇଥିବା ବେଳେ ଏହାର ପ୍ରଭାବ ସ୍ୱାସ୍ଥ୍ୟ, ଜୀବଜଗତ ଆଦି ଉପରେ କିଭଳି ପଡ଼ିଛି ? କେତେ ଲୋକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରଭାବିତ ହୋଇଛନ୍ତି ? କୌଣସି ପ୍ରାଣୀ ପ୍ରତି ବିପଦ ଘୋଟିଆସିଛି କି ? ଏ ସଂପର୍କରେ ଅନୁଶୀଳନ ଲାଗି କି ସରକାର ଏଯାଏ କି ପଦକ୍ଷେପ ନେଇଛନ୍ତି ? ସର୍ବୋପରି ଜଙ୍ଗଲ ଓ ପରିବେଶ ବିଭାଗରେ ଥିବା ସ୍ୱତନ୍ତ୍ର ସେଲ୍ ?ର ଭୂମିକା ଏ କ୍ଷେତ୍ରରେ କଣ ରହିଛି, ତାହା ମଧ ଜଣାପଡୁନାହିଁ।

ସଂପ୍ରତି ଭାରତବର୍ଷର ମୁଖ୍ୟଶାସନ ସଚିବଙ୍କ ସମ୍ମିଳନୀରେ ମଧ ଏହି ପ୍ରସଙ୍ଗକୁ ଆଜି ଅଧିକ ଗୁରୁତ୍ୱ ଦିଆଯାଇଛି। ରାଜ୍ୟମାନେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ବେଳେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟକ୍ରମ ବା ଯୋଜନା ପ୍ରସ୍ତୁତ କରିବା ଲାଗି କେନ୍ଦ୍ର ସରକାର ସତର୍କ କରାଇ ଦେଇଛନ୍ତି। ଏପରିସ୍ଥଳେ ଓଡ଼ିଶା ସରକାର ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟି ରଖି କେଉଁ ଯୋଜନାରେ କି କି ପରିବର୍ତ୍ତନ ଆଣିବେ, ତାହା ଏବେ ଲକ୍ଷ୍ୟ କରିବା କଥା।

# ପୁଣି ବଢ଼ିଲା ସଂକ୍ରମଣ: ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୪୧ କରୋନା ପଜିଟିଭ

ଭୁବନେଶ୍ୱର,୧୬/୦୬ (ନି.ପ୍ର): ଆଜି ରାଜ୍ୟରେ ପୁଣି ବଢ଼ିଛି କରୋନା ସଂକ୍ରମଣ। ଗତକାଲି ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୪୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।



ଏମାନଙ୍କ ମଧ୍ୟରୁ ୨୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୭ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୮ଟି ଜିଲ୍ଲାରୁ ୪୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୨ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୨ ଜଣ ଚିହ୍ନଟ ହୋଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧ ଜଣ, ଭଦ୍ରକ ଜିଲ୍ଲାରୁ ୧ ଜଣ, କଟକ ଜିଲ୍ଲାରୁ ୫ ଜଣ, ଜଗତସିଂହପୁର ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୨୨ ଜଣ, ପୁରୀ ଜିଲ୍ଲାରୁ ୧ ଜଣ, ସମ୍ବଲପୁର ଜିଲ୍ଲାରୁ ୨ ଜଣ ସୁନ୍ଦରଗଡ଼ ଜିଲ୍ଲାରୁ ୨ ଜଣ ଓ ଷ୍ଟେଟପୁଲରୁ ୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି।

ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୭୩୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୯, ୩୮୧ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୭୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଓଡ଼ିଶାରେ ଖୋଲିବ ଆଉ ୩ଟି ଇଏସଆଇସି ହସ୍ପିଟାଲ

ଭୁବନେଶ୍ୱର,୧୬/୦୬ (ନି.ପ୍ର): ଓଡ଼ିଶାରେ ଆଉ ୩ଟି ଇଏସଆଇସି ହସ୍ପିଟାଲ ଖୁବଶୀଘ୍ର ସ୍ଥାପନ ହେବ ବୋଲି କେନ୍ଦ୍ର ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି ଘୋଷଣା କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲା ବଳରାମପ୍ରସାଦରେ କର୍ମଚାରୀ ରାଜ୍ୟ ବୀମା (ଇଏସଆଇ) ଡାକ୍ତରଖାନା ଓ ଝାରସୁଗୁଡ଼ାରେ ଇଏସଆଇସିର ଉପ-ଆଂଚଳିକ କାର୍ଯ୍ୟାଳୟକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଶ୍ରମ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି ଲୋକାର୍ପଣ କରିବା ବେଳେ ଏହି ସୂଚନା ଦିଆଯାଇଛି। ଇଏସଆଇସି ହସ୍ପିଟାଲ ଲୋକାର୍ପଣ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୮ବର୍ଷ ମଧ୍ୟରେ ଦେଶ ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ ହୋଇଥିବାବେଳେ ଅନୁଗୋଳଠାରେ ଇଏସଆଇସି ହସ୍ପିଟାଲ ଉଦଘାଟନ ଏଥିମଧ୍ୟରୁ ଅନ୍ୟତମ । ଅନୁଗୋଳ ଓ ଝାରସୁଗୁଡ଼ାଠାରେ ଅନେକ ଉଦ୍ୟୋଗ ରହିଛି ଓ ଶ୍ରମ ଶକ୍ତି ସଂଖ୍ୟା ମଧ ଅଧିକ । ତେଣୁ ଏସବୁ ଲୋକମାନଙ୍କର ସୁସ୍ଥତା ହେଉଛି ସରକାରଙ୍କ ଦାୟିତ୍ୱ ଓ ଏହି ଇଏସଆଇସି ହସ୍ପିଟାଲ ଓ ଉପଆଂଚଳିକ କାର୍ଯ୍ୟାଳୟ ମାଧ୍ୟମରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରାଯାଇପାରିବ। ସେହିପରି କେନ୍ଦ୍ର ଶ୍ରମ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି କହିଛନ୍ତି ଯେ, ଏହି ଇଏସଆଇସି ହସ୍ପିଟାଲ ମାଧ୍ୟମରେ ସୁପର ସ୍ପେଶାଲିଷ୍ଟ ସେବା ସମେତ ଅନୁଗୋଳ ଓ ଆଖପାଖ ଅଂଚଳର ୩ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ । ଏହାସହିତ ଝାରସୁଗୁଡ଼ାସ୍ଥିତ ଉପ ଆଂଚଳିକ କାର୍ଯ୍ୟାଳୟ ମାଧ୍ୟମରେ ଓଡ଼ିଶାର ୧୩ଟି ଜିଲ୍ଲାର ୨ଲକ୍ଷ କର୍ମଚାରୀ ଉପକୃତ ହେବେ । ଭୁବନେଶ୍ୱର, ଯାଜପୁରର ଡୁବୁରି ଓ ପାରାଦୀପଠାରେ ଆଉ ୩ଟି ଇଏସଆଇସି ହସ୍ପିଟାଲ ସ୍ଥାପନ ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଭୁବନେଶ୍ୱରରେ ୧୫୦ ଶଯ୍ୟା ବିଶିଷ୍ଟ, ଯାଜପୁର ଜିଲ୍ଲା ଡୁବୁରିଠାରେ ୧୦୦ ଶଯ୍ୟା ବିଶିଷ୍ଟ ଏବଂ ପାରାଦୀପରେ ୩୦ ଶଯ୍ୟା ବିଶିଷ୍ଟ ଇଏସଆଇସି ହସ୍ପିଟାଲ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ପୁରୀ ରଥଯାତ୍ରା ପାଇଁ ଅଗ୍ନିଶମ ବିଭାଗର ସମୀକ୍ଷା ବୈଠକ

ଭୁବନେଶ୍ୱର,୧୬/୦୬ (ନି.ପ୍ର): ଆସନ୍ତା ଜୁଲାଇ ୧ ତାରିଖରେ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା। ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ କରାଯାଇଛି। ଆଜି ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ସେବା ଓ ବିପର୍ଯ୍ୟୟ ମୁକାବିଲା ଏକାଡେମିଠାରେ ଅନୁଷ୍ଠିତ ଏହି ବୈଠକରେ ଡିଜି(ଅଗ୍ନିଶମ) ସନ୍ତୋଷ ଉପାଧ୍ୟାୟ ପୁରୀ ରଥଯାତ୍ରାକୁ ନେଇ ସ୍ଥିତି ସମୀକ୍ଷା କରିଥିଲେ। ରଥ ଯାତ୍ରା ସମୟରେ ପ୍ରାକୃତିକ ଦୁର୍ବିପାକ ହେଉ କି ଦୁର୍ଘଟଣା ବା ଅଗ୍ନିକାଣ୍ଡକୁ ନେଇ ଯେଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ ସେଥିପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

ରଥଯାତ୍ର ପୂର୍ବରୁ ଯେକୌଣସି ଦୁର୍ଘଟଣାଗ୍ରସ୍ତ ଯାନ ଏବଂ କୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ସାମ୍ନା କରିବା ପାଇଁ ଦୁଇଟି କୁଇକ୍ ରେସପନ୍ସ ୟୁନିଟ୍ ମୁତୟନ କରାଯିବ। ଗୋଟିଏ ପିପିଲି ବାଇପାସ୍ ଛକ ଏବଂ ଅନ୍ୟଟି କୋଣାର୍କ ଛକ ନିକଟରେ ମୁତୟନ ହେବ। ସେହିପରି ରଥଯାତ୍ରା ସମୟରେ ୨୧ଟି ଦମକଳ, ୩ଟି ବଡ଼ ଦମକଳ, ଗୋଟିଏ ଉଦ୍ଧାରକାରୀ କ୍ରେନ୍, ଗୋଟିଏ ଅତ୍ୟାଧୁନିକ କ୍ରେନ୍ ମେସିନ୍, ୯ଟି କୁଇକ୍ ରେସପନ୍ସ ୟୁନିଟ୍, ୩ଟି ଅଗ୍ନି ଆମ୍ବୁଲାନ୍ସ, ୩ଟି ମିଷ୍ଟ ବାଇକ୍, ଫାୟାର ପମ୍ପ ଏବଂ ପାୱାର ଡଙ୍ଗା ଆବଶ୍ୟକୀୟ ମୁତାବକ ମୁତୟନ କରାଯିବ ବୋଲି ଅଗ୍ନିଶମ ଡିଜି ଶ୍ରୀ ଉପାଧ୍ୟାୟ କହିଛନ୍ତି। ଏହି ସମୟରେ ପୁରୀ ଜିଲ୍ଲାର ସମସ୍ତ ଫାୟାର ଷ୍ଟେସନକୁ କମ୍ବିଟୁଲ ପ୍ରଦାନ କରାଯିବା ସହ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ସମସ୍ତ ଅଗ୍ନିଶମ ବରିଷ୍ଠ ଅଧିକାରୀଙ୍କୁ ଓଡିଆରଏଏଫ୍, ଏନ୍‌ଡିଆରଏଫ୍ ଜିଲ୍ଲା ମାଜିଷ୍ଟ୍ରେଟ, ରେଳବାଇ କର୍ତ୍ତୃପକ୍ଷ, କୋଷ୍ଟଗାର୍ଡ, ରାଜ୍ୟ ପୁଲିସ ସଂଗଠନ ଏବଂ ଅନ୍ୟାନ୍ୟ ଲାଇନ ବିଭାଗ ସହ ସୁସମ୍ପର୍କ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ଗୁଡ଼ିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାମ କରିବେ। ଆଜିର ସମୀକ୍ଷା ବୈଠକରେ ବରିଷ୍ଠ ଅଧିକାରୀ ମୁଖ୍ୟ ଅଗ୍ନିଶମ ଅଧିକାରୀ(ଏସ୍‌ଏଜି), କଟକ ମୁଖ୍ୟ ଅଗ୍ନିଶମ ଅଧିକାରୀ, ଓଏଫ୍‌ଡିଆରଏର ଅଗ୍ନିଶମ ଅଧିକାରୀ, ପୁରୀ ଓଏସ୍‌ଡବ୍ଲ୍ୟୁଏଲ୍‌ଆଇ ଅଗ୍ନିଶମ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା ଲକ୍ଷଣ ଥିଲେ ତୁରନ୍ତ ପରୀକ୍ଷା କରାଇନିଅନ୍ତୁ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୬/୦୬ (ନି.ପ୍ର): ଆଜି ରାଜ୍ୟରେ କରୋନା ସଂକ୍ରମଣ ପୁଣି ସାମାନ୍ୟ ବଢ଼ିଛି। ଗତକାଲି ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୪୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ କୋଭିଡ ସଂକ୍ରମଣ ସାମନ୍ୟ ଉପରମୁହାଁ ହେବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ଗତ ୭ଦିନ ଭିତରେ ଦୁଇ ଅଙ୍କ ଭିତରେ ରହୁଛି ରାଜ୍ୟର ସଂକ୍ରମଣ। ଆଜି ସାମାନ୍ୟ ବଢ଼ିଛି। ଦେଶର ବିଭିନ୍ନ ରାଜ୍ୟରେ ଯେଉଁଭଳି ସଂକ୍ରମଣ ବଢୁଛି। ତେଣୁ ତାକୁ ଦେଖି ଆମକୁ ସତର୍କତାମୂଳକ ପଦକ୍ଷେପ ନେବାକୁ ପଡ଼ିବ।ବିଭାଗ ପକ୍ଷରୁ ଯେଉଁଭଳି ସର୍ଭିଲାନ୍ସ ଚାଲିବା କଥା ଚାଲିଛି। ଟେଷ୍ଟିଂ ଚାଲିଛି ତାକୁ ବଢ଼େଇବା ପାଇଁ କୁହାଯାଇଛି। ଲୋକମାନଙ୍କୁ ଆମେ ନିବେଦନ କରୁଛୁ ଯେଉଁମାନଙ୍କର ଲକ୍ଷଣ ଦେଖାଯାଉଛି, ସେମାନେ ତୁରନ୍ତ ପରୀକ୍ଷା କରାଇ ନିଅନ୍ତୁ। ଭିଡ଼କୁ ଯାଆନ୍ତୁ ନାହିଁ କି ଭିଡ଼ କରନ୍ତୁ ନାହିଁ। ମାସ୍କ ପିନ୍ଧନ୍ତୁ। ଲୋକମାନେ ସ୍ୱତଃପ୍ରବୃତ୍ତ ଭାବେ ଆଗକୁ ଆସି ଟେଷ୍ଟିଂ କରାଇ ନିଅନ୍ତୁ। ଅଳ୍ପ ବଢିଲେ ବି ତାକୁ ଅଣଦେଖା କରିବାନି।ସତର୍କ ରହିବାକୁ ହେବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ଭିତରେ ଦୁଇ ତିନି ଥର ସମୀକ୍ଷା କରାଯିବା ସହ ଜିଲ୍ଲାପାଳମାନଙ୍କୁ ସଂକ୍ରମଣ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଭାବ ବିହ୍ୱଳ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୬/୦୬ (ନି.ପ୍ର): କରୋନାର କରାଳ କାୟାରେ ଛନ୍ଦିହୋଇ ଅସମୟରେ ଝଡିପଡିଥିବା ଓଡିଶା ବନ ଉନ୍ନୟନ ନିଗମର ପୂର୍ବତନ ଅଧିକାରୀ, ଶ୍ରୀ ଈଶାନେଶ୍ୱର ମନ୍ଦିର ଟ୍ରଷ୍ଟର ସଭାପତି, ନୀଳାଦ୍ରିବିହାର ଆବାସିକ ସଂଘର ପୂର୍ବତନ କର୍ମକର୍ତ୍ତା, ସମାଜସେବୀ, ଧର୍ମପରାୟଣ ବ୍ୟକ୍ତିତ୍ୱ, ସର୍ବମାନ୍ୟ ମୁରବୀ, ଆଦରଣୀୟ ତଥା ସର୍ବଜନାଦୃତ ବ୍ୟକ୍ତିତ୍ୱ ସ୍ୱର୍ଗତଃ ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କୁ ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭାବବିହ୍ୱଳ ଶ୍ରଦ୍ଧାଳି ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ଶ୍ରୀ ଈଶାନେଶ୍ୱରଙ୍କ ପୀଠରେ ଆୟୋଜିତ ଶ୍ରଦ୍ଧାଳି ଉତ୍ସବକୁ ଓଡିଶା ଡି.ଏ.ଭି ଅନୁଷ୍ଠାନ ସମୁହର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଶ୍ରଦ୍ଧାସୁମନ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ବର୍ଗର ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମହାନଗର ନିଗମର ଡେପୁଟି ମେୟର ମୁଲତା କହଁର, ସ୍ଥାନୀୟ କର୍ପୋରେଟର ମୋନାଲିସା ସାହୁ, ପୂର୍ବତନ ବିଧାୟକ ପ୍ରୀୟଦର୍ଶୀ ମିଶ୍ର ଓ ଡ. ଦେବାଶିଷ ପଟ୍ଟନାୟକ, ସମ୍ ହସ୍ପିଟାଲର ଡିନ୍ ଡଃ ସଂଘମିତ୍ରା ମିଶ୍ର, ଡି.ଏ.ଭି ଅନୁଷ୍ଠାନ ସମୁହର ସହ ଆଞ୍ଚଳିକ ନିର୍ଦ୍ଦେଶିକା ଡ. ସୁଜାତା, ଡି.ଏ.ଭି ୟୁନିଟ୍-୮ ର ଅଧ୍ୟକ୍ଷା ଇପ୍‌ଶିତା ଦାଶ, ବରିଷ୍ଠ ଶିକ୍ଷାବିତ୍ ଭାଗ୍ୟବତୀ ନାୟକ, ଚଳଚିତ୍ର ଅଭିନେତା ପ୍ରେମାନ ପରିଡା ଓ ବୁଦ୍ଧିଜୀବି ଉପସ୍ଥିତ ରହି ସ୍ୱର୍ଗତ ପାଣିଗ୍ରାହୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିବା ସହ ଏକ ସ୍ମୃତି କମିଟି ଗଠନ ଓ ଏକ ସ୍ମରଣିକା ପ୍ରକାଶ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ।

## ଯୋଗ୍ୟ ନେତା ରହିତ ଜନଗଣ

(ପୃଷ୍ଠା-୪ର ଅବଶିଷ୍ଟାଂଶ) ପ୍ରାୟ ବିଶ୍ୱର ସବୁଦେଶର ନେତା ଊଣାଅଧିକେ ଜନଗଣଙ୍କ କ୍ରୋଧର ଶିକାର । ବହୁ ଦେଶର ନେତା ରାଜକୋଷ ଲୁଟ ଜାଲରେ ଛନ୍ଦି ହୋଇ ଜେଲରେ ଦିନ କାଟୁଛନ୍ତି । ୪୨ ବର୍ଷ ଧରି ଏକଛତ୍ରବାଦୀ ଶାସକ ଗଦାଫିଙ୍କୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ମୃତ୍ୟୁବରଣ କରିବାକୁ ପଡିଛି । ଏବେ ବିଭିନ୍ନ ଦେଶର ବଡବଡ ନେତା ଏପରିକି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ନିଜ ଦେଶର ସଂପତି ଲୁଟ୍ କରି ବିଦେଶୀ ବ୍ୟାଙ୍କରେ ଲୁଚେଇ ରଖିଛନ୍ତି । ଧୀରେଧୀରେ ସେମାନଙ୍କ ନାଁ ମଧ୍ୟ ଜଣାପଡିଲାଣି । କେତେକେ ମରିଯାଇଥିଲେ ବି ସେମାନଙ୍କ ଉତରାଧୀକାରୀଙ୍କ ନାଁରେ କଳାଧନ ଜମାରହିଛି । ଏବେବି କେତେକ ଉତରାଧିକାରୀ ଶାସନରେ ଗାଦି ମାଡି ବସିଛନ୍ତି । ପ୍ରକୃତ ସତ୍ୟ ଉଦ୍‌ଘାଟନ ହେଲେ – ଏମାନଙ୍କ ପାପକୁ କ୍ଷମା ନାହିଁ - ପ୍ରାୟଶ୍ଚିତ କରିବାକୁ ହେବ ।

ସମଗ୍ର ବିଶ୍ୱରେ ପୁଂଜିବାଦୀ ବଜାର ସଂକଟ ବଢିଚାଲିଛି । ବିଶ୍ୱ ମାନ୍ଦାବସ୍ଥା ସୁଧୁରିବାରେ ଲକ୍ଷଣ ଦେଖାଯାଉନି । ନେତାମାନେ ନିଜନିଜ ଦେଶକୁ ସମ୍ଭାଳି ପାରୁନାହାଁନ୍ତି । ସବୁ ଦେଶରେ ଚିହ୍ନାନେତାଙ୍କୁ ବାଦଦେଇ ଯେଉଁ ଭଳି ଭାବେ ଜନବିସ୍ଫୋରଣ ଦେଖାଦେଲାଣି – ଏହାହିଁ ବିଶ୍ୱ ପାଇଁ ଶୁଭଲକ୍ଷଣ । ଦେଶେଦେଶେ ଯୋଗ୍ୟନେତାଙ୍କର ଆବିର୍ଭାବ ହେବାକୁ ବେଶୀ ଡେରି ନାହିଁ ।

ଯାଜପୁର ରୋଡ, ଯାଜପୁର, ମୋ : ୯୮୬୧୦୩୪୧୬୩

## ନୀଳଗିରି ଏନଏସିରେ ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ

ନୀଳଗିରି, ୧୬/୦୬ (ନି.ପ୍ର): ଦୀର୍ଘ ମାସ ଧରି ନୀଳଗିରି ଏନଏସିରେ ନିର୍ବାହୀ ଅଧିକାରୀ ପଦବୀ ଖାଲି ପଡ଼ିଥିବା ବେଳେ ସ୍ଥାନୀୟ ତହସିଲଦାର ଅଶେଷ କୁମାର ନାୟକ କାର୍ଯ୍ୟଭାର ତୁଲାଇ ଆସୁଥିଲେ। ଗୁରୁବାର ନୂତନ ନିର୍ବାହୀ ଅଧିକାରୀଭାବେ ବେଲପାହାଡ଼ ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ ନୀଳଗିରିରେ ଯୋଗଦାନ କରିଛନ୍ତି। ତେବେ ନୀଳଗିରି ଏନଏସିରେ ଥିବା ୧୩ଟି ୱାର୍ଡ଼ର ପରିମଳ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦେବା ସହ ସରକାରଙ୍କ ବିଭିନ୍ନ ଯୋଜନାରେ ଆସୁଥିବା କାର୍ଯ୍ୟକୁ ସୂଚାରୁ ରୂପେ କାର୍ଯ୍ୟକରିବେ ବୋଲି ଶ୍ରୀ ବଡୁ କହିଛନ୍ତି। ଏହି ଅବସରରେ ଏନଏସି ଅଧକ୍ଷା ଅମ୍ବିକା ଦାସ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି .....

କରିଥିଲେ। ଜିଲ୍ଲା ଓକିଲସଂଘର ସଭାପତି ମନୋଜ ନାୟକ, ସମ୍ପାଦକ ସମ୍ବିତ୍ ନନ୍ଦୀ, ବାଲେଶ୍ୱର ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ବରିଷ୍ଠ ନାଗରିକ ମଞ୍ଚର ଜିଲ୍ଲା ସଂପାଦକ ଲକ୍ଷ୍ମୀଧର ବେହେରାଙ୍କ ସମେତ ବାମପନ୍ଥୀ ଦଳ ଓ ଜାତୀୟ କଂଗ୍ରେସ ପକ୍ଷରୁ ଦଳୀୟ ନେତା ଓ ସେମାନଙ୍କର ବିଭିନ୍ନ ଗଣସଂଗଠନରୁ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଶିଶିର ହୁଇ, ଗୌରାଙ୍ଗ ପାଣିଗ୍ରାହୀ, ଜୟନ୍ତ ଦାସ, ନିରଞ୍ଜନ ପରିଡ଼ା, ପ୍ରେମରଞ୍ଜନ ପାତ୍ର, ବିକ୍ରମ ପଣ୍ଡା, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ବିକାଶ ଦାସ, ବାସନ୍ତୀ ସାମଲ, ସୁରେଶ ବେହେରା, ଅବଦୁଲ ରଫିକ୍, ତୁଷାରକାନ୍ତି ତପସୀ, ଇଂ. ଅସଗର୍ ଅଲ୍ଲୀ, ଜୀବନ ବାରିକ, ତପନ ସିଟ୍, ଶ୍ୟାମସୁନ୍ଦର ଜେନା, ପରମାନନ୍ଦ ପଣ୍ଡା, ଭରତ ଚନ୍ଦ୍ର ସେଠୀ, ସନ୍ତୋଷ କୁମାର ସାହୁ, ଆଇନଜୀବୀ ଶକ୍ତିଧର ସାନ୍ତରା, ଶାନ୍ତନୁ ଦାସ, ସୂର୍ଯ୍ୟକାନ୍ତ କର, ଅଭିଜିତ୍ ପଣ୍ଡା, ମମତା ବେହେରା, ଅକ୍ଷୟ ପାତ୍ର, ପିନାକୀ ଧୀର୍, ପ୍ରଭାତ ଦାସ, ଜ୍ଞାନରଞ୍ଜନ ପାଣି, ସଞ୍ଜୟ ଚୌଧୁରୀ, କିଶୋର ଦାସ, ରାମକୃଷ୍ଣ ଜେନାଙ୍କ ସମେତ ଈଷାଣୀ ଷଡ଼ଙ୍ଗୀ, ବିଜୟ ପାତ୍ର, ରାଜକିଶୋର ଲେଙ୍କା, ଡ. ସୁବାଷ ଚନ୍ଦ୍ର ନାୟକ, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ସୁଦର୍ଶନ ଆଚାର୍ଯ୍ୟ, ସିକନ୍ଦର ଖାଁ, ସୁବ୍ରତ ପଣ୍ଡା, ଜିତେନ୍ଦ୍ର ସେନାପତି, ପ୍ରସନ୍ନଜିତ୍ ମାଝୀ, ହରେକୃଷ୍ଣ ଦାସ, ମୃତ୍ୟୁଞ୍ଜୟ ରାଉତ, ସୁଦୀପ୍ତ ସିଂହ, ରମେଶ ଜେନା, ସଂଗ୍ରାମ ମାଝୀ, ଉମାକାନ୍ତ ପାତ୍ର, ଆବିଦ୍ ଖାଁ, ମନୋଜ ରାଠୋର, ଶରତ ଚନ୍ଦ୍ର ଦଳାଇ, ଟିପିରି ସିଂ, ଦୀନବନ୍ଧୁ ସାହୁ, ନିରଞ୍ଜନ ସାହୁ, ଦେବାଶିଷ ସିଂହ, ରାମଚନ୍ଦ୍ର ବେହେରା, ଶଶିକାନ୍ତ ବେହେରା ଓ ସନ୍ତୋଷ ପଣ୍ଡା ପ୍ରମୁଖ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।ଅପରାହ୍ନ ସୁଦ୍ଧା ବାଲେଶ୍ୱର ସହର ଓ ଆଖପାଖ ଅଞ୍ଚଳରେ କୌଣସି ସ୍ଥାନରେ ବି ଅଭାବନୀୟ ଘଟଣା ଘଟିନଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ଆଇଏଏସ୍ ସ୍ତରରେ ବଡ....

ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ କମିଶନର ପଦବୀଙ୍କୁ ଯୁଗ୍ମ ସଚିବ ପାହ୍ୟା ସହ ସମାନ କରାଯାଇଛି। ଏହାସହିତ ସେ କୁଟ ପରିଚାଳନା ନିର୍ଦ୍ଦେଶକ ଓ ବିଏସସିଏଲ୍ ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ଜଳସମ୍ପଦ ବିଭାଗର ଯୁଗ୍ମ ସଚିବ ଆଇଏଏସ ମଧୁସ୍ମିତା ସାହୁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ସଚିବ, ଭାବେ ବଦଳି ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାପାଳ ଆଇଏଏସ୍ ଡଃ ଗାଭାଲି ପରାଗ ହର୍ଷଦଙ୍କୁ ସୁନ୍ଦରଗଡ଼ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି । ନୂଆପଡ଼ା ଜିଲ୍ଲାପାଳ ଆଇଏଏସ୍ ସ୍ୱଧା ଦେବ ସିଂଙ୍କୁ ରାୟଗଡ଼ା ଜିଲ୍ଲାପାଳ ଓ ରାୟଗଡ଼ାରେ ଜିଲ୍ଲାପାଳ ଥିବା ବରିଷ୍ଠ ଓଏଏସ୍ ସରୋଜ କୁମାର ମିଶ୍ରଙ୍କୁ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସହ ଗୃହ ବିଭାଗ(ପ୍ରୋଟୋକଲ) ଦାୟିତ୍ୱ ମିଳିଛି । କଟକ ମହାନଗର ନିଗମ କମିଶନର ଆଇଏଏସ୍ ଅନନ୍ୟା ଦାସଙ୍କୁ ସମ୍ବଲପୁର ଜିଲ୍ଲାପାଳ ଓ ସମ୍ବଲପୁର ଜିଲ୍ଲାପାଳ ଥିବା ଆଇଏଏସ୍ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଗଞ୍ଜାମ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ବ୍ରହ୍ମପୁର ମହାନଗର ନିଗମ କମିଶନର ଆଇଏଏସ୍ ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କୁ ଭଦ୍ରକ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସେହିପରି ଭଦ୍ରକରେ ଥିବା ଓଏଏସ୍ ତ୍ରିଲୋଚନ ମାଝୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି ହୋଇଛି । ସେହିପରି ଗଞ୍ଜାମରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଥିବା ଆଇଏଏସ୍ ଦତାତ୍ରେୟ ଭାଉସାହେବ ସିନ୍ଧେଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଭାବେ ବଦଳି ହୋଇଛି । କଳାହାଣ୍ଡି ଜିଲ୍ଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଆଇଏଏସ୍ ସୋମେଶ କୁମାର ଉପାଧ୍ୟାୟଙ୍କୁ ଦେବଗଡ଼ ଜିଲ୍ଲାପାଳ, ମୟୂରଭଞ୍ଜ ଜିଲ୍ଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ୨୦୧୭ ବ୍ୟାଚର ଆଇଏଏସ୍ ପି ଅନଭେଶା ରେଡ୍ଡୀଙ୍କୁ କଳାହାଣ୍ଡି ଜିଲ୍ଲାପାଳ, ବାଲେଶ୍ୱର ଉପଜିଲ୍ଲାପାଳ ଆଇଏସଏସ୍ ପାଟିଲ ଆଶୀଷ ଈଶ୍ୱରଙ୍କୁ କନ୍ଧମାଳ ଜିଲ୍ଲାପାଳ, କୋରାପୁଟ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ହେମକାନ୍ତ ସଏଙ୍କୁ ନୂଆପଡ଼ା ଜିଲ୍ଲାପାଳ, ବ୍ରହ୍ମପୁର ଉପଜିଲ୍ଲାପାଳ ୨୦୧୮ ବ୍ୟାଚ ଆଇଏଏସ୍ କୀର୍ତି ଭାସନଙ୍କୁ ଗଞ୍ଜାମ ଜିଲ୍ଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ସମ୍ବଲପୁର ଉପଜିଲ୍ଲାପାଳ ଆଇଏଏସ୍ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର, ଗୁଣୁପୁର ଉପଜିଲ୍ଲାପାଳ ୨୦୧୮ ବ୍ୟାଚ୍ ଆଇଏଏସ୍ ଜେ. ସୋନାଲଙ୍କୁ ବ୍ରହ୍ମପୁର ମହାନଗର ନିଗମର କମିଶନର ଓ ନବରଙ୍ଗପୁର ଉପଜିଲ୍ଲାପାଳ ୨୦୧୯ ବ୍ୟାଚ ଆଇଏଏସ୍ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅନୁସଚିବ ଭାବେ ବଦଳି କରାଯାଇଛି ।

### ମନ ଇଚ୍ଛା ଭାଙ୍ଗିପାରିବନି .....

କରିବା ଅନବାର୍ଯ୍ୟ କୋର୍ଟ କହିଥିବା ସେ କହିଛନ୍ତି । ଅନ୍ୟପକ୍ଷରେ ବେଆଇନ ଉଚ୍ଛେଦ ନେଇ କୌଣସି ପ୍ରକାର ଆଇନ ଉଲ୍ଲଂଘନ ହୋଇ ନଥିବା ଉତ୍ତରପ୍ରଦେଶ ସକାର କହିଛନ୍ତି । ତେବେ ଏହାର ଜବାବରେ ସୁପ୍ରିମକୋର୍ଟ କହିଛନ୍ତି ଯେ, ସବୁ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଆମେ କହୁନୁ, କିନ୍ତୁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ସାମ୍ପ୍ରତିକ ପଦକ୍ଷେପ ଆଇନର ଗଣ୍ଡି ଭିତରେ ହେବା ଉଚିତ। ଯେଉଁମାନଙ୍କର ଘର ଭଙ୍ଗାଯାଇଛି ସେମାନଙ୍କ ସୁରକ୍ଷା ପାଇଁ ଆବେଦନକାରୀ ଦାବି କରିଛନ୍ତି। କାରଣ ସେମାନେ ବି ସମାଜର ଏକ ଅଂଶ। ସେମାନଙ୍କର ବି ବଞ୍ଚିବାର ଅଧିକାର ରହିଛି। ଏଭଳି ଭଙ୍ଗାରୁଜା ଆଇନ ଅନୁଯାୟୀ ହୋଇ ନାହିଁ। ତେବେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାର ମାସରେ ହେବ।

### ବାରବାଟୀ ଟି-୨୦ରେ ଚାଲିଥିଲା....

ହେଲେ ଅଭିଯୋଗ କରିବୁ ନାହିଁ । ଆମକୁ କେହି ବଦନାମ କରିବାକୁ ଚେଷ୍ଟା କରୁଛି । ଏନେଇ କିନ୍ତୁ ପୋଲିସକୁ ଅଭିଯୋଗ କରିବୁ ନାହିଁ । ହେଲେ, କାହାକୁ ପାସ୍ ଦିଆଯାଇଛି ସାର୍ବଜନୀନ କରାଯିବ କି ନାହିଁ ବିଚାର କରାଯିବ ।

## ବସ୍ତା ବ୍ଲକ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ

ବସ୍ତା,୧୬।୬(ନିପ୍ର): ବସ୍ତା ପଞ୍ଚାୟତ ସମିତି ସମ୍ମିଳନୀକକ୍ଷରେ ଗୁରୁବାର ଭାରପ୍ରାପ୍ତ ବିଡ଼ିଓ କାର୍ତ୍ତିକ କୁମାର ଦାଶ ଙ୍କ ଅଧକ୍ଷତାରେ ପ୍ରା କୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ସହ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କୋଇଲୁ ଟୁଡୁ, ପୂର୍ତ୍ତ ବିଭାଗ ଏସଡ଼ିଓ ଶିବଲାଲ ସାହୁ,ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ଦୁର୍ଗା ଚରଣ ସିଂହ, ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ଯନ୍ତ୍ରୀ ବିନୋଦ କୁମାର ଦାସ,ବିଦ୍ୟୁତ ବିଭାଗ ଯନ୍ତ୍ରୀ ଗୌରୀ ଶଙ୍କର ବାଗ, ମୁଖ୍ୟ ବ୍ଲକ କିରାଣୀ ବୈକୁଣ୍ଠ ନାଥ ରାୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ କର୍ମଚାରୀ ଯୋଗ ଦେଇଥିଲେ। ଏତଦ୍‌ବ୍ୟତୀତ କଇନଗିରି, ଚୋର ମରା, ପାଉଁଶକୁଳି, କୁଲିଦା ବାତ୍ୟା ଆଶ୍ରୟ ସ୍ଥଳର ସଭାପତି, ସମ୍ପାଦକ,ସମ୍ପୃକ୍ତ ପଞ୍ଚାୟତ ର ସରପଞ୍ଚ , ସମିତି ସଭ୍ୟ ଯୋଗଦେଇଥିଲେ। ସମ୍ଭାବ୍ୟ ବାତ୍ୟା, ବର୍ଷା, ବନ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଆବଶ୍ୟକ ପ୍ରସ୍ତୁତି ନେଇ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ନିମାପଡା କପାଳୀକ୍ଷେତ୍ର ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବ

ଭଦ୍ରକ, ୧୬/୦୬ (ନି.ପ୍ର): ନିମାପଡା କପାଳୀକ୍ଷେତ୍ର ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ରଜ ସଂକ୍ରାନ୍ତି ଆସର ଅତ୍ୟନ୍ତ ଆକର୍ଷଣୀୟ ଓ ଚିତାକର୍ଷକ ହୋଇଥିଲା। ରଙ୍ଗୀନ ଆଲୋକମାଳା, ଆକର୍ଷଣୀୟ ମଞ୍ଚସଜା ମଧ୍ୟରେ ପୁରୀ ସାକ୍ଷୀଗୋପାଳରୁ ଆସିଥିବା ସତ୍ୟବାଦୀ ଡ୍ୟାନ୍ସ ଗ୍ରୁପ୍ ଓ ବଲାଙ୍ଗୀର ସୋନପୁରରୁ ଆସିଥିବା ଦୟାଲ ସଙ୍ଗୀତ ଏକାଡେମୀର କଳାକାର ମାନେ ଆକର୍ଷଣୀୟ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।

## ଦୋକାନରୁ ସିସି କ୍ୟାମେରା ତାଡ଼ିନେଲେ ଦୁର୍ବୃତ !

ନୀଳଗିରି, ୧୬/୦୬ (ନି.ପ୍ର): ନୀଳଗିରି ବସଷ୍ଟାଣ୍ଡ ନିକଟରେ ଥିବା ଗିରି ପେ ଫୋନର ସତ୍ୱାଧିକାରୀ ଚନ୍ଦ୍ରଶେଖର ଗିରିଙ୍କ ଦୋକାନରୁ କେହି ଦୁର୍ବୃତ ଗତକାଲି ବିଳମ୍ବିତ ରାତିରେ ଚୋରି ଉଦ୍ୟମ କରିଥିଲେ। ଦୁର୍ବୃତ ପ୍ରଥମେ ଦୋକାନ ବାହାରେ ଲାଗିଥିବା ସିସି କ୍ୟାମେରାକୁ ତାଡ଼ି ସର୍ଟର ଭାଙ୍ଗିବାକୁ ଉଦ୍ୟମ କରିଥିଲା। ସକାଳେ ଦୋକାନ ମାଲିକ ଏ ସମ୍ପର୍କରେ ଦେଖି ନୀଳଗିରି ଥାନାରେ ଏତଲା ଦେବା ସହ ପଡ଼ୋଶୀ ଦୋକାନରୁ ସିସି ଫୁଟେଜ ଖୋଲି ଚୋରର ଗତିବିଧି ଲକ୍ଷ୍ୟ କରିଥିଲେ। ଏନେଇ ନୀଳଗିରି ପୋଲିସ ଅନୁସନ୍ଧାନ ଜାରି ରଖିଛି।

## ଗୁରୁକୁଳ ଆଣ୍ଡ ଭିଜୁଆଲ ଏକାଡେମୀର ରଜ ମଉଜ ଉଦ୍‌ଘାଟିତ



ବାରିପଦା, ୧୬/୦୬ (ନି.ପ୍ର): ଗୁରୁକୁଳ ଆଣ୍ଡ ଭିଜୁଆଲ ଏକାଡାମି ଆନୁକୁଲ୍ୟରେ ବାରିପଦା ଆମ୍ବିକା ସାହି ଠାରେ 'ରଜ ମଉଜ - ୨୦୨୨' ର ଶୁଭଉଦଘାଟନ ହୋଇଯାଇଛି କ୍ଷ ଜୁନ ୧୩ ରୁ ୧୫ ତାରିଖ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ମୟୂରଭଂଜ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦେଇ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସବୁଜ ସୁନ୍ଦର ବାରିପଦାର ଆବାହକ ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ବିଶିଷ୍ଟ ଲେଖିକା ଡ଼. ପୁଷ୍ପା ପାତ୍ର, ଉପନଗରପାଳ ସୀମା ଦାସ, ୧ ନମ୍ବର ୱାର୍ଡର କାଉନସିଲର ସୁକେଶିନୀ ସେଠୀ, ୫ ନମ୍ବର ୱାର୍ଡର କାଉନସିଲର ପୂଜା ତରେଇ, ଗୀତିକାର ସୁନୀଲ ଜେନା, ସାମ୍ବାଦିକ ସୁକାନ୍ତ ଜୀଉ, ସାମ୍ବାଦିକ ଦେବବ୍ରତ ଦେ ଓ ମିଶନଶକ୍ତି ଜିଲ୍ଲା ସଭାନେତ୍ରୀ ବିଷ୍ଣୁପ୍ରିୟା ଦାସ ପ୍ରମୁଖ ଯୋଗ ଦେଇ ରଜ ଆମ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ ପର୍ବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଏକକ, ଦୌତ୍ୟ ଓ ଦଳଗତ ନୃତ୍ୟ, ମ୍ୟୁଜିକ ଚେୟାର, ଚିତ୍ରାଙ୍କନ, ପୁଚି ଓ ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଇଯାଇଛି । ସଂଗଠନର କର୍ମକର୍ତ୍ତା ମାନଙ୍କ ମଧ୍ୟରେ ସଂପାଦକ ମୁନା ମୋଦୀ, ଅଭିନେତା ସମାଜ ପତି, ନୃତ୍ୟ ନିର୍ଦ୍ଦେଶକ ଜାଗନ୍ନାଥ ଦାସ, ନୃତ୍ୟ ଶିକ୍ଷୀ ସୋନା ମୁସକାନ, ପ୍ରମୁଖ କଳାକାର ମାନେ ଯୋଗ ଦେଇଥିଲେ କ୍ଷ କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ରଜକୁଇନ ପାଇଁ ପ୍ରତିଯୋଗୀଙ୍କ ମଧ୍ୟରେ ବେଶୀ ଆଗ୍ରହ ପ୍ରକାଶ ପାଇଛି କ୍ଷ ବହୁ ସଂଖ୍ୟାରେ ପ୍ରତିଯୋଗୀ ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିର୍ଦ୍ଦେଶକ ଲିଟନ ପଟ୍ଟନାୟକ ନିବେଦନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ହୃଦାନନ୍ଦ ବାରିକ, ଦୀପକ ଘୋଷ, ଅଭିଜିତ କଲିଆ ଓ ଚିକୁ ପରିଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନ କରିଥିଲା ।

## କେନ୍ଦ୍ର ଲଳିତକଳା ଏକାଡେମି ପୁରସ୍କାର ବିଜେତା ଝିଅ ଲକ୍ଷ୍ମୀପ୍ରିୟାଙ୍କୁ ସମ୍ବର୍ଦ୍ଧନା



ବସ୍ତା: ୧୬/୦୬ (ନି.ପ୍ର): ୨୦୨୧ କେନ୍ଦ୍ର ଲଳିତକଳା ଏକାଡେମୀ ପୁରସ୍କାର ବିଜେତା ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରୁପସା ଅଞ୍ଚଳର ଅବସର ପ୍ରାପ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ ଜୟନ୍ତ ପାଣିଗ୍ରାହୀ ଙ୍କ ସୁକନ୍ୟା ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ଙ୍କୁ ଉପରାଷ୍ଟ୍ରପତି ଏମ ଭେଙ୍କିୟା ନାଇଡୁ,କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜୀ କିଷନ ରେଡ୍ଡି, ସଂଗୀତ ନାଟକ ଲଳିତକଳା ଏକାଡେମୀ ର ଅଧକ୍ଷା ଉମା ନୁନ୍ଦୁର, ସଂଗୀତ ନାଟକ ଏକାଡେମିର ସଚିବ ତେମସୁନାରୁ ଜମିର, ଲଳିତକଳା ଏକାଡେମୀ ସଚିବ ରାମକୃଷ୍ଣ ଭେଦାଲା କେନ୍ଦ୍ର ବାଣିଜ୍ୟ ମନ୍ତ୍ରାଳୟର ଯୁଗ୍ମ ସଚିବ ସଂଯୁକ୍ତା ମୁଦଗୁଲ ପ୍ରମୁଖଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ ହୋଇ ଜାତୀୟସ୍ତରରେ ଆମ ଜିଲ୍ଲା ତଥା ମାଟିକୁଗୌରବାନିତ କରିଛନ୍ତି। ଏହି ଅବସରରେ ଦୁଃଖିଦରଦୀ ଅସହାୟକୁ ସହାୟ ପ୍ରଶଂସାକୁ ପ୍ରଶଂସିତକରି ନିରୁତ୍ସାହିତ ତକୁ ଉତ୍ସାହିତ କରି ସମାଜରେ ଆଗଧାଡିର ସମାଜ ସେବୀ ବିକ୍ରମପଣ୍ଡା, ସମୟରଚକ୍ର ସମ୍ପାଦକ ସର୍ବେଶ୍ୱର ଜେନା, ହେଲପିଙ୍ଗ ସୋସାଇଟି ର ହ୍ରିତିକ ନାୟକ, ସମାଜ ସେବୀ ସୁଶାନ୍ତ ରଣା,ଜୀବନ ସଂଗ୍ରାମ ମିଶ୍ର, ସୁମିତ ରଞ୍ଜନ କର ରଜତ ଘଡେଇ ପ୍ରମୁଖ ତାଙ୍କ ବାସଭବନରେ ଭେଟି ଫୁଲତୋଡା, ଉତ୍ତରୀୟ, ଦେଇ ସମ୍ବର୍ଦ୍ଧିତ କରିଥିବାବେଳେ 'ସମୟରଚକ୍ର' ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ବାସ୍ତବିକ ଲକ୍ଷ୍ମୀପ୍ରିୟା ଜଣେ ସାହସୀ ଝିଅ ଏକା ଏକା ନିଜର ସାଧନା ଇଛାଶକ୍ତି ବଳରେ ବାଲେଶ୍ୱର ଜିଲ୍ଲା ସମେତ ବସ୍ତା, ରୂପସା, ଅଞ୍ଚଳପାଇଁ ଉଦାହରଣ ସାଜିଛନ୍ତି । ତାଙ୍କର ଏହି ସଫଳତା ପାଇଁ ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମା ପ୍ରସାଦ ବେହେରା, ବରିଷ୍ଠ ସାମ୍ବାଦିକ ବିଜୟକୁମାର ଭୂୟାଁ, ସମାଜସେବୀ ସୁମନ୍ତ କୁମାର ଯେନା, ବସ୍ତା ପ୍ରେସକ୍ଲବ ସଭାପତି ବାଞ୍ଛାନିଧି ଦେ, ସମାଜ ସେବୀ ଶଙ୍କର କୁମାର କର, ବିରାଜ ସିଂ ଦେଓ, ସାମ୍ବାଦିକ ସୁଶାନ୍ତ ପ୍ରଧାନ, ମାନସ ରଞ୍ଜନ ବେହେରା ସମେତ ବସ୍ତା ଅଞ୍ଚଳର ବହୁ ମାନ୍ୟଗନ୍ୟ ବ୍ୟକ୍ତି ଲକ୍ଷ୍ମୀ ପ୍ରିୟାଙ୍କୁ ଫୋନ ମାଧ୍ୟମରେ ଶୁଭେଛା ବାର୍ତ୍ତା ପଠେଇଛନ୍ତି ।

## ଏକଲ ଅଭିଯାନର ପ୍ରଶିକ୍ଷଣ ଶିବିର

ଉଦଳା, ୧୬/୦୬ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନ, ବାରିପଦା ଅଞ୍ଚଳ ଉଦଳା କେନ୍ଦ୍ରର ନିୟନ୍ତ୍ରଣରେ ନୀଳଗିରି, ମିତ୍ରପୁର ଓ ଈଶ୍ୱରପୁର ସଞ୍ଚର ମିଳିତ ପ୍ରଶିକ୍ଷଣ ଶିବିର ନିଳଗିରିସ୍ଥିତ ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଚଳିତ ଜୁନ ୬ ତାରିଖ ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଦିର୍ଘ ୧ ସପ୍ତାହ ଧରି ଅନୁଷ୍ଠିତ ହୋଇ ଯାଇଛି । ପ୍ରଶିକ୍ଷଣ ଶିବିରରେ ମୋଟ ୩୨ ଜଣ ଆଚାର୍ଯ୍ୟା ଅଂଶ ଗ୍ରହଣ କରିଥିଲେ । ପ୍ରାତଃ ୪ ଘଣ୍ଟା ୩୦ ମିନିଟରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲୁଥିଲା । ପ୍ରତିଦିନ ସନ୍ଧ୍ୟା ୭ ଘଟିକା ସମୟରେ ସତ୍ ?ସଙ୍ଗ ଓ ରାତ୍ର ୯ ଘଟିକାରେ ଆନନ୍ଦ ବେଳା ଖୁବ ଆନନ୍ଦ ଦାୟକ ଥିଲା ବୋଲି ଶିବିରାର୍ଥି ମାନେ ଜଣାଇଛନ୍ତି । ଉକ୍ତ ଶିବିରରେ ବିଶ୍ୱହିନ୍ଦୁ ପରିଷଦର ରବିନ୍ଦ୍ର ବାରିକ ଓ କାର୍ତ୍ତିକ ଚନ୍ଦ୍ର ଜେନା ଗୋ ମାତାର ଶରୀରରେ ୩୩ କୋଟି ଦେବୀ ଦେବତା ବାସ କରନ୍ତି, ତେଣୁ ଗୋ ମାତାଙ୍କୁ ହତ୍ୟା କରିବା ମହାପାପ ଅଟେ ବୋଲି ବ୍ୟକ୍ତ କରିଥିଲେ । ଅଞ୍ଚଳ ଅଭିଯାନ ପ୍ରମୁଖ ମହେନ୍ଦ୍ର ମାର୍ଣ୍ଡି ଶିବିରରେ ଅଧକ୍ଷତା କରିଥିବା ବେଳେ ବେଣୁଧର କଣ୍ଡାବାଉଁଶିଆ, ସ୍ୱପ୍ନେଶ୍ୱର ନାୟକ, ଗୌରଚନ୍ଦ୍ର ଜେନା, କନକଲତା ଘଡ଼େଇ ପଞ୍ଚମୁଖୀ ଶିକ୍ଷା ବିଷୟରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ ।

## ଦେଉଳାରେ ରଜମହୋତ୍ସବ ଉଦଘାଟିତ



ବାଲିଆପାଳ, ୧୬/୦୬ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ରଜପଡିଆରେ ୩ ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ରଜ ମହୋତ୍ସବ ଉଦଘାଟିତ ହୋଇଯାଇଛି । ମାରାଙ୍ଗ ବୁରୁ ସାଓଦା ସୁସାର ସେମ୍ୱେଲୋଦ କ୍ଲବ ପକ୍ଷରୁ ଅନୁଷ୍ଠିତ ଏହି ରଜ ମହୋତ୍ସବରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ, ପାରମ୍ପରିକ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା, କ୍ରୀଡା ପ୍ରତିଯୋଗିତା ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଆଜି ଶହ ଶହ ଆଦିବାସୀ ପୁରଷ ଓ ମହିଳାଙ୍କ ବାଦ୍ୟର ତାଳେ ତାଳେ ନାଚଗୀତରେ ରଜପଡିଆ ଦୁଲୁକେଇଥିବା ଦେଖିବାକୁ ମିଳିଥିଲା । ଦିନ ତମାମ ରଜପଡିଆରେ ହଜାର ହଜାର ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ରଜ ମହୋତ୍ସବ ଓ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟନୀ ଉତ୍ସବରେ କ୍ଲବର ସଭାପତି ଖଗେନ୍ଦ୍ର ନାଥ ମୁର୍ମୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ପଂଚାୟତ ସମିତି ଅଧକ୍ଷ ବିଜନ ନାୟକ ଫିତାକାଟି ଏହାକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଦେଉଳା ପଂଚାୟତ ସରପଂଚ ସରୋଜ କୁମାର ପିଳା,ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପଂଚ ମୁରଲୀମୋହନ ସାହୁ, ସମିତି ସଭ୍ୟା ଦୀପ୍ତିଲି ଦାସ,ସମାଜସେବୀ ସୁଶାନ୍ତ ପାତ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଉଦଘାଟନୀ ମ୍ୟାଚ ଏସଟିଏସ ଦାମୋଦରପୁର, ସେଭେନ ଷ୍ଟାର ନର୍ଥ ବାଲେଶ୍ୱର, କଲ୍ୟାଣୀ ପଶ୍ଚିମବଙ୍ଗ, ରପଜ ବସ୍ତା, ଜୟଶ୍ରୀଭମ୍ ବୈଶିଙ୍ଗା, ମୟୂରଭଞ୍ଜ, ସିମିଳି ପାଳ ଏବଂ ଦେବକୁଣ୍ଡ ଟିମ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଶିବପ୍ରସାଦ ମାରାଣ୍ଡି, ସପନ ମାରାଣ୍ଡି, ଅରବିନ୍ଦ ମୁର୍ମୁ, ମୃତ୍ୟୁଞ୍ଜୟ ବେସ୍ରା, ଅଜୟ କୁମାର ମୁର୍ମୁ, ଭଗବାନ ମୁର୍ମୁ, ଟୁନିଆ କିସ୍କୁ, ଅନନ୍ତ ମାଝୀ ପ୍ରମୁଖ ପରିଚାଳନା କରିଥିଲେ ।

## ଦିବ୍ୟାଙ୍ଗ ରାଜେନ୍ଦ୍ର ଜେନା ସମ୍ବର୍ଦ୍ଧିତ

ନୀଳଗିରି, ୧୬/୦୬ (ନି.ପ୍ର): ବିଶ୍ୱ ରକ୍ତଦାତା ଦିବସ ଅବସରରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓ ସ୍ଥାନୀୟ ରକ୍ତଦାତା ସଂଘର ମିଳିତ ସହଯୋଗରେ ନୀଳଗିରି ରକ୍ତକେନ୍ଦ୍ର ସମ୍ମିଳନୀ କକ୍ଷରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଛି। ଏହି ଅବସରରେ ନୀଳଗିରିର ଦିବ୍ୟାଙ୍ଗ ଯୁବକ ତଥା ସମାଜସେବୀ ରାଜେନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମେଡିକାଲ ଏସଡିଏମଓ ଡା. ସରୋଜିନୀ ପ୍ରଧାନ, ରକ୍ତଦାତା ସଂଘ ସମ୍ପାଦକ ବିଜୟ ପାତ୍ର, ସଭାପତି କମଲ ଚକ୍ରବର୍ତୀ, ସାଧାରଣ ସମ୍ପାଦକ ଡ. ହୃଷିକେଶ ସାହୁ, ବରିଷ୍ଠ ଉପଦେଷ୍ଟା ରବି ରାଉତ, ନୀଳଗିରି ରକ୍ତକେନ୍ଦ୍ର ଅଧିକାରୀ ଡା. ତ୍ରିନାଥ ପାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ସଚେତନତା କର୍ମଶାଳା



ବାରିପଦା, ୧୬/୦୬ (ନି.ପ୍ର): ଓଡିଶାକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ଓଡିଶା ସରାକରଙ୍କ ଆଭିମୁଖ୍ୟ ପରିପ୍ରେକ୍ଷୀରେ ମୟୂରଭଂଜ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଏକ ସଚେତନତା କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ବୈଠକରେ ଆରକ୍ଷୀ ଅଧିକ୍ଷକ ରଷିକେଶ ଦ୍ୟାନଦେଓ ଖିଲାରୀ, ଜିଲ୍ଲା ଶ୍ରମ ଅଧିକାରୀ ମୋନାଲିସା ନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ, ଅତିରିକ୍ତ ଆରକ୍ଷ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ଡିଏସପି ସବିତା ମାଝୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀ ସୌମ୍ୟରୂପ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ ମାଳା ମିଶ୍ର, ଡିସିପିଓ ମମତାମୟୀ ବିଶ୍ୱାଳ, ଜିଲ୍ଲା ନିୟୋଜନ ଅଧିକାରୀ ଡ୍ୟାନିସ ଜର୍ଜ ଲାକ୍ରା, ଡେପୁଟି ସିଇଓ ଓରମାସ ବିମାନ ମାଲ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତିନିଧି, ଜିଲ୍ଲା ଶିଶୁ ମଙ୍ଗଳ ସମିତି ସଦସ୍ୟା, ଶିଶୁ ଅଧିକାର ପାଇଁ କାର୍ଯ୍ୟରତ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଂଗଠନ, ଚାଇଲ୍ଡ ଲାଇନ, ପ୍ଲାନ ଇଣ୍ଡିଆ, ସିୱାଇଏସଡି, ବିଭିନ୍ନ ଶିଳ୍ପ ସଂସ୍ଥାର ମାଲିକ ତଥା ଶ୍ରମିକ ସଂଗଠନର କର୍ମକର୍ତା ମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀମତୀ ନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇ ସରକାରଙ୍କର ଶ୍ରମ ନିୟୋଜନ ନିୟମ ଅନୁସାରେ ଶିଶୁ ଶ୍ରମିକ ନିଷେଧ ଆଇନର କାର୍ଯ୍ୟକାରିତାର ବିଭିନ୍ନ ଦିଗ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଆଇନ ଅନୁସାରେ ୧୪ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି ମାଲିକ ନିଜ ଅନୁଷ୍ଠାନରେ ଲଗାଇଲେ ଏହା ପାଇଁ ୨୦ହଜାର ଟଙ୍କାରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ଥିବାବେଳେ ୧୪ରୁ ୧୮ବର୍ଷ ପର୍ଯ୍ୟନ୍ତ କୌଣସି କିଶୋରକୁ ବିପଦସଂକୁଳ କାର୍ଯ୍ୟରେ ଲଗାଇଲେ ମଧ୍ୟ ଜୋରିମାନାର ବ୍ୟବସ୍ଥା ଥିବାର ସୂଚାଇ ଥିଲେ । ଶିଶୁ ଶ୍ରମିକ ମାନଙ୍କୁ କିପରି ସମାଜର ମୁଖ୍ୟସ୍ରୋତକୁ ଆସିପାରିବେ ସେଥିପ୍ରତି ସେଦିଗରେ ବିଶେଷ ଦୃଷ୍ଟିଦେଇ ସେମାନଙ୍କୁ ବିଶେଷ କରି ଶିକ୍ଷା ପ୍ରଦାନ କରାଯାଇ ପାରିବ ସେ ନେଇ ସମ୍ପୃକ୍ତ ବିଭାଗୀୟ ସହଯୋଗରେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଜିଲ୍ଲା ଟାସ୍କ ଫର୍ସ ଦ୍ୱାରା ତଦନ୍ତ କରାଯିବା ଉପରେ ବିହୀତ ପଦକ୍ଷେପ ଗ୍ରହଣ ପୂର୍ବକ କାର୍ଯ୍ୟକ୍ରମ ଦ୍ୱରାନିତ୍ୱ କରିବାକୁ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା । ଶିଶୁ ଶ୍ରମିକ ଭାବେ ନିୟୋଜିତ କରିଥିବା ମାଲିକ ମାନଙ୍କ ଉପରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସମ୍ପୃକ୍ତ ମାଲିକ ମାନଙ୍କ ବିରୁଦ୍ଧରେ ଜିଲ୍ଲା ଆରକ୍ଷୀ ବିଭାଗ ତତ୍ୱାବଧାନରେ ତୁରନ୍ତ ଏତେଲା ଦରଜ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ବୈଠକରେ ଉପସ୍ଥିତ ସଦସ୍ୟ ମାନେ ମୟୁରଭଂଜ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ସମ୍ପୃକ୍ତ ବିଭାଗ, ଗୋଷ୍ଠୀ ଓ ବ୍ୟକ୍ତିଗତ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହିତ ଶିଶୁ ଶ୍ରମିକଙ୍କୁ ଶ୍ରମ କ୍ଷେତ୍ରରୁ ଉଦ୍ଧାର କରି ସେମାନଙ୍କୁ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବା ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ସହ ସମାଜର ମୁଖ୍ୟସ୍ରତରେ ସାମିଲ କରିବା ଏବଂ ସେମାନଙ୍କ ପରିବାରର ମୂଳଦୁଆ ମଜବୁତ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଯୋଜନା କାର୍ଯ୍ୟକ୍ରମ ଦ୍ୱାରା ସହାୟତା ଯୋଗାଇ ଦେବା ଉପରେ କର୍ମଶାଳାରେ ସବିଶେଷ ଆଲୋଚନା କରାଯାଇଥିଲା ।

## ୬୦ନଂ ଜାତୀୟ ରାଜପଥର ଶାନ୍ତିଆ ରେଳ ପୋଲ ନିକଟରେ ସଡକ ଦୁର୍ଘଟଣା : ୨ ଗୁରୁତର

ଜଳେଶ୍ୱର, ୧୬/୬(ନି.ପ୍ର): ଆଜି ଅପରାହ୍ନରେ ୬୦ନଂ ଜାତୀୟ ରାଜପଥର ଶାନ୍ତିଆ ରେଳ ପୋଲ ନିକଟରେ ଏକ ଟ୍ରକ ଛିଡା ହୋଇଥିବା ବେଳେ ପଛପଟୁ ଦ୍ରୁତବେଗରେ ଅନ୍ୟ ଏକ ଟ୍ରକ୍ ପିଟି ହେବାରୁ ସେଥିରେ ଥିବା ୨ଜଣ ଗୁରୁତର ହୋଇଛନ୍ତି । ସୂଚନାଯୋଗ୍ୟ ଏପି୦୫ପିବି୨୪୬୯ ଭୂଷି ବୋଝେଇ ଟ୍ରକକୁ କେତେକ ଦଲାଲ ଛିଡା କରାଇ ଚାନ୍ଦା ଆଦାୟ କରୁଥିବା ବେଳେ ପଛପଟୁ ଅନ୍ୟ ଏକ ଗହମ ବୋଝେଇ ଟ୍ରକ୍ ଏପି୦୭ଟିଇ୮୧୭୭ ଯୋରରେ ଧକ୍କା ଦେଇଥିଲା । ଫଳରେ ଛିଡା ହୋଇଥିବା ଗାଡିଟି ୧୦ ମିଟର ଦୂରକୁ ଠେଲି ହୋଇ ଯାଇଥିଲା । ସୂଚନାଯୋଗ୍ୟ ୬୦ନଂ ଜାତୀୟ ରାଜପଥର ଡାଉନ୍ ଲାଇନ୍ ମରାମତି ନାମରେ ଦୀର୍ଘମାସ ଧରି ବନ୍ଦ ରହିଥିବାରୁ ଅପ୍ ଲାଇନ୍ ସମସ୍ତ ଗାଡି ଚଳାଚଳ କରୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି । ଗହମବୋଝେଇ ଟ୍ରକ୍‌ଟି ମାଲଦାରୁ ଖୋର୍ଦ୍ଧା ଯାଉଥିବା ବେଳେ ଡ୍ରାଇଭର ରସିବୁଲ ଅଲ୍ଲି ଓ ହେଲପର ସୁବ୍ରଜିତ୍ ଟୁଡୁ ଗୁରୁତର ହୋଇ ଜିକେଭଟ୍ଟର ହସ୍‌ପିଟାଲରେ ଚିକିତ୍ସିତ ଅଛନ୍ତି । ପୁଲିସ୍ ଓ ଦମକଳ ବାହିନି ସେଠାରେ ପହଞ୍ଚି ଆଇନ୍‌ଶୃଙ୍ଖଳାସ୍ଥିତି ସମ୍ଭାଳିଛନ୍ତି ।

# ରକ୍ତଦାନରେ ବାଲେଶ୍ୱର ଜିଲ୍ଲାର ସର୍ବକାଳୀନ ରେକର୍ଡ

ଜଳେଶ୍ୱର, ୧୬/୬(ନି.ପ୍ର): ବାଲେଶ୍ୱର ଜିଲାରେ ରକ୍ତର ଅଭାବ ମେଣ୍ଟାଇବା ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଚଳିତବର୍ଷ ରେକର୍ଡ ସୃଷ୍ଟି କରିଛି । ଜଳେଶ୍ୱରର ବୁଖାରୀ ବାବା ଅର୍ଡର ସପ୍ଲାୟର ୨୦୨୧ ମସିହାରେ ବାଲେଶ୍ୱର ଜିଲାରେ ରକ୍ତ ସଂଗ୍ରହରେ ୨ୟ ସ୍ଥାନ ଅଧିକାର କରିଥିବାରୁ ରକ୍ତଦାତା ସଂଘ ପକ୍ଷରୁ ଜିଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । ଆଜି ଏପରି ଏକ ସଂସ୍ଥା ୨୦୨୧ରେ ଗୋଟିଏ ଶିବିରରୁ ୪୦୨ ୟୁନିଟ୍ ରକ୍ତ ସଂଗ୍ରହ କରିଥିବାର ଆଜି ଏକ ସମ୍ବାଦିକ ସମ୍ମିଳନୀରେ କହୁଯାଇଛି । କଦା ବାଲେଶ୍ୱର ଜିଲାରେ ୨୦୦୬ ମସିହାରେ ମାତ୍ର ୫୯ଟି ଶିବିରରୁ ୨୩୦୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇପାରିଥିବା ବେଳେ ଆବଶ୍ୟକତା ୮୦୦୩ ରହିଥିଲା । ଅର୍ଥାତ୍ ଜିଲାରୁ ରକ୍ତ ସଂଗ୍ରହ ହାର ୨୮.୭୮ ହୋଇଥିଲା । ୨୦୧୭ରେ ୨୩୬ଟି ଶିବିରରୁ ୧୪୧୧୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ୧୭୨୦୦ ୟୁନିଟ୍ ଆବଶ୍ୟକତା ଥିଲା । ଜିଲାରୁ ୮୧.୮୦ ମାତ୍ର ସଂଗୃହିତ ହୋଇଥିଲା । କିନ୍ତୁ ୨୦୨୦ରେ ୩୬୫ଟି ଶିବିରରୁ ୨୧୫୮୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ୨୨୬୦୦ୟୁନିଟ୍ର ଆବଶ୍ୟକତା ଥିଲା । ଅର୍ଥାତ୍ ରକ୍ତ ସଂଗ୍ରହ ହାର ୯୫.୪୯ ଥିଲା । ୨୦୨୧ରେ ୩୬୦ ଶିବିରରୁ ୨୪୨୬୬ ୟୁନିଟ୍ ସଂଗୃହିତ ହୋଇଥିବା ବେଳେ ଆବଶ୍ୟକତା ଥିଲା ୨୩୩୭୪ । ଅର୍ଥାତ୍ ରକ୍ତ ସଂଗ୍ରହ ହାର ୧୦୩.୮୧ ଥିଲା । ସଚେତନତା, ଅନ୍ୟକୁ ସହାୟତା କରିବାର ମାନସିକତା ଇତ୍ୟାଦି ଯୋଗୁଁ ରକ୍ତଦାନ କାର୍ଯ୍ୟକ୍ରମ ଜିଲାରେ ବଢି ଚାଲିଛି । ବାଲେଶ୍ୱର ଜିଲାରେ ୨୦୨୧ ମସିହାରେ ବାଲେଶ୍ୱରର ଦୁଃଖି ସମାଜ ରକ୍ତ ସଂଗ୍ରରେ ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ଜଳେଶ୍ୱରର ବୁଖାରୀ ବାବା ୨ୟ ସ୍ଥାନ ଅଧିକାରୀ ବିଶ୍ୱରକ୍ତଦାନ ଦିବସରେ ଜିଲାସ୍ତରରେ ପୁରସ୍କୃତ ହୋଇଛନ୍ତି । ବୁଖାରୀ ବାବା ଅର୍ଡ ସାପ୍ଲାୟର ପ୍ରତିଷ୍ଠାତା ସେକ୍ ସାଜନ ଓ ତାଙ୍କ ସହଧର୍ମିଣୀ ଜାହିରା ବିବିଙ୍କ ପ୍ରଚେଷ୍ଟାରେ ଏପରି ଏକ ସଫଳତ ମିଳିଥିବାର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଆୟୋଜିତ ସଭାରେ କହିଛନ୍ତି ।

# ‘ପଲ୍ଲୀ ଜୀବନ’ ସବୁ ଅବସ୍ଥାରେ ବଞ୍ଚିବାର ଶିକ୍ଷା ଦେଇଥାଏ



ଭଦ୍ରକ,୧୬/୦୬ (ନି.ପ୍ର): ‘ପଲ୍ଲୀ ଜୀବନ’ ମନୁଷ୍ୟକୁ ସବୁ ଅବସ୍ଥାରେ ଅର୍ଥାତ୍ ଦୁଃଖ, ସୁଖ, କାଦୁଅ, ମାଟି, ଶୃଙ୍ଖଳା, ସମ୍ପର୍କ ଅର୍ଥାତ୍ ବଡ଼ସାନ ମାନିବାର ଭାବକୁ ଶିକ୍ଷା ଦେଇଥାଏ ବୋଲି ଭଦ୍ରକ କଲ୍ୟାଣୀ ନଗର ସ୍ଥିତ ଗୁରୁକୃପା ଭବନରେ ଆମ ମାତୃଭାଷା ପରିଷଦର ‘ସଂକ୍ରାନ୍ତି ଆସର’ରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଉକ୍ତ ଆସରରେ ଇଂ ଅଭୟ ସୂତାରଙ୍କ ସଭାପତିତ୍ୱରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ । ‘ଆମ ସାହିତ୍ୟରେ ପଲ୍ଲୀ ଜୀବନ’ ଶୀର୍ଷକ ଆଲୋଚନାରେ ବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବିଶେଷ ବକ୍ତା କେଉଁଝର ବଉଳା ମହାବିଦ୍ୟାଳୟର ଅଧକ୍ଷ ଶିବ ଚରଣ ଖାମୁରାଇ, ଅତିଥି ଭାବେ ଆଖଣ୍ଡଳମଣି ମହାବିଦ୍ୟାଳୟର ଅଧକ୍ଷ ଡ. ରାଜେନ୍ଦ୍ର କୁମାର ହୋତା, ଅଧାପକ ନୀହାର ରଞ୍ଜନ କର ଓ ପ୍ରାଧାପକ ରମାକାନ୍ତ ନାୟକ ପ୍ରମୁଖ ମତବ୍ୟକ୍ତ କରିଥିଲେ । ପରିଷଦର ସମ୍ପାଦକ ଡା. ଅନିଲ କୁମାର ଦାଶ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ପରିଷଦ ମେ ମାସଠାରୁ ପ୍ରତିମାସ ତୃତୀୟ ଗୁରୁବାର ଦିନ ଅପରାହ୍ଣ ୪ଟାରୁ ଏକ ଦାତବ୍ୟ ରୋଗୀ ପରୀକ୍ଷଣ ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଏବଂ ଆଗକୁ ଆହୁରି କେତୋଟି ସେବା ମୂଳକ କାର୍ଯ୍ୟକ୍ରମ ପରିଷଦ ଆରମ୍ଭ କରିବ ବୋଲି କହିଥିଲେ । ଏହି ଅବସରରେ ସମାଜସେବୀ ଅମିତା ଆଚାର୍ଯ୍ୟ, ସିଆର୍‌ସିସି ସରୋଜ କୁମାର ଓଝା ଓ ପ୍ରାଧାପିକା ଭାନୁମତୀ ମାଟିଆଙ୍କ ସଂଯୋଜନାରେ କବିତା ପାଠୋତ୍ସବରେ କବି ବାବୁଲାଲ ଦାସ, ମୁକ୍ତିକାନ୍ତ ମଲ୍ଲିକ, ବସନ୍ତ କୁମାର ପାତ୍ର, ଦମୟନ୍ତୀ ନାଥ, ଡ. ଅବନୀ ପ୍ରଧାନ, ବିଜୟ ବହଳୀ, ଅଧିବକ୍ତା ଅଗଣି ଚରଣ ଜେନା, ଅର୍ଜୁନ କୁମାର ବାରିକ, ଗୌରାଙ୍ଗ ଚନ୍ଦ୍ର ବାରିକ, ବିଚିତ୍ରାନନ୍ଦ ଜେନା, ରମେଶ ଚନ୍ଦ୍ର ଦାସ, ଶେଖ୍ ଅବ୍‌ଦୁଲ ଦୟାନ, ମୁସ୍ତାକ ଗହ୍ୱର, ଶିଶୁକବି ଅଂଶୁମାନ ସ୍ୱାଇଁ ପ୍ରମୁଖ କବିତା ପାଠ କରିଥିଲେ । ଶେଷରେ ରଜ ପୋଡ଼ପିଠା, ରଜପାନରେ ସମସ୍ତ ଅତିଥିଙ୍କୁ ରଜ ଉତ୍ସବର ସ୍ୱାଦ ପ୍ରଦାନ କରାଯାଇଥିଲା । ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ସ୍ୱାଗତ ଭାଷଣ ଓ ସହସମ୍ପାଦିକା କବୟିତ୍ରୀ ମମତାରାଣି ଦାଶ୍ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ପ୍ରାନ୍ତୀୟ ମୁନି ସମାଜର ପୁନର୍ଗଠନ



ଓଡ଼ିଶା ପ୍ରାନ୍ତୀୟ ମୁନି ସମାଜର ନବ ନିର୍ବାଚିତ ସଙ୍ଗଠନ ଏବଂ ପ୍ରଚାର ମନ୍ତ୍ରୀ ଯୋଗୀ ମୋହିମ ମୁନି ।

ଲଙ୍ଗଳେଶ୍ୱର, ୧୬/୦୬ (ନି.ପ୍ର): ଓଡ଼ିଶା ପ୍ରାନ୍ତୀୟ ମୁନି ସମାଜର ନିର୍ବାଚନ, ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜର ଅଧକ୍ଷ ମୁନିବର ପଣ୍ଡିତ୍ ନୀରଞ୍ଜନ ଶାସ୍ତ୍ରୀ (ପୂର୍ବତନ ନିର୍ବାଚନ ପଦାଧିକାରୀ) ଏବଂ ମହାମନ୍ତ୍ରୀ ମୁନି ରାଜ ଯୋଗୀ ଅଭିମନ୍ୟୁ ନାୟକଙ୍କ ଉପସ୍ଥିତିରେ ସର୍ବ ସମ୍ମତୀ କ୍ରମେ ନୂତନ କର୍ମକର୍ତ୍ତା ନିର୍ବାଚିତ ହେଲେ । ଅଧ୍ୟକ୍ଷ-ଯୋଗାଚାର୍ଯ୍ୟ ଲୋକନାଥ ମୁନି, ଉପାଧ୍ୟକ୍ଷ ଯୋଗାଚାର୍ଯ ମୁନି, ପ୍ରଫୁଲ୍ଲ ପତି, ଯୋଗାଚାର୍ଯ୍ୟ ଉଗ୍ରସେନ ମୁନି, ମନ୍ତ୍ରୀ -ଯୋଗୀ ସଞ୍ଜୟ ମୁନି(ବେତନଟୀ), ମହାମନ୍ତ୍ରୀ ଯୋଗୀ ପ୍ରଶାନ୍ତ କୁମାର ସିଂହ, ଯୋଗୀ ଅଭୟ କୁମାର ପୋଲାଇ, ସଙ୍ଗଠନ ଏବଂ ପ୍ରଚାର ମନ୍ତ୍ରୀ-ଯୋଗୀ ମୋହିମ ମୁନି, ସହ ସଙ୍ଗଠନ ପ୍ରଚାର ମନ୍ତ୍ରୀ ଯୋଗୀ ବିଷ୍ଣୁ ମୁନି, କୋଷାଧ୍ୟକ୍ଷ ଯୋଗୀ ମାନସ ରଞ୍ଜନ କର, ଆୟ ବ୍ୟୟ ନୀରିକ୍ଷକ-ଯୋଗୀ ବିଶ୍ୱେଶ୍ୱର ମୁନି, ସହ ଆୟ ବ୍ୟୟ ନୀରିକ୍ଷକ -ଯୋଗୀ ସନ୍ତୋଷ ସାହୁ ସମସ୍ତ ନବ ନିର୍ବାଚିତ ପଦାଧିକାରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ।

# ବେଣୁମାଧବ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୧୬/୦୬ (ନି.ପ୍ର): ସତ୍ୟସାଇ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ପୂର୍ବତନ ଚେୟାରମ୍ୟାନ ଡ. ବେଣୁମାଧବ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କବି ପ୍ରଶାନ୍ତ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ଜିଲା ପରିଷଦ ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ‘ସମାଜ’ ଉତ୍ତର ଓଡିଶା ସଂସ୍କରଣ ମୁଖ୍ୟ ମଧୁସୂଦନ ଦାସ, ସମାଜସେବୀ କିଶୋର ଦାସ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ବିଜୟ ପାଣିଗ୍ରାହୀ, ଯୁବନେତା ବିକ୍ରମ ପଣ୍ଡା, ଯୁବ ସଂଗଠକ ସାହିରୁଲ ହକ୍, ସତ୍ୟଜିତ ମିଶ୍ର, ସତ୍ୟେନ୍ଦ୍ର ଦାସ, ରାମ ନାରାୟଣ ଶତପଥୀ, ଗଙ୍ଗାଧର ଜେନା, ତୁଷାରକାନ୍ତି ତପସୀ, ସଂଘମିତ୍ରା ମହାନ୍ତି, ପ୍ରଜ୍ଞା ପାରମିତା ବିଶ୍ୱାଳ, ଆଶିଷ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ପଣ୍ଡାଙ୍କ ଜୀବନାଦର୍ଶ ଓ ବହୁବିଧି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । କେବଳ ଶିକ୍ଷା କ୍ଷେତ୍ର ନୁହେଁ ବରଂ ସମାଜସେବା କ୍ଷେତ୍ରରେ ସ୍ୱର୍ଗତ ପଣ୍ଡାଙ୍କ ସକ୍ରିୟ ସହଯୋଗ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲା ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଗରିବ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା, ଅବହେଳିତ ବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସେ ଅହରହ ଚେଷ୍ଟା କରି ଆସୁଥିଲେ । ବିଶେଷ କରି ବନ୍ୟାବାତ୍ୟା ସମୟରେ ଦୁର୍ଗତଙ୍କୁ ରନ୍ଧାଖାଦ୍ୟ ସାଙ୍ଗକୁ ପଲିଥିନ ଓ କମ୍ବଳ ପ୍ରଭୃତି ସେ ବଣ୍ଟନ କରୁଥିଲେ ।

# ‘ବିଦ୍ୟାରାଣ’ର ଅଡିଓ ଲୋକାର୍ପିତ



ଭୁବନେଶ୍ୱର, ୧୬/୦୬ (ନି.ପ୍ର): ରାଣ ପଡ଼ିଛି ଓଲିଉଡର ଚୁଲବୁଲି ଅଭିନେତ୍ରୀ ଶିବାନୀଙ୍କ ପାଇଁ ବାବୁଶାନ୍‌ଙ୍କ ବିଦ୍ୟାରଣ । ଆଉସ ଏ ବିଦ୍ୟାରାଣ ଫିଟିବ ଏଥର ରଥଯାତ୍ରା ରେ ।ତଥ୍ୟ ପ୍ରଡକ୍ସନ୍ ସିନେମା ‘ବିଦ୍ୟାରାଣ’ ପ୍ରସ୍ତୁତ କରିଛନ୍ତି । ରଜ ଅବସରରେ ଭୁବନେଶ୍ୱରସ୍ଥିତ ହୋଟେଲ ଏମ୍ପାୟାରସ ଠାରେ ଅଡିଓ ଧୁମ୍ ଧାମରେ ଏକ ବର୍ଣ୍ଣାଢ୍ୟ ପରିବେଶ ରେ ଲୋକାର୍ପିତ ହୋଇଯାଇଛି । ରଥଯାତ୍ରା ଅବସରରେ ‘ବିଦ୍ୟାରାଣ’ମୁକ୍ତିଲାଭ କରିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଏହାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ନିରଞ୍ଜନ ନାୟକ । କାହାଣୀ ସାଙ୍ଗକୁ ନିର୍ଦ୍ଦେଶନା ଭାର ବହନ କରିଛନ୍ତି ଜ୍ୟୋତିଦାସ । ପୂର୍ବରୁ ଜ୍ୟୋତିଙ୍କ ସହିତ ଶିବାନୀ କାମ କରିସାରିଥିଲାବେଳେ ବାବୁସାନଙ୍କ ଏହା ପ୍ରଥମ ସିନେମା । ଏହାର ସଂଳାପ ଲେଖିଛନ୍ତି ବାପୁ ଗୋସ୍ୱାମୀ । ଗୀତ ରଚନା ନିର୍ମଳ ନାୟକ ଓ ବାପୁ ଗୋସ୍ୱାମୀ କରିଥିଲାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ । ଗୀତଗୁଡ଼ିକୁ ଗାଇଛନ୍ତି ବାବୁସାନ୍ , ଅସୀମା ପଣ୍ଡା, ସ୍ୱୟମ ପାଢ଼ୀ, ଅନନ୍ୟା ଏବଂ ହ୍ୟୁମାନ ସାଗର । ଫିଲ୍ମରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅଭିନୟ କରୁଛନ୍ତି ଉତ୍ତମ ମହାନ୍ତି, ସାହେବ ସିଂହ, ରାଜା, ସୁଜିତ, ପୁପୁଲ ଭୂୟାଁ, ପ୍ରିୟଙ୍କା,ପିୟୁଷ, ବିଭୁ, ମାନ୍ୟତା ପ୍ରମୁଖ ଅଭିନୟ କରିଛନ୍ତି । ଆକ୍ସନ୍, ରୋମାନ୍ସ ଓ ପାରିବାରିକ ଆବେଗରେ ପରିପୂର୍ଣ୍ଣ ଏହି ସିନେମା ଦର୍ଶକଙ୍କ ମନୋରଞ୍ଜନ କରିବ ବୋଲି ନିର୍ଦ୍ଦେଶକ କହିଛନ୍ତି । ଅଡିଓ ଲୋକାର୍ପିତ ଉତ୍ସବରେ ‘ବିଦ୍ୟାରାଣ’ର ସମସ୍ତ କଳାକାର ଓ ଗୀତିକାର, ଗାୟକ ଓ ଗାୟିକା ଉପସ୍ଥିତ ଥିଲେ । ବିଦ୍ୟାରାଣ ର ସମସ୍ତ ଗୀତ ଏବଂ ଭିଡିଓ ଆମର ମ୍ୟୁଜିକ୍ ୟୁଟ୍ୟୁବ ଚ୍ୟାନେଲ ରେ ଦେଖିବାକୁ ମିଳିବ ।

# ଗୋଟିଏ ଦିନରେ ୪୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୬/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୭୩୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୪ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୩୮୧ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୭୬ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୨୪ ଜଣ ସଂଗରୋଧରୁ ଓ ୧୭ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୧. ଭଦ୍ରକ ଜିଲ୍ଲାରୁ ୧. କଟକ ଜିଲ୍ଲାରୁ ୫, ଜଗତସିଂହପୁର ଜିଲ୍ଲାରୁ ୧, ଖୋର୍ଧା ଜିଲ୍ଲାରୁ ୨୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୧, ସମ୍ବଲପୁର ଜିଲ୍ଲାରୁ ୨, ସୁନ୍ଦରଗଡ ଜିଲ୍ଲାରୁ ୨, ଷ୍ଟେଟ ପୁଲରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଉଦ୍‌ଜିବିତ ରହିବ ଓଡ଼ିଶାର ପରମ୍ପରା ଓ ସଂସ୍କୃତି



ଉଦଳା, ୧୬/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଅନ୍ତର୍ଗତ ଚୁଳିଆପୋଷୀ ଗ୍ରାମରେ ଓଡ଼ିଶାର ଗଣ ପର୍ବ ରଜ ଖୁବ୍ ଧୁମ ଧାମରେ ପାଳିତ ହୋଇ ଯାଇଛି । ଏହି ଅବସରରେ କିଶୋରୀ ମାନଙ୍କ ମଧ୍ୟରେ ପୁଚି, ଝୋଟୀ, ପାନ ଭଙ୍ଗା, ମେହେନ୍ଦି, ଅଳତା ଲଗା, ଦୋଳି ବନ୍ଧା, କାନ୍ଦଣା, ଶଙ୍ଖ ଫୁଙ୍କା ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ରାଉଳ, କଳ୍ପନା ହାଁସଦା, କିଶୋର ମହାପାତ୍ର, ପରିଚାଳନା କରିଥିଲେ । ଆଧୁନିକତାର ସ୍ପର୍ଶରେ ଧିରେ ଧିରେ ଗାଁରୁ ଆମ ଓଡ଼ିଶାର ପରମ୍ପରା ସଂସ୍କୃତି ହଜି ଯିବାକୁ ବସିଥିବା ବେଳେ ଏଭଳି ପ୍ରୟାସ ଦ୍ୱାରା ଉଦ୍‌ଜିବିତ ରହିବ ବୋଲି ଗ୍ରାମବାସୀ ମାନେ ମତ ଦେଇଛନ୍ତି ।

# ଗଣେଶଚନ୍ଦ୍ର ଜେନାଙ୍କୁ ଗୁରୁ ଗୌରବ ସମ୍ମାନ



ଜଳେଶ୍ୱର, ୧୬/୬(ନି.ପ୍ର): ଶିକ୍ଷକତା ସହିତ ସମାଜ ସେବା, ସାରସ୍ୱତ ସାଧନା, ନାଟକ ଅଭିନୟ, ସଂଗୀତ ରଚନା ଓ ସଂଯୋଜନା ଇତ୍ୟାଦି ତାଙ୍କର ଅବଦାନ ପାଇଁ ସେ ଅବିସ୍ମରଣୀୟ । ଗତ କରୋନା ସମୟରେ ନିଜ ଅଂଚଳରେ ବୁଲି ବୁଲି ପାଠ ପଢାଇବା, ମୋବାଇଲରେ ପାଠପଢା ଲାଗି ସଚେତନତା କରାଇବା, ବିଦ୍ୟାଳୟ ଛାଡୁଥବବା ପିଲାମାନଙ୍କୁ ସ୍ୱତନ୍ତ୍ରଭାବେ ଶିକ୍ଷାଦାନ ଦେବା, ମାସ୍କ ଓ ସେନିଟାଇଜର ବ୍ୟବହାର ଲାଗି ସଚେତନତା କରାଇବା । ରକ୍ତ ଦାନ ଓ ବସ୍ତ୍ର ଦାନ କରିବା ସହିତ ବିଭିନ୍ନ ସ୍ଥାନରେ ବୃକ୍ଷରୋପର କରି ଚର୍ଚ୍ଚାର ପରିଧିକୁ ଆସିଛନ୍ତି । ତେଣୁ ରାଜ୍ୟସ୍ତରୀୟ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ସ୍ୱନକ୍ଷତ୍ର ଦିବସ ଅବସରରେ ଶ୍ରୀ ଜେନାଙ୍କୁ ଗୁରୁ ଗୌରବ-୨୦୨୨ରେ ସମ୍ବର୍ଦ୍ଧିତ କରାଯାଇଛି । ସମ୍ମାନୀତ ହୋଇଥିବା ସଭାରେ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷିକେଷ ମଲ୍ଲିକ, ପଦ୍ମଶ୍ରୀ ଦେବିପ୍ରସାଦ ମିଶ୍ର, ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ, ପୂର୍ବତନ ସାଂସଦ ଡ. ପ୍ରଶନ୍ନ କୁମାର ପାଟଶାଣୀ, ହୁସେନରବି ଗାନ୍ଧୀ, ପାରିକୁଦର ରାଜା ସନ୍ତୋଷ କୁମାର ଦେଓ, ବିଧାୟକ ଅନନ୍ତ ନାରାୟଣ ଜେନା, ପ୍ରଦୀପ ବିଶ୍ୱାଳ, ସ୍ତମ୍ଭକାର ବିଣାପାଣି ଚୌଧୁରୀ, ଅନୁଷ୍ଠାନ ପ୍ରତିଷ୍ଠାତା ବଳରାମ ତରାଇ ଉପସ୍ଥିତ ଥିବା ବେଳେ ଚକ୍ରଧର ତ୍ରିପାଠୀ ସଭାପତିତ୍ୱ କରିଥିଲେ । ଗଣେଚନ୍ଦ୍ର ଜେନା ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ସନ୍ତୋଷପୁର ପଂଚାୟତର ପାଇଁଶକୋଲି କ୍ଲଷ୍ଟର ଗଂଗାଧରପୁର ସରକାରୀ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଜଣାଯାଇଛି ।

# ଓବେସିଙ୍କ ଶ୍ରୀମନ୍ଦିର ବାବଦରେ ବୀବାଦୀୟ ବୟାନ ଘଟଣା : ଥାନାରେ ଏତେଲା ଦେଲା ବଜରଙ୍ଗଦଳ



ବାରିପଦା, ୧୬/୦୬ (ନି.ପ୍ର): ହାଇଦ୍ରାବାଦ ଲୋକସଭା ସାଂସଦ ତଥା ଏଆଇଏମଆଇଏମ ର ନେତା ଅସଦୁଦ୍ଦିନ ଓବେସି ପୁରୀ ଶ୍ରୀମନ୍ଦିର ବୁଦ୍ଧଦେବଙ୍କ ସୌଧ ଉପରେ ନିର୍ମିତ ବୋଲି କହିଥିବାରୁ ଆଜି ବଜରଂଗ ଦଳ ମୟୂରଭଂଜ (ପୂର୍ବ) ସଂଗଠନ ପକ୍ଷରୁ ବାରିପଦା ଟାଉନ ଥାନାରେ ଏତେଲା ଦିଆଯାଇ ଥିବାର ଜଣାଯାଇଛି । ଏହା ବିଶ୍ୱ ପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରକୁ ନେଇ ବିଭ୍ରାନ୍ତିକର ହୀନ ଷଡଯନ୍ତ୍ର ଏବଂ ସମ୍ପୂର୍ଣ୍ଣ ମିଛ ଓ କପୋଳକଳ୍ପିତ । ଜଣେ ମୁସଲିମ ଦଳର ନେତା ଭାବେ ଯୋଜନା ପୂର୍ବକ ହିନ୍ଦୁ ଧର୍ମ ଭିତରେ ବିଭାଜନ ସୃଷ୍ଟି କରିବାପାଇଁ ଏଭଳି ବିବାଦସ୍ପଦ ମନ୍ତବ୍ୟ ପ୍ରଦାନ କରିଛନ୍ତି ଯାହାକି କୋଟି କୋଟି ଶ୍ରୀ ଜଗନ୍ନାଥ ପ୍ରେମୀ ମାନଙ୍କୁ ଗଭୀର ଆଘାତ ପହଂଚାଇଛି । ନିଜର ରାଜନୈତିକ ଫାଇଦା ନିମନ୍ତେ ଦେଶରେ ଅରାଜକ ସ୍ଥିତି ସୃଷ୍ଟି ନିମନ୍ତେ ସେ ପ୍ରୟାସ କରି ଥିବା ଏବଂ ଭାରତୀୟ ସଂସ୍କୃତି, ହିନ୍ଦୁ ଧାର୍ମିକ ଭାବନା କୁ କୁଠାରଘାତ କରି ସମାଜକୁ ହିଂସା ଭିତରକୁ ଠେଲିବାକୁ ଉତେଜକ ଭାଷଣ ମାଧ୍ୟମରେ ପ୍ରୟାସ କରୁଥିବା ଅଭିଯୋଗ ଆଣି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତେଲାରେ ନିବେଦନ କରାଯାଇଛି ।

# ସାହିତ୍ୟ ଏକାଡେମୀ ଓ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ଫକୀରମୋହନଙ୍କ ଶ୍ରାଦ୍ଧ ସଭା



ବାଲେଶ୍ୱର, ୧୬/୦୬ (ନି.ପ୍ର): ରଜ ସଂକ୍ରାନ୍ତିରେ ଫକୀରମୋହନ ସେନାପତିଙ୍କ ଦେହାନ୍ତ ହୋଇଥିବା କାରଣରୁ ସେହିଦିନ ସନ୍ଧ୍ୟାରେ ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତଭାବରେ ଫକୀରମୋହନଙ୍କ ଶ୍ରାଦ୍ଧଦିବସ ପାଳନ କରିଛନ୍ତି । ଉତ୍ସବରେ ପୌରୋହିତ୍ୟ କରି ଏକାଡେମୀର ଜିଲ୍ଲା ପ୍ରତିନିଧି କବି ଭରତ ଚନ୍ଦ୍ର ଦାଶ ସାହିତ୍ୟର ସବୁଦିଗରେ ଲେଖନୀ ଚାଳନା କରି ଫକୀରମୋହନ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛନ୍ତି ବୋଲି ବକ୍ତବ୍ୟ ରଖିଥିଲେ । କବିଙ୍କର ଆତ୍ମଚରିତର ମୂଳରୂପ ଏଯାବତ୍ ପ୍ରକାଶ ହୋଇପାରିନଥିବାରୁ ସାହିତ୍ୟ ଏକାଡେମୀ ତାହାର ପ୍ରକାଶ ପାଇଁ ଉଦ୍ୟମ କରିବା ଉଚିତ ବୋଲି ସେ ମତ ଦେଇଥିଲେ । ମୁଖ୍ୟ ଅତିଥି ଡ.ପ୍ରହ୍ଲାଦ ଚରଣ ମହାନ୍ତି ଫକୀରମୋହନଙ୍କ ସାହିତ୍ୟରେ ବିବିଧତା ଦେଖିବାକୁ ମିଳେ ବୋଲି କହି ସେ ଏକସଙ୍ଗରେ କିପରି ହାସ୍ୟ ଓ କରୁଣରସର ଅବତାରଣା କରିଛନ୍ତି ତାହା ଦର୍ଶାଇଥିଲେ । ମୁଖ୍ୟବକ୍ତା ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଫକୀରମୋହନଙ୍କ ସାହିତ୍ୟର ପ୍ରତ୍ୟେକ ଅଂଶ କିପରି ଗୁରୁତ୍ୱପୂର୍ଣ୍ଣ ତାହା ପ୍ରକାଶ କରିବା ସଙ୍ଗେ ସଙ୍ଗେ ତାଙ୍କ ସମ୍ପର୍କରେ ଗଙ୍ଗାଧର ରଚନା କରିଥିବା ଗଦ୍ୟ ପଦ୍ୟର ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ‘ରେବତୀ’ର ସମ୍ପାଦିକା ସୁବାସିନୀ ଜେନା ସେନାପତିଙ୍କ ବାଲ୍ୟଜୀବନର କେତେକ କଥା ଉଲ୍ଲେଖ କରିଥିବାବେଳେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଫକୀରମୋହନଙ୍କ ଜୀବିତାବସ୍ଥାରୁ ତାଙ୍କ ଜୀବନୀକୁ କିପରିଭାବରେ ପ୍ରକାଶ କରାଯାଇଛି ତାହାର ବିଶଦ ଆଲୋଚନା କରିଥିଲେ । ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚନା ଓ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ଫକୀରମୋହନଙ୍କ ସମ୍ପର୍କିତ ଏକ ଗୀତକୁ ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ସ୍ନିଗ୍ଧା ସାମନ୍ତରାୟ, ବାସନ୍ତୀ ଦେ, ଶାନ୍ତିଲତା ବିଶି ଓ କୃଷ୍ଣା ପ୍ରଧାନ ପରିବେଷଣ କରିଥିଲେ ଓ ତବଲାରେ ଲକ୍ଷ୍ମୀଧର ବେହେରା ସହଯୋଗ କରିଥିଲେ । ତପନ ରାୟ ଓ ରାଜେଶ ଗିରିଙ୍କ ସଂଯୋଜନାରେ ସଙ୍ଗୀତ ବିଶାରଦ ଚାରୁଲତା ମିଶ୍ର, କବି ଉମେଶ ବାରିକ, ଲେଖକ ଇଂ.ସୁରେନ୍ଦ୍ର ନାଥ ଦାସ, କବୟିତ୍ରୀ ଯଶୋଧାରା ଦାସ, ସାମ୍ବାଦିକ ଓ ସମାଜସେବୀ ଲକ୍ଷ୍ମୀଧର ବେହେରା, ସାହିତ୍ୟିକ ଯୋଗୀ ବଂଶୀଧର ମିଶ୍ର, ନାଟ୍ୟକାର ମାଧବ ଚନ୍ଦ୍ର ପରିଡ଼ା, ସାରସ୍ୱତ ସାଧିକା ଅରୁଣା ରାୟ, ନୃତ୍ୟଶିଳ୍ପୀ ଓ ସମାଜସେବୀ ଅନସୂୟା ନାୟକ, ସଂଗୀତଜ୍ଞ ମନୋରଞ୍ଜନ ମହାନ୍ତି ଓ ଅଭିନେତା ତଥା ନିର୍ଦ୍ଦେଶକ ନିରଞ୍ଜନ ରାଉତଙ୍କୁ ରତ୍ନୋତ୍ସବ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ରମେଶ ଚନ୍ଦ୍ର ଜେନାଙ୍କ ତିନିଖଣ୍ଡ ଉପନ୍ୟାସ ଉନ୍ମୋଚିତ



ବାଲେଶ୍ୱର, ୧୬/୦୬ (ନି.ପ୍ର): କଥାକାର ରମେଶ ଚନ୍ଦ୍ର ଜେନାଙ୍କ ଲିଖିତ ତଥା ‘ସୁବର୍ଣ୍ଣଶ୍ରୀ ପ୍ରକାଶିନୀ’, ବାଲେଶ୍ୱର ଦ୍ୱାରା ପ୍ରକାଶିତ ତିନିଖଣ୍ଡ ନୂତନ ଉପନ୍ୟାସର ଶୁଭ ଉନ୍ମୋଚନ ଉତ୍ସବ ପବିତ୍ର ସ୍ନାନପୂର୍ଣ୍ଣିମା ତିଥି ପହିଲି ରଜ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ସହରସ୍ଥ ଆତିଥ୍ୟ ସଭାଗୃହରେ ଅନୁଷ୍ଠିତ ଏହି ବର୍ଣ୍ଣାଢ଼୍ୟ ପୁସ୍ତକ ଉନ୍ମୋଚନ ଉତ୍ସବରେ ସଭାପତିତ୍ୱ କରିଥିଲେ ‘ସୁବର୍ଣ୍ଣଶ୍ରୀ ପ୍ରକାଶିନୀ’ର ପ୍ରକାଶକ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା । ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର୍ ଡ.ମଣୀନ୍ଦ୍ର କୁମାର ମେହେର, ବରେଣ୍ୟ ଅତିଥି ଭାବରେ ବିଶିଷ୍ଟ ସ୍ତମ୍ଭକାର ତଥା ଲେଖକ ଡା.ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗ ଦେଇଥିବା ବେଳେ ପୁସ୍ତକର ସମୀକ୍ଷକ ଭାବେ ସାହିତ୍ୟ ସମାଲୋଚକ ଡ.ରାଧାରଞ୍ଜନ ପଟ୍ଟନାୟକ, ଡ.ମଥୁରାନାଥ ହୋତା, ଡ.ଗୀତାଶ୍ରୀ ପ୍ରିୟମ୍ବଦା ଯୋଗଦେଇ ପୁସ୍ତକଗୁଡ଼ିକର ସମୀକ୍ଷା କରି ରମେଶ ଚନ୍ଦ୍ର ଜେନାଙ୍କ କାହାଣୀ ଖୁବ୍ ମନଛୁଆଁ ଓ ହୃଦୟସ୍ପର୍ଶୀ ହେବା ସହ ଏହା ନିୟତି ବିରୁଦ୍ଧରେ ଲେଖକର ସଂଗ୍ରାମ ବୋଲି ବର୍ଣ୍ଣନା କରିଥିଲେ । ‘ସାବିତ୍ରୀ’, ‘ତପସ୍ୱିନୀ’, ‘ଅମୃତ ସନ୍ତାନ’ ଭଳି ମହାନ ଗ୍ରନ୍ଥଗୁଡ଼ିକ ଯେଭଳି ଭାବେ ନିୟତିର ବିରୁଦ୍ଧରେ ସ୍ରଷ୍ଟା ନିଜର ଲେଖନୀମୂନରେ ସଂଗ୍ରାମ ତୋଳିଥିଲେ ସେହିଭଳି ଭାବେ ଔପନ୍ୟାସିକ ରମେଶ ଚନ୍ଦ୍ର ଜେନା ତାଙ୍କର ସାବଲୀଳ ପ୍ରକାଶଭଙ୍ଗୀରେ ସାଧାରଣ ପାଠକଙ୍କଠାରୁ ବୁଦ୍ଧିଜୀବୀ ଶ୍ରେଣୀର ପାଠକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପ୍ରଭାବିତ କରିବା ଭଳି ସମାଜରେ ସଂଘଠିତ ହେଉଥିବା ବାସ୍ତବ କାହାଣୀକୁ ନିଜର କଥାବସ୍ତୁରେ ରୂପାୟିତ କରିଛନ୍ତି । ଦୀର୍ଘ ବୃତ୍ତିଗତ ଓ ସାମାଜିକ ଜୀବନର ଅଭିଜ୍ଞତା ଓ ଅନୁଭୂତିରୁ ସାଉଁଟି ଥିବା କାହାଣୀଗୁଡ଼ିକ ପାଠକଙ୍କ ମନରେ ଗଭୀର ଭାବାନ୍ତର ସୃଷ୍ଟି କରିବାରେ ସାମର୍ଥ୍ୟ ରଖେ । ଅତିଥିମାନଙ୍କ ହସ୍ତରେ ସମ୍ମିଳିତ ଭାବେ ଉନ୍ମୋଚିତ ହୋଇଥିଲା ‘ନିଷ୍ଠୁର ନିୟତି’, ‘ଗଙ୍ଗା ପାପ କଲେ ଧୋଇବ କିଏ’ ଏବଂ ‘କଲମ କାନ୍ଦୁଛି କାହାଣୀ ଲେଖି’ ନାମକ ତିନିଗୋଟି ଉପନ୍ୟାସ । ତିନିଗୋଟି ଉପନ୍ୟାସର ଲେଖକ ରମେଶ ଚନ୍ଦ୍ର ଜେନା ନିଜ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲା ବେଳେ ଅଧାପକ ପ୍ରଦୀପ୍ତ କୁମାର ମିଶ୍ର ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅଧାପକ କାର୍ତ୍ତିକ ଚନ୍ଦ୍ର ଜେନା ବେଦପାଠ କରିଥିବା ବେଳେ ଲେଖକଙ୍କ ପରିବାରବର୍ଗ ସମେତ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo